

ସର୍ବକନିଷ୍ଠ ଭାରତୀୟ ଯୁକେ ମେୟର

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 58 ଭାଗ ୩୪ | ସଂଖ୍ୟା ୫୮ | Wednesday 20 May 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୦ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପ୍ରସ୍ତୁତ ହେବ ପୂର୍ବ ଭାରତର କୃଷି ରୋଡମ୍ୟାପ୍

# ‘ପୂର୍ବୋଦୟ’ ମିଶନର ନୂଆ ମାଇଲଖୁଣ୍ଟ

**ଓଡ଼ିଶାର କୃଷି ବିକାଶକୁ କେନ୍ଦ୍ରର ପ୍ରଶଂସା**

**ପୂର୍ବ ଭାରତର ଉର୍ବର ଭୂମି ଓ ଜଳବାୟୁ ଚାଷୀଙ୍କ ପ୍ରଗତିର ଇନ୍ଧନ**

**ମାଟି ଓ ଫସଲ ଗୁଣବତ୍ତା ପାଇଁ କେମିକାଲ ବ୍ୟବହାର କମାଇବା ଜରୁରୀ**

**ନକଲି ସାର କାରବାର କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ:ଶିବରାଜ ସିଂ**

**ପ୍ରତି ବ୍ଲକରେ ବିଲୁପ୍ତପ୍ରାୟ ଶସ୍ୟକୁ ପୁନର୍ଜୀବିତ କରାଯିବ:ମୁଖ୍ୟମନ୍ତ୍ରୀ**

**‘ସମୃଦ୍ଧ କୃଷକ ଯୋଜନା’ରେ ୧୯ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି**

**ପୂର୍ବ ଭାରତରେ ୫ ରାଜ୍ୟର କୃଷି ବିକାଶରେ ଆସିବ ବଡ଼ ବିପ୍ଳବ**




ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃ ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରଠାରେ ଆଜି ‘ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ -୨୦୨୬’ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହୋଇଛି ରୋଡ ମ୍ୟାପ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଟିର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ କହିଛନ୍ତି, ଯେ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ସେହିଭଳି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର ଚାଷୀ ଓ କୃଷି ବିକାଶର ଭୂୟସୀ ପ୍ରଶଂସା କରିଛନ୍ତି।

ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। କୃଷକମାନଙ୍କ ସମ୍ମାନରେ କେନ୍ଦ୍ର କୃଷି ମନ୍ତ୍ରୀ କହିଛନ୍ତି ଯେ, କୃଷକ ହେଉଛି ଆମର ଅନ୍ନଦାତା ଏବଂ ଯଦି ଏହି ଧରାପୃଷ୍ଠରେ କେହି ଦ୍ୱିତୀୟ ଭଗବାନ ଥାଏ, ତେବେ ସେ ହେଉଛି ଜଣେ କୃଷକ। ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ପାଇଁ ନିଶ୍ଚିତ ରୂପେ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ବର୍ତ୍ତମାନର ବିଶ୍ୱସ୍ତରୀୟ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ଚାଷ ବା ‘ନେଚୁରାଲ୍ ଫାର୍ମିଂ’ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଛନ୍ତି। ସେ ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଚାଷୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମରେ ପାଞ୍ଚ ଭାଗରୁ ଭାଗେ ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ। ଏହାଦ୍ୱାରା ରାସାୟନିକ ସାରର ଆବଶ୍ୟକତା ଧୀରେ ଧୀରେ ହ୍ରାସ ପାଇବ ଏବଂ ମାଟିର ଉର୍ବରତା ବଜାୟ ରହିବ। ଏଥିସହ ନକଲି ସାର ଓ କୀଟନାଶକ କାରବାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କେନ୍ଦ୍ର ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ଏକ ନୂଆ ‘ପେଷ୍ଟିସାଇଡ୍ ଆକ୍ଟ’ ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ➾ପୃଷ୍ଠା-୬

### ପୁଣି ମହଙ୍ଗା ମାଡ଼

# ୫ ଦିନରେ ଦ୍ୱିତୀୟ ଥର ବଢ଼ିଲା ତେଲ ଦର




ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃ ପୁଣି ମହଙ୍ଗା ହେଲା ପେଟ୍ରୋଲ ଓ ଡିଜେଲ ଦର। ପାଞ୍ଚ ଦିନ ଭିତରେ ଦ୍ୱିତୀୟ ଥର ପାଇଁ ତେଲ ଦର ବଢ଼ିଛି। ଏହି ବୃଦ୍ଧି ଫଳରେ ଓଡିଶାରେ ପେଟ୍ରେଲ ଦର ୧୦୫ଟଙ୍କା ଅତିକ୍ରମ କରିଛି। ଏଥିସହିତ ସାଧାରଣ ଲୋକଙ୍କ ଉପରେ ହୋଇଛି ମହଙ୍ଗା ମାଡ। ଗାଡ଼ିରେ ତେଲ ଭରିବା ଏବେ ମଧ୍ୟବିତ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ମାତ୍ର ୫ ଦିନ ମଧ୍ୟରେ ଦୁଇ ଦୁଇଥର ତୈଳ ଦର ବଢିଲାଣି। ଶୁକ୍ରବାର ପେଟ୍ରୋଲ ଓ ଡିଜେଲ୍ ଦାମ୍ ୩ ଟଙ୍କା ବଢ଼ିଥିବା ବେଳେ, ଆଜି ପୁଣି ଲିଟର ପିଛା ପ୍ରାୟ ୯୦ ପଇସା ମହଙ୍ଗା ହୋଇଛି। ଏହାଦ୍ୱାରା ଭୁବନେଶ୍ୱରରେ ପେଟ୍ରୋଲ ୧୦୫ ଟଙ୍କା ୪୪ ପଇସା ଓ ଡିଜେଲ ଦର ଲିଟାର ପିଛା ୯୬ ଟଙ୍କା ୯୫ ପଇସା ହୋଇଛି। ୫ ଦିନରେ ତୈଳ ଦର ବୃଦ୍ଧିକୁ ନେଇ ସାଧାରଣ ଗ୍ରାହକ ଭିତରେ ଦେଖାଦେଇଛି ଅସନ୍ତୋଷ। ଦରବୃଦ୍ଧି ଯୋଗୁଁ ପରିବାର ଚଳାଇବା କଷ୍ଟ ➾ପୃଷ୍ଠା-୬

## ସମ୍ବଲପୁରରେ ପୁଣି ଏନ୍‌କାଉଣ୍ଟର

ସମ୍ବଲପୁର, ୧୯।୫ (ସଂଚାର ବ୍ୟୁରୋ)ଃ ସମ୍ବଲପୁରରେ ପୁଣି ଏନକାଉଣ୍ଟର। କୁଖ୍ୟାତ ଅପରାଧୀ ବଣ୍ଟି ସୁନାକୁ ଏନକାଉଣ୍ଟର କରିଛି ପୁଲିସ। ଚାରମାଳ ଥାନା ମୋଚିବାହାଲ ଅଞ୍ଚଳରେ ପୋଲିସ ତାକୁ ଏନକାଉଣ୍ଟର କରିଥିବା ବେଳେ ତାର ବାମ ଗୋଡରେ ଗୁଳି ବାଜିଛି। ଆହତ ବଣ୍ଟିକୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅସ୍ତ୍ରଶସ୍ତ୍ର ମହଜୁଦ ରଖିବା ଓ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିଲା ବଣ୍ଟି। ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାରେ ତା ନାଁରେ ପ୍ରାୟ ୧୬ଟି ମାମଲା ରହିଛି। ଦିନକ ତଳେ ସମ୍ବଲପୁରରେ ପୋଲିସ ଆଉ ଏକ ଏନକାଉଣ୍ଟର କରିଥିଲା। ବୁର୍ଲାରେ ପୋଲିସ ଗୁଳିରେ ଆହତ ହୋଇଥିଲା ଦୁର୍ଦ୍ଧାନ୍ତ ଅପରାଧୀ ମନୀଷ ସାହୁ। ତା ନାଁରେ ଡକାୟତି, ଲୁଟ, ଆର୍ମ୍ସ ଆକ୍ଟ ଓ କୋରେକ୍ସ କାରବାର ସମେତ ୧୪ରୁ ଅଧିକ ମାମଲା ରହିଥିଲା।

**କୁଖ୍ୟାତ ଅପରାଧୀ ବଣ୍ଟି ସୁନା ଆହତ**

## ମନଇଚ୍ଛା ଖୋଳି ପାରିବେନି ରାସ୍ତା

ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃ ଏଣିକି ରାସ୍ତା ଖୋଳିଲେ ନେବାକୁ ପଡ଼ିବ ପୂର୍ତ୍ତ ବିଭାଗରୁ ଅନୁମତି। କୌଣସି ବିଭାଗ ମନ ଇଚ୍ଛା ଖୋଳି ପାରିବେନି ରାସ୍ତା। ଏନେଇ ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, ଯେଉଁମାନେ ରାସ୍ତା ଖୋଳିବେ, ସେମାନେ ପୂର୍ତ୍ତ ବିଭାଗରୁ ଅନୁମତି ନେବେ। ଯେତେବେଳେ ମରାମତି କରିବେ ସେତେବେଳେ ପୂର୍ତ୍ତ ବିଭାଗର ଏସଓପି ଅନୁସାରେ ମରାମତି କରିବେ। ଜଳଯୋଗାଣ, ଶକ୍ତି ଭଳି ସମସ୍ତ ବିଭାଗକୁ ଏହି ଏସଓପି ଦିଆଯାଇଛି।

# ଏବେ ତାତିରୁ ନିସ୍ତାର ମିଳିବନି



**୧୮ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ**

**୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅଧିକାଂଶ ସ୍ଥାନରେ ଗୁଳୁଗୁଳି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହେଉଥିବା ଖବର ମିଳିଛି। ମଙ୍ଗଳବାର ରାଜ୍ୟର ୧୮ଟି ସ୍ଥାନର ତାପମାତ୍ର ୪୦ ଡିଗ୍ରୀ ସେଲସିଅସ୍ ଉପରେ ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ତା’ର ରିପୋର୍ଟରେ ପ୍ରକାଶ କରିଛି। ଏଥିସହ ଆସନ୍ତା ପାଞ୍ଚଦିନ ଯାଏ ତାତିରୁ ନିସ୍ତାର ମିଳିବନି ବୋଲି ପାଣିପାଗ ବିଭାଗ କହିଛି ସତର୍କ କରିଦେଇଛି। ଏହି ସମୟ ମଧ୍ୟରେ ହାଲୁକାରୁ ମଧ୍ୟମଧରଣର ବର୍ଷା, ଘଡ଼ଘଡ଼ି ତଥା ଧୂଳିଝଡ଼ ହେଇପାରେ ବୋଲି ଭାରତୀୟ ପାଣିପାଗ ତା’ର ସାତଦିନିଆ ପାଣିପାଗ ନିର୍ଦ୍ଦେଶାବଳୀରେ ସତର୍କ ସୂଚନା ଜାରିକରିଛି।

ସୂଚନାଯୋଗ୍ୟ ଯେ, ୪୪.୮ ଡିଗ୍ରୀ ତାପମାତ୍ରା ସହିତ ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ତତଲା ଜିଲା ତାଲିକାର ଆଗରେ ରହିଛି। ହୀରାକୁଦରେ ତାପମାତ୍ରା ୪୪.୦ ଡିଗ୍ରି ସେଲସିଅସ୍ ➾ପୃଷ୍ଠା-୬

# ଦେଶ ଏବେ ନକ୍ସଲମୁକ୍ତ



**୩ ଦିନିଆ ଛତିଶଗଡ଼ ଗସ୍ତରେ ଗୃହମନ୍ତ୍ରୀ**

**ପୋଲିସ ଶିବିର ହେବ ଜନସେବା କେନ୍ଦ୍ର**

ରାୟପୁର, ୧୯।୫ଃ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରାଯିବ ବୋଲି ଭାରତୀୟ ଜନତା ପାର୍ଟି (ବିଜେପି) ଯେଉଁ ପ୍ରତିଶ୍ରୁତି ଦେଇଥିଲା ଦଳ ତାହା ପୂରଣ କରିଛି। ଆମ ସୁରକ୍ଷା ବାହିନୀର ବୀରତ୍ୱ, ସାହସ ଓ ବଳିଦାନ ଯୋଗୁ ୨୦୨୬ ମାର୍ଚ୍ଚ ୩୧ ପୂର୍ବରୁ ଦେଶରୁ ନକ୍ସଲବାଦର ବିଲୋପ ଘଟିଛି ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରକାଶ କରିଛନ୍ତି। ମଙ୍ଗଳବାର ଛତିଶଗଡ଼ର ଜଗଦଲପୁରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ, ୨୦୨୪ ଅଗଷ୍ଟ ୨୪ ତାରିଖରେ ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ବୈଠକରେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ ବିଜେପି ଘୋଷଣା କରିଥିଲା। ଏବେ ଦେଶରୁ ନକ୍ସଲବାଦର ବିଲୋପ ଘଟିଛି।

ଏକ ତିନିଦିନିଆ ଛତିଶଗଡ଼ ଗସ୍ତରେ ଆସିଥିବା ଶାହ କହିଛନ୍ତି ଯେ, ବସ୍ତରରେ ସ୍ଥାୟୀ ➾ପୃଷ୍ଠା-୬

# ସୋସିଆଲ ମିଡିଆ ପରିଚାଳନାରେ ନାଖୁସ୍ ନୀତିନ



**ପ୍ରଭାବୀ ଢଙ୍ଗରେ ବିରୋଧୀଙ୍କୁ କାଉଣ୍ଟର କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃ ରାଜ୍ୟ ବିଜେପିର ସୋସିଆଲ ମିଡିଆ ଯାହା ଗୋଟେ ସମୟରେ ତତ୍କାଳୀନ ସରକାରକୁ ଅଡୁଆରେ ପକାଇଥିଲା, ସେହି ଓ୍ୱିଙ୍ଗର କାର୍ଯ୍ୟକୁ ନେଇ ସନ୍ତୁଷ୍ଟ ନୁହଁନ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ବିଭିନ୍ନ ଘଟଣାକୁ ନେଇ ସୋସିଆଲ ମିଡିଆରେ ଦଳ ଓ ସରକାରର ଛବି ମଳିନ ହେଉଥିବା ବେଳେ ତାର ପ୍ରଭାବୀ କାଉଣ୍ଟର କରାଯାଇପାରୁନି। ଗତକାଲି ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା ବେଳେ ଏନେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅସନ୍ତୋଷ ପ୍ରକାଶ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ସୋସିଆଲ ମଡିଆକୁ ଜଗିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁସବୁ ଘଟଣାରେ ସରକାର ଓ ଦଳର ଭାବମୂର୍ତ୍ତି ପ୍ରଭାବିତ ହେଉଛି ତାର କାହିଁକି କାଉଣ୍ଟର କରାଯାଉନାହିଁ ➾ପୃଷ୍ଠା-୬

# ଆଜି ସବୁ ମେଡିସିନ ଦୋକାନ ବନ୍ଦ



**ଅନଲାଇନ ଔଷଧ ବିକ୍ରିକୁ ବିରୋଧ**

**ଜାରି ହେଲା ୭ ସୂତ୍ରୀ ଗାଇଡଲାଇନ୍**

ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃମେ’ ୨୦ରେ ଦେଶର ୧୨ ଲକ୍ଷ ଔଷଧ ଦୋକାନ ବନ୍ଦ ରହିବା ସହିତ ଓଡ଼ିଶାର ସମସ୍ତ ଘରୋଇ ମେଡିସିନ୍ ଷ୍ଟୋର ବନ୍ଦ ରହିବ। ଅନଲାଇନ୍ ଔଷଧ ବିକ୍ରିକୁ ବିରୋଧ କରି ୩ ଦଫା ଦାବିରେ ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ଦେଶବ୍ୟାପୀ ମେଡିକାଲ୍ ଷ୍ଟୋର ବନ୍ଦ ଡାକରା ଦିଆଯାଇଛି। ରିହାତି ଦ୍ୱାରା କର୍ପୋରେଟ୍ ସଂସ୍ଥା ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ସଂଘ ଦାବି କରିଛି। ପୂର୍ବରୁ ଏନେଇ ସଂଘ ଘୋଷଣା କରିଥିବା ବେଳେ ଆସନ୍ତାକାଲି ସବୁ ଔଷଧ ଦୋକାନ ବନ୍ଦ ରହିଲେ ସାଧାରଣ ଜୀବନଯାପନ ପ୍ରଭାବିତ ହେବାର ଆଶଙ୍କା ରହିଛି।

ଏଭଳି ସ୍ଥିରେ ଜରୁରୀ ଔଷଧ ଯୋଗାଣ ଯେମିତି ପ୍ରଭାବିତ ନହୁଏ, ସେଥିପାଇଁ ପ୍ରସ୍ତୁତ ରହିବାକୁ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଡ୍ରଗ୍ସ ଇନ୍ସପେକ୍ଟର ଓ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରମାନଙ୍କୁ ଜରୁରୀ ପ୍ରସ୍ତୁତି ନେବାକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ବିଶେଷ କରି ଜୀବନରକ୍ଷାକାରୀ ଔଷଧର ଯେପରି ଅଭାବ ନହୁଏ ସେନେଇ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବନ୍ଦ ବେଳେ ହସ୍ପିଟାଲ୍‌ରେ ଥିବା ମେଡିକାଲ୍ ଷ୍ଟୋର ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ନିର୍ଦ୍ଦେଶାବଳୀ ଅନୁସାରେ ସରକାରୀ ଓ ବେସରକାରୀ ହସ୍ପିଟାଲ୍ ସହ ସମସ୍ତ ଇନ୍-ହାଉସ୍ ଫାର୍ମାସି ଏବଂ ୨୪ ଘଣ୍ଟିଆ ମେଡିସିନ୍ ଷ୍ଟୋରଗୁଡ଼ିକୁ ଖୋଲା ରଖିବା ପାଇଁ ଆବଶ୍ୟକ ଅତିରିକ୍ତ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରିବାକୁ କୁହାଯାଇଛି । ➾ପୃଷ୍ଠା-୬

# ବ୍ରହ୍ମପୁରରୁ ଭୁବନେଶ୍ୱର ଲମ୍ବିଛି କେବିଏନ୍ ଚେର

**ଗଣ୍ଡଗୋଳ ଠାରୁ ନିଶା କାରବାରରେ ଜଡିତ**

**ସବୁ ଜାଣି ଅଜଣା ସାଜିଛି ପୁଲିସ**



ଭୁବନେଶ୍ୱର୧୯।୫ (ସଂଚାର ବ୍ୟୁରୋ)ଃ ବ୍ରହ୍ମପୁରରେ ଯୁବକ ଯୁବତୀଙ୍କ ସର୍ବ ସମ୍ମୁଖରେ ଠେଙ୍ଗାମାଡ ପରେ ଏହା ଗୋଷ୍ଠିକନ୍ଦଳ ବୋଲି କୁହାଯାଉଥିବାବେଳେ ଏଥିରେ କେବିଏନ୍ ଗୋଷ୍ଠି ଜଡିତ ଥିବା ପଦାକୁ ଆସିଛି। ମାଡ ଖାଇଥିବା ଯୁବକ କେବିଏନ୍ ଗୋଷ୍ଠିର ହୋଇଥିବାବେଳେ ପୂର୍ବରୁ ସମ୍ପୃକ୍ତ ଯୁବକ ନାଁରେ ମଧ୍ୟ ଏକାଧିକ ମାମଲା ରହିଛି। ପତିଆରା ଯୁଦ୍ଧ ପାଇଁ ଏହି ଠେଙ୍ଗାମାଡ ହୋଇଥିବାବେଳେ କେବିଏନ୍ ଗୋଷ୍ଠିର ଚେର ବ୍ରହ୍ମପୁରରୁ ରାଜଧାନୀ ପର୍ଯ୍ୟନ୍ତ ଲମ୍ବିଥିବା ଜଣାଯାଇଛି।

ରାଜଧାନୀରେ କେବିଏନ୍ ନାଁରେ ଗଢାଯାଇଥିବା ଗୋଷ୍ଠିରେ ବି ଏକାଧିକ ଯୁବକ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ନିଜର ପତିଆରା ଦେଖାଇବାପାଇଁ ରାସ୍ତା ଉପରେ ବିଶୃଙ୍ଖଳ ଭାବେ ଗାଡି ଚଲାଇବା ଠାରୁ ଆରମ୍ଭକରି ଖଣ୍ଡା ବୁଲାଇବାର ନଜିର ରହିଛି। ଏପରିକି ଏହି ଗୋଷ୍ଠିର କିଛି ଯୁବକ ବେଆଇନ୍ ନିଶା କାରବାର ଠାରୁ ଆରମ୍ଭ କରି ରାଜଧାନୀର ବିଭିନ୍ନ ସ୍ଥାନରେ ଗଣ୍ଡଗୋଳରେ ଲିପ୍ତ ରହୁଥିବାର ନଜିର ମଧ୍ୟ ରହିଛି।

ଗତ କିଛି ଦିନ ହେଲା କମିଶନରେଟ ପୁଲିସ୍ କେବିଏନ୍ ଗୋଷ୍ଠି ଉପରେ ନଜର ଯୋଗୁଁ ଏହି ଯୁବକମାନେ ଯଦିଓ ପୂର୍ବଭଳି ଉତ୍ପାତ କରୁନାହାନ୍ତି କିନ୍ତୁ ସେମାନଙ୍କ ଗୋଷ୍ଠି ସକ୍ରିୟ ରହିଥିବା ଜଣାଯାଇଛି। ଏମାନେ ଶିକ୍ଷିତ ଯୁବକମାନଙ୍କୁ ନିଜ ଦଳରେ ସାମିଲ କରିବା ସହିତ ବିଭିନ୍ନ ରାଜନୈତିକ ଦଳ ସହିତ ଜଡିତ ଥିବା ପୁଲିସ୍ ଜାଣିବାକୁ ପାଇଛି। ବର୍ତ୍ତମାନ ➾ପୃଷ୍ଠା-୬

### ବ୍ରହ୍ମପୁର ଘଟଣାରେ ନବୀନଙ୍କ ଉଦବେଗ

# ଅପରାଧୀଙ୍କ ହାତରେ ରାଜ୍ୟ

**ଗୁଣ୍ଡା ପୋଷିଥିଲା ବିଜେଡିଃସରୋଜ**



ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବ୍ରହ୍ମପୁରର ବିଚ୍ ରାସ୍ତାରେ ଜଣେ ଯୁବକ ଏବଂ ମହିଳାଙ୍କୁ ସର୍ବସମ୍ମୁଖରେ ଅତି ନିର୍ମମ ଭାବେ ଆକ୍ରମଣ ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଏ ଦୃଶ୍ୟ ଅତ୍ୟନ୍ତ ଅମାନୁଷିକ। ସାରା ଓଡ଼ିଶାବାସୀଙ୍କୁ ଏହା ଆତଙ୍କିତ ଓ ବିଚଳିତ କରିଛି। ଲାଗୁଛି ବିଜେପି ସରକାର ଓଡ଼ିଶାକୁ ଅପରାଧୀଙ୍କ ହାତକୁ ଟେକି ଦେଇଛି। ଭୟଶୂନ୍ୟ ହୋଇ ଅପରାଧିମାନେ ଅତ୍ୟନ୍ତ ନୃଶଂସ କାଣ୍ଡ ଘଟାଉଛନ୍ତି। କୁଆଡ଼େ ଯାଉଛି ପୋଲିସ ପ୍ରଶାସନ, କୁଆଡ଼େ ଯାଉଛି ଆଇନ କାନୁନର ବ୍ୟବସ୍ଥା ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଜେପି ସରକାର ଉତ୍ସବରେ ମାତି ସାଧାରଣ ଜନତାଙ୍କ ସୁରକ୍ଷାକୁ ଆଉ କେତେ ବିପନ୍ନ କରିବ? ଓଡ଼ିଶା କେତେ ଆଉ ଲଜ୍ଜିତ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ମିଛ ବାହାସ୍ଫୋଟରେ ସରକାର ଚାଲେନି, ଲୋକଙ୍କୁ ସୁରକ୍ଷା ଦରକାର। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଗୁଣ୍ଡାରାଜ୍ ଶାସନ ପାଇଁ ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି। ବିଜେପି ସରକାର ଅପରାଧୀଙ୍କୁ ସୁରକ୍ଷା ଦେବା ଛାଡୁ। ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ➾ପୃଷ୍ଠା-୬

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ




କେନ୍ଦ୍ରାପଡ଼ା,୧୯।୫ (ସଂଚାର ବ୍ୟୁରୋ): ଆସନ୍ତା ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ମହାକାଳପଡା ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଡିଓ, ତହସିଲଦାର, କେନ୍ଦ୍ରାପଡା ଏବଂ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡିକର ମରାମତି ଓ ସୁରକ୍ଷା, ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ନିର୍ବିଘ୍ନ ପ୍ରବାହ, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଣିପାଗ ସତର୍କବାଣୀ ଓ ବନ୍ୟା ବୁଲେଟିନ୍‌ର ତ୍ୱରିତ ପ୍ରଚାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟାପ୍ରବଣ ଅଞ୍ଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିଚ୍ଛନତା, ପଶୁ ଚିକିତ୍ସା ଓ କୃଷି ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଆଶ୍ରୟସ୍ଥଳ ଗୁଡିକ ପ୍ରସ୍ତୁତ ରଖିବା ସହିତ, ପାନୀୟ ଜଳ, ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା, ରାସ୍ତା ଓ ପରିବହନ ବ୍ୟବସ୍ଥା ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଏଥିସହିତ ଓଡ୍ରାଫ, ଏନଡିଆରଏଫ ଓ ସୁରକ୍ଷା ବାହିନୀ ମୃତୟନ ପାଇଁ ପୂର୍ବ ପ୍ରସ୍ତୁତି ଏବଂ ବନ୍ୟା ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ରିଲିଫ ଟିମ ଗଠନ ଉପରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ, ଦୂରସଂଚାର, ସଡକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସେବାର ଶୀଘ୍ର ପୁନଃସ୍ଥାପନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଏହା ସହିତ ବିପର୍ଯ୍ୟୟ ସମୟରେ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ପଲିଥିନ ସିଟ୍ ସହ ଆବଶ୍ୟକ ଆଶ୍ରୟ ସାମଗ୍ରୀ ମହଜୁଦ ରଖିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି । ବନ୍ୟା କିମ୍ବା ଅତିବୃଷ୍ଟିରେ ଜଳମଗ୍ନ ରାସ୍ତା ଓ ପୋଲଗୁଡିକୁ ଅସ୍ଥାୟୀ ବ୍ୟାରିକେଡ୍ ଓ ସତର୍କ ସୂଚନା ଫଳକ ଲଗାଇ ବନ୍ଦ କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନଜୀବନ ଓ ସମ୍ପିର ସୁରକ୍ଷା ପାଇଁ ସମସ୍ତ ବିଭାଗକୁ ସତର୍କ ରହିବା ସହିତ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବ୍ଲକ୍ ମାଟ୍ରିକ୍ ଟପ୍ପର ସମ୍ବର୍ଦ୍ଧିତ



ଗରଦପୁର,୧୯।୫ (ସଂଚାର ବ୍ୟୁରୋ):ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ଗରଦପୁର ବ୍ଲକ ଅଧୀନ ପଞ୍ଚାୟତ ନାଗାରୀ ହାଇସ୍କୁଲ ବଡ଼ଦାସପୁର ର ଛାତ୍ରୀ ସ୍ମିତମ ସୋନାଲିକା ପାଣି ମୋଟ ୬୦୦ ରୁ ୫୬୧ ମାର୍କ ରଖି ବ୍ଲକ୍ ଟପର୍ ହୋଇଛନ୍ତି । ଯାହାକୁ ନେଇ ଛାତ୍ରୀ ସ୍ମିତମ୍ ସୋନାଲିକା ଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି। ସେ ଚଳିତ ବର୍ଷ ଏ-୧ ଗ୍ରେଡ ପାଇଥିବାରୁ ଗରଦପୁର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଏହି ସଫଳତା ପାଇଁ ମହମୁରା - ଭାଟପଡ଼ା ଅନ୍ତର୍ଗତ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଉତ୍ତୀର୍ଣ୍ଣ ଛାତ୍ରୀ ସ୍ମିତମ୍ ସୋନାଲିକା ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟର ସଭାପତି ଧିରେନ୍ ମହାରାଜ, ଟ୍ରଷ୍ଟର ସଦସ୍ୟ ରାଜା ମହାରାଜ, ସମ୍ବିତ ସାମଲ୍, ଦିଲ୍ଲୀପ ଦାସଙ୍କ ସମେତ ଟ୍ରଷ୍ଟର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭମ୍ ସମ୍ବର୍ଦ୍ଧିତ



ଯାଜପୁର,୧୯।୫ (ସଂଚାର ବ୍ୟୁରୋ):ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ୨୦୨୬ ମସିହା ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ଶତକଡା ୯୫.୦୫ ରଖି ଜିଲ୍ଲାର ଗୌରବ ମଣ୍ଡନ କରିଥିବା ଶୁଭମ ସାହୁଙ୍କୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ଜିଲ୍ଲାପାଳ ଅମ୍ବର କୁମାର କର ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୁଭମଙ୍କ ମା ସୁମିତ୍ରା ସାହୁ ଉପସ୍ଥିତ ରହିଥିଲେ ଓ ଜିଲ୍ଲା ପ୍ରଶାସନ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ଶୁଭମ୍ ସାହୁଙ୍କ ଘର କାକୁଡିକୁଦ ଗ୍ରାମର ଓ ସେ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଶୁଭମ ୨୦୨୩ ମସିହାରେ ତାଙ୍କ ପିତାଙ୍କୁ ହରାଇଥିଲେ ଓ ବହୁ ଅଭାବ ଅସୁବିଧାରେ ଥାଇ ମଧ୍ୟ ପାଠ ପଢ଼ାରେ ଧ୍ୟାନ ଦେଇ ଆଜି ସଫଳତା ପାଇଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ। ତାଙ୍କ ମାତା ସୁମିତ୍ରା ସାହୁ ଏବେ ସ୍କୁଲ ରେ ପାଚିକା ସହାୟିକା ରୂପେ କାର୍ଯ୍ୟ କରୁଛନ୍ତି। ଶୁଭମର ପାଠପଢାରେ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ। ଏ ସମ୍ପର୍କରେ ଶିଶୁ ସୁରକ୍ଷା ୟୁନିଟକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

## ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ



ଢେଙ୍କାନାଳ,୧୯।୫ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଭୂୟସୀ ପ୍ରଶଂସା କରି ସମାଜର ନେତୃତ୍ୱ ନେଇ ଦେଶର ସାମଗ୍ରିକ ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗ ଦେଇ, ପରିଶ୍ରମର ଫଳ ନିଶ୍ଚିତ ମିଳିଥାଏ, ଏଣୁ ପିଲାମାନେ ଅଧିକ ପରିଶ୍ରମ କରିବା ସହିତ ଭଲ ମଣିଷ ହେବା , ସମାଜର ସେବା କରିବା ସମସ୍ତଙ୍କର ପ୍ରଥମ ଲକ୍ଷ୍ୟ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ ।

ଏହି ସମାରୋହରେ, ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୭୭ ଜଣ ମେଧାବୀ ଛାତ୍ରଛାତ୍ରୀ ଓ ଜାତୀୟ ସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୧ ଜଣ କ୍ରୀଡ଼ାବିତ୍‌ଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

## ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଦହି ସରବତ ଓ ଗ୍ଲୁକୋଜ ପାଣି ବଣ୍ଟନ



ଗରଦପୁର,୧୯।୫(ସଂଚାର ବ୍ୟୁରୋ): ପ୍ରଚଣ୍ଡ ରୁଦ୍ରତାପ ଜାରି ରହିଥିବା ହେତୁ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଇଛି । ଖରା ହେଲା ମାତ୍ରେ ବାହାରକୁ ବାହାରିବା କଷ୍ଟସାଧ୍ୟ ହୋଇପଡିଛି। ଏହି ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଦୀର୍ଘ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେବ ମହେଶ କର ଫାଉଣ୍ଡେସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ସଦର ମହକୁମାରେ ଥଣ୍ଡା ପାନୀୟ ଜଳ ଯଥା ଦହି ସରବତ ଏବଂ ଗ୍ଲୁକୋଜ ପାଣି ବଣ୍ଟନ ସେବା ଜାରି ରହିଛି।

ଏହି କ୍ରମରେ ଆଜି ଗରଦପୁର ବ୍ଲକ୍ ଅନ୍ତର୍ଗତ ପାଟକୁରା ବଜାର ନିକଟରେ ସ୍ୱର୍ଗତ ମହେଶ କରଙ୍କ ସ୍ମୃତିରେ ଏକ ଦହି ସରବତ ଏବଂ ଗ୍ଲୁକୋଜ ପାଣି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଥମେ କାର୍ଯ୍ୟକ୍ରମକୁ ପାଟକୁରା ଥାନାର ନୂତନ କରି ଯୋଗଦେଇଥିବା ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ ମହାନ୍ତି, ସମାଜସେବୀ ଭାଗିରଥି ଜେନା,ଦେବେନ୍ଦ୍ର କୁମାର ଦାସ,ବାପୁଜୀ ମିଶ୍ର, ଆଶିଷ ଲେଙ୍କା ,ରଘୁନାଥ ବାରିକ, ତ୍ରିଲୋଚନ ସାହୁ ଏବଂ ମୁକ୍ତେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ଭାଳିଥିଲେ । ଏହି କାର୍ଯ୍ୟକ୍ରମକୁ ଆଭାସି ଜରିଆରେ ସ୍ୱର୍ଗତ କରଙ୍କ ସୁପୁତ୍ର ତଥା ଫାଉଣ୍ଡେସନ ର ପୁଷ୍ଟପୋଷକ ହିମାଂଶୁ ଭୂଷଣ କର(ହାପୀ) ଉପସ୍ଥିତ ରହିଥିଲେ ।

## ସ୍ୱଚ୍ଛ ଭୋଟର ତାଲିକା ଓ ସଠିକ୍ ପ୍ରକାଶନ ଉପରେ ଗୁରୁତ୍ୱାରୋପ

### ରାଜନୈତିକ ଦଳମାନଙ୍କ ସହ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଆଲୋଚନା



କେନ୍ଦ୍ରାପଡ଼ା,୧୯।୫ (ସଂଚାର ବ୍ୟୁରୋ): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ଲାଗୁ କରାଯାଇଥିବା ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହାର ସଫଳ ରୂପାୟନ ପାଇଁ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଏକ ଆଲୋଚନା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସଆଇଆରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ଅଯୋଗ୍ୟ, ମୃତ ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ବାଦ ଦେବା । ସ୍ଥାନାନ୍ତରିତ ମତଦାତାଙ୍କ ତଥ୍ୟ ସଂଶୋଧନ କରାଯିବା ସହ ଭୋଟର ତାଲିକାର ସଠିକତା, ସ୍ୱଚ୍ଛତା ଓ ବିଶ୍ୱାସନୀୟତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

ବୈଠକରେ ଭାରତୀୟ ଜନତା ପାର୍ଟିର ଉପିନ କୁମାର ରାଉତ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ, ଭାରତୀୟ ଜାତୀୟ କଂଗ୍ରେସର ପ୍ରଫୁଲ୍ଲ କୁମାର ଦାସ, ବିଏସପିର ସୁଧାକର ମଲ୍ଲିକ, ସିପିଆଇଏମର ଜଗଜୀବନ ଦାସ ଏବଂ ଆମ୍ ଆଦମୀ ପାର୍ଟିର ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ବୁଥ୍ ସ୍ତରୀୟ ଏଜେଣ୍ଟ ତାଲିକା ପ୍ରଦାନ କରିବା ସହ ଏସଆଇଆର ସମ୍ପର୍କିତ ମତାମତ ଓ ପରାମର୍ଶ ଲିଖିତ ଆକାରରେ ଜିଲ୍ଲାପାଳ କିମ୍ବା ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ)ଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ।

ଜିଲ୍ଲାରେ ଜୁଲାଇ ୧ ତାରିଖକୁ କ୍ୱାଲିଫାଇଙ୍ଗ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବା ବେଳେ ଜୁନ ୨୮ ସୁଦ୍ଧା ପୋଲିଂ ଷ୍ଟେସନଗୁଡ଼ିକର ରାସନାଲାଇଜେସନ କାର୍ଯ୍ୟ ସମ୍ପନ୍ନ ହେବ । କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା ଆସନରେ ମୋଟ ୧୪୪୯ଟି ପୋଲିଂ ଷ୍ଟେସନ ରହିଥିବା ବେଳେ ୧୪୫ ଜଣ ବିଏଲଓ ସୁପରଭାଇଜର ଓ ୧୪୪୯ ଜଣ ବୁଥ୍ ସ୍ତରୀୟ ଅଧିକାରୀ ନିୟୋଜିତ ଅଛନ୍ତି । ମ୍ୟାପିଙ୍ଗ ଓ ଏସଆଇଆର ପ୍ରକ୍ରିୟାରେ ମତଦାତା ତାଲିକା ସଂଶୋଧନ କାର୍ଯ୍ୟକୁ ଦାୟିତ୍ୱର ସହ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ପାନୀୟ ଜଳ ଫ୍ରିଜ୍ ଅଚଳ



କେନ୍ଦ୍ରାପଡା,୧୯।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟକୁ ଦୈନିକ ଶହ ଶହ ବ୍ୟକ୍ତି ନିଜ କାର୍ଯ୍ୟ ନେଇ ଓ ବିଭିନ୍ନ ଅଭିଯୋଗ ନେଇ ଆସିଥାନ୍ତି । କିନ୍ତୁ ଜିଲ୍ଲା କାର୍ଯ୍ୟାଳୟରେ ଏମାନଙ୍କ ସୁବିଧା ପାଇଁ ଆବଶ୍ୟକ ଚେୟାର ବେଞ୍ଚର ସୁବିଧା ନାହିଁ । ଦୀର୍ଘ ଏକ ସପ୍ତାହ ହେଲା ସାରା ରାଜ୍ୟରେ ଗ୍ରୀଷ୍ମତାପ ଅହେତୁକ ଭାବରେ ବଢିଥିବାରୁ କେନ୍ଦ୍ରାପଡାରେ ଏହାର ପ୍ରଭାବ ମାତ୍ରାଧିକ ରହୁଛି । ଦୂରଦୂରାନ୍ତରୁ ଆସୁଥିବା ଅଭିଯୋଗକାରୀ ଓ ବରିଷ୍ଠ ନାଗରିକମାନେ ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ଏକ ପାନୀୟ ଜଳ ଫ୍ରିଜ୍ ଦୀର୍ଘ ଏକମାସ ହେଲା ଅଚଳ ହୋଇ ପଡିଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ଫ୍ରିଜ୍‌କୁ ମରାମତି କରି ଜନସାଧାରଣଙ୍କ ହୀତରେ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

## ଶ୍ରୀରାମ ଭାରତ ଗ୍ୟାସ ଗ୍ରାହକଙ୍କୁ ଠକୁଥିଲେ,ଏବେ ତଣ୍ଡ ଗଣିବେ

### ଖାଉଟି ଅଦାଲତର ଦ୍ୱାରସ୍ଥ ହେଲେ ଉପଭୋକ୍ତା




ଆଳି,୧୯।୫ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇର ଶ୍ରୀରାମ ଭାରତ ଗ୍ୟାସ ଉପଭୋକ୍ତାଙ୍କୁ ଠକୁ ଥିବା ଖାଉଟି ଅଦାଲତରେ ବିଶ୍ୱଜିତ ତରାଇ ନାମକ ଯୁବକ ଅଭିଯୋଗ କରିଛନ୍ତି। ଏ ନେଇ ମାନ୍ୟବର ଖାଉଟି ଅଦାଲତ ୩୨/୨୦୨୬ କେଶ ରୁଜୁ କରି ଏଜେନ୍ସିକୁ ହାଜର ହେବାକୁ ସମନ୍ କରିଛନ୍ତି।ସୂଚନା ଅନୁଯାଇ ଆଳି ବ୍ଲକ ଭରତପୁର ଗ୍ରାମର ବିଶ୍ୱଜିତ ତରାଇ ତାଙ୍କ ମାଆ ପ୍ରମିଳା ତରାଇ ତାଙ୍କ ନାମରେ ଶ୍ରୀରାମ ଭାରତ ଗ୍ୟାସର ଉପଭୋକ୍ତା ଥିଲେ। କିନ୍ତୁ ତାଙ୍କର ମୃତ୍ୟୁ ପରେ ବିଶ୍ୱଜିତ ତାଙ୍କ ନାମକୁ ବଦଳି କରିବାକୁ ଅବେଦନ କରିଥିଲେ। ବଦଳି ଆବେଦନ କରିବାକୁ ଶ୍ରୀରାମ ଭାରତ ଗ୍ୟାସ ୮୧୮ ଟଙ୍କା ୟୁପିଆଇ ମାଧ୍ୟମରେ ନେଇଥିଲେ କିନ୍ତୁ ୨୦୦ ଟଙ୍କାର ରସିଦ ଦେଇଥିଲେ। ୮୧୮ ଟଙ୍କା ନେଇଥିବା ବେଳେ କାହିଁକି ୨୦୦ ଟଙ୍କା ରସିଦ ଦେଉଛ ବୋଲି ବିଶ୍ୱଜିତ ପଚାରି ଥିବାରୁ ସଂପୃକ୍ତ ଏଜେନ୍ସି ତାହା ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଯାହାକୁ ନେଇ ଖାଉଟି ଅଦାଲତର ଦ୍ୱାରସ୍ଥ ହେବା ସହ ୨ ଲକ୍ଷ ୧୫ ହଜାର ୬୧୮ ଟଙ୍କାର ମାନସିକ ବିଶାରଦ କ୍ଷତିପୂରଣ ଦେବାକୁ ବିଶ୍ୱଜିତ ତରାଇ ଦାବି କରିଛନ୍ତି। ଅନ୍ୟ ପଟେ ଉପଭୋକ୍ତା ମୃତ୍ୟୁ ପରେ ତାଙ୍କର ଉତ୍ତରଧିକାରୀ ବିନା ଦେୟରେ ନାମ ବଦଳି କରିପାରିବା ନିୟମ ଥିବା ବେଳେ, କାହିଁକି ଏଜେନ୍ସି ଟଙ୍କା ନେଲେ ତାହା ବଡ ପ୍ରଶ୍ନ ବାଚି ହୋଇଛି।

## ପାନୀୟ ଜଳ ଯୋଗାଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ



ମାହାଙ୍ଗା,୧୯।୫ (ସଂଚାର ବ୍ୟୁରୋ): ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ହେତୁ ବାୟୁମଣ୍ଡଳ ତାପମାତ୍ରା ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ହେବାରୁ ଲୋକମାନେ ଟୋପାଏ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହଣ୍ଡା ପଞ୍ଚାୟତ ସ୍ଥିତ ଅମିନାବାଦ ଗ୍ରାମ ୱାର୍ଡ ନଂ ୮ରେ। ଏହି ୱାର୍ଡର ଅଧିବାସୀମାନେ ଦୀର୍ଘ ବର୍ଷ ଧରି ସରକାରଙ୍କ ପକ୍ଷରୁ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି।

ଗତ ୧୪ ତାରିଖରେ ଖୋଦ ଗ୍ରାମ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀରବି ନାରାୟଣ ନାୟକ ମଧୁପୁର ଠାରେ ବୃହତ ମେଗା ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ହେଲେ ଉଦ୍‌ଘାଟନର ୫ ଦିନ ବିତି ଯାଇଥିଲେ ମଧ୍ୟ ଏହି ଗ୍ରାମର ଅଧିବାସୀମାନେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ସ୍ଥାନୀୟ ଶନି ମନ୍ଦିର ନିକଟରେ ଥିବା ଏକ ଗଡ଼ିଆର ପାଣି ଆଣି ପିଇବା ପାଇଁ ବ୍ୟବହାର କରୁଥିବା କହିଛନ୍ତି।

ସେମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରି ମଧ୍ୟ ନିରାଶ ହେବାରୁ ଆଜି ସ୍ଥାନୀୟ ଗ୍ରାମବାସୀମାନେ କୁଆଁପାଳ-ବରଅଠା ରାସ୍ତାର ଅମିନାବାଦ ଠାରେ ରାସ୍ତାରୋକ କରିଛନ୍ତି। ଯେ ପର୍ଯ୍ୟନ୍ତ ସେମାନଙ୍କୁ ପାନୀୟ ଜଳ ନ ମିଳିଛି ସେ ପର୍ଯ୍ୟନ୍ତ ରାସ୍ତାରୋକ ଚାଲୁ ରହିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

### ଶଶୁର ଘରେ ଜ୍ୱାଇଁଙ୍କୁ ମାଡ଼ ଘଟଣା

## ତଦନ୍ତ ଆରମ୍ଭ କଲା ପୁଲିସ

ପଟ୍ଟାମୁଣ୍ଡାଇ,୧୯।୫ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ସେକପୁର ଗାଁରେ ଗତକାଲି ଶଶୁର ଘରକୁ ଆସିଥିବା ଜ୍ୱାଇଁକୁ ମାଡ଼ ମରା ଘଟଣା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ଘଟଣାସ୍ଥଳକୁ ଯାଇ ଛାନ ଭିନ କରିଛି । ଏ ସମ୍ପର୍କରେ ଥାନା କେଶ ନଂ୨୨୬/୨୬ ରେ ମୋକଦମା ରୁଜୁ କରି ସମୁଦାୟ ମାମଲାର ତଦନ୍ତ ଆରମ୍ଭ କରିଛି।

ପଟ୍ଟାମୁଣ୍ଡାଇ ପୁଲିସ ସୂତ୍ରରୁ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ସେକପୁର ଗ୍ରାମର ବନ୍ଧସାହି ଗ୍ରାମର ଭରତ ସେଠୀଙ୍କ (କାଳାଙ୍କ ଝିଅ ପୂର୍ଣ୍ଣିମା ସେଠୀ ୩ ବର୍ଷ ତଳେ ମହାକାଳପଡ଼ା ଥାନା ଅନ୍ତର୍ଗତ ଅଳାଇଲେ ଗ୍ରାମର ସୁଦର୍ଶନ ସେଠୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ବର୍ଷେ ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବୁଝାମଣା ଠିକ ନରହିବାରୁ ପ୍ରାୟ ଗଣ୍ଡଗୋଳ ହେଉଥିଲା । ଗତ ୪ ଦିନ ତଳେ ସ୍ୱାମୀ ସୁଦର୍ଶନ ଓ ସ୍ତ୍ରୀ ପୂର୍ଣ୍ଣିମାଙ୍କ ଭିତରେ ଗଣ୍ଡଗୋଳ ହେବାରୁ ପୁର୍ଣିମା ନିଜ ଗ୍ରାମ ସେକପୁର-ବନ୍ଧସାହିକୁ ଆସିଥିଲା ବେଳେ ସୁଦର୍ଶନ ନିଜ ସ୍ତ୍ରୀକୁ ଭେଟିବାକୁ ଆସିଥିଲା। ତାହା ସହିତ ଆଉ ୨ ଜଣ ଯୁବକ ଆସିଥିଲେ। ଶଶୁର ଘର ଲୋକଙ୍କ କହିବାନୁଯାୟୀ ସୁଦର୍ଶନ ଅତ୍ୟଧିକ ମଦ୍ୟପାନ କରି ଗଣ୍ଡଗୋଳ କରିଥିଲା। ଗଣ୍ଡଗୋଳ କରିବା ପରେ ଶ୍ୱଶୁର ଘର ଲୋକ ଓ ପଡୋଶୀ ମାନେ ତାଙ୍କୁ ବାନ୍ଧି ପକେଇ ମାଡ଼ ମାରିଥିଲେ। ଏହା ପରେ ସେ ମଦ ସହିତ କନିଆରୀ ମଞ୍ଜି ଖାଇଥିବା କଥା କହିବା ପରେ ନିଜ ସ୍ତ୍ରୀ ତାକୁ ପଟ୍ଟାମୁଣ୍ଡାଇ ମେଡ଼ିକାଲକୁ ନେଇଥିଲେ। ଜ୍ୱାଇଁ ସୁଦର୍ଶନଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସୁଦର୍ଶନଙ୍କ ଭଉଣୀ କଣ୍ଢେଇ ସେଠୀ ଏ ସଂକ୍ରାନ୍ତରେ ନିଜ ଭାଇକୁ ମାଡ଼ ମାରି ଗୁରୁତର କରିଛନ୍ତି ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସାଲେପୁର,୧୯।୫ (ସଂଚାର ବ୍ୟୁରୋ): ସୌରୀ ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ବଡପୁଅ ଶୁଭମ କୁମାର ସାହୁ (୧୮)ଗତ ସୋମବାର ଦିନ ସାଙ୍ଗ ମାନଙ୍କ ସହିତ ବିରୂପା ନଦୀର ଭଟିମୁଣ୍ଡା ପୋଲ ନିକଟକୁ ଗାଧୋଇବା ପାଇଁ ଯାଇଥିବା ବେଳେ ହଟାତ ଗୋଡ ଖସିଯିବାରୁ ନଦୀରେ ନିଖୋଜ ହୋଇଯାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନଥିଲା । ଆଜି ସକାଳେ ନଦୀରେ ଗାଧୋଉ ଥିବା ସ୍ଥାନରୁ କିଛି ଦୂରରେ ଶୁଭମର ମୃତ ଦେହ ଭାସୁ ଥିବାର ଦେଖି କିଛି ଲୋକ ପୁଲିସ ଓ ଓଡ୍ରାଫ ଟିମକୁ ସୂଚନା ଦେବାପରେ ପୁଲିସ ଶବକୁ ଉଦ୍ଧାର କରି ବ୍ୟବଛେଦ କରିବ ପରିବାରକୁ ହସ୍ତାନ୍ତର କରିବା ପରେ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ଶୁଭମଙ୍କ ଅକାଳ ବିୟୋଗରେ ସୌରୀ ଗ୍ରାମ ପୁରା କାନ୍ଦ ବୋବାଳିରେ ଫାଟି ଯାଇଥିଲା।

## ଦାଦାର କଟୁରୀ ଚୋଟରେ ପୁତୁରା ବୋହୂର ମୃତ୍ୟୁ



ମାହାଙ୍ଗା, ୧୯।୫(ସଂଚାର ବ୍ୟୁରୋ): ମାହାଙ୍ଗା ଥାନା ଅନ୍ତର୍ଗତ ପଣସପୁର ପଞ୍ଚାୟତ ସ୍ଥିତ ଅକରପଡ଼ା ଗ୍ରାମରେ ଦାଦାର କଟୁରୀ ଚୋଟରେ ପୁତୁରା ବୋହୂର ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ ଆଜି ସକାଳ ପ୍ରାୟ ୭.୩୦ ଘଟିକା ସମୟରେ ଏହି ଗ୍ରାମର ଦିବ୍ୟାଙ୍ଗ ରଞ୍ଜନ କୁମାର ସାହୁଙ୍କ ପତ୍ନୀ ସୂର୍ଣ୍ଣଲତା(୪୦) ଘରୁ ଗାଈ ସାଙ୍ଗରେ ନେଇ ପଡ଼ିଆ କ୍ଷେତକୁ ଯାଇ ସେଠାରେ ଗାଈକୁ ବାନ୍ଧି ପାଟ ବିଲରେ ଘାସ କାଟୁଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦାଦା ଚନ୍ଦ୍ରମଣି ସାହୁ ଓରଫ ହଗୁରା ହଠାତ୍ ସେଠାରେ ପହଞ୍ଚି ବ୍ୟାଗରେ ରଖିଥିବା କଟୁରୀ ଓ କୋଦାଳ ବାହାର କରି ସୂର୍ଣ୍ଣଲତାର ପଛପଟୁ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜାଣିବା ପରେ ମାହାଙ୍ଗା ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସହ ଏକ ଟିମ ସେଠାରେ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ହଗୁରାକୁ ଗିରଫ କରି ଥାନାରେ ଅଟକ ରଖିଛନ୍ତି। ଥାନା କେସ ନଂ ୧୮୦/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ଭୂତକୋଠି ପାଲଟିଛି ବ୍ୟାସନଗର ମ୍ୟୁନିସିପାଲଟିର ପୁରାତନ ଗେଷ୍ଟ ହାଉସ




ଯାଜପୁର ରୋଡ଼,୧୯।୫(ସଂଚାର ବ୍ୟୁରୋ): ବ୍ୟାସନଗର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନିକଟରେ ରହିଥିବା ମୁନସିପାଲଟି ଗେଷ୍ଟ ହାଉସ ଦିର୍ଘ ବର୍ଷ ଧରି ଖୋଲୁ ନାହିଁ । ଏଠାକୁ ପାଖାପାଖି ୧୧ ବର୍ଷ ହେଲା ପୌର ବିଭାଗୀୟ ଅଧିକାରୀ ମାନଙ୍କର କାହାରି'ବି ପାଦ ପଡୁନାହିଁ ବୋଲି ଚର୍ଚ୍ଚା ହେଉଛି। ବିଭାଗୀୟ ଉଦାସୀନତା ପାଇଁ ଏହି ଗୃହଟି ଅବ୍ୟବହୃତ ହୋଇ ଭୂତକୋଠି ପାଲଟିଯାଇଛି। ଏହି ଗୃହ ଚତୃପାର୍ଶ୍ୱ ଏବେ କୃତ୍ରିମ ଜଙ୍ଗଲ ହୋଇଯିବାକୁ ବସିଥିବା ବେଳେ ଏହି ଗୃହ ସାମ୍ନାରେ ବିଭିନ୍ନ ଉଠା ଦୋକାନୀ ସେମାନଙ୍କ ବେପାର ବଣିଜର ଆସର ଜମାଇଥିବା ଦେଖିବାକୁ ମିଳୁଛି। ତେବେ ଏହି ଗୃହଟିର ପୁନରୁଦ୍ଧାର କରାଗଲେ ବ୍ୟାସନଗର ପୌର ସଂସ୍ଥାନର କାମରେ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଏପରି ବିଷୟରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଅଂଚଳର ବୁଦ୍ଧିଜୀବୀ ଓ ସାଧାରଣ ଜନସାଧାରଣ ମାନେ ଦାବି କରିଛନ୍ତି।

## ଗରଦପୁର ତହସିଲରେ ଅନ୍‌ଲାଇନ ବ୍ୟବସ୍ଥା ଅକାମୀ, ଲୋକେ ହଇରାଣ

ଗରଦପୁର,୧୯।୫ (ସଂଚାର ବ୍ୟୁରୋ): ସରକାରୀ ସେବାକୁ ଲୋକଙ୍କ ନିକଟତର କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ତହସିଲ କାର୍ଯ୍ୟାଳୟକୁ ଡିଜିଟାଲ ବ୍ୟବସ୍ଥା ସହ ସଂଯୋଜିତ କରିଥିବା ବେଳେ ଗରଦପୁର ତହସିଲର ଅବସ୍ଥା ଏବେ ସମ୍ପୂର୍ଣ୍ଣ ବିପରୀତ ଚିତ୍ର ଦେଖାଉଛି। ପ୍ରାୟ ୨୦ ଦିନ ହେଲା ତହସିଲର ଅଧିକାଂଶ କାର୍ଯ୍ୟ ପ୍ରାୟ ଅଚଳ ହୋଇପଡ଼ିଥିବାରୁ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତହସିଲ କାର୍ଯ୍ୟାଳୟରେ ବ୍ୟବହୃତ ଡଙ୍ଗଲ କାମ ନକରିବାରୁ ଅନଲାଇନ ସେବା ପ୍ରଭାବିତ ହେଉଛି। କେବେ ସଂଯୋଗ ଆସୁନଥିବା ବେଳେ କେବେ ଦସ୍ତଖତ ବ୍ୟବସ୍ଥା କାମ କରୁନଥିବାରୁ ଆବେଦନଗୁଡ଼ିକ ଅଟକି ରହୁଛି। ଫଳରେ ଆୟ, ଜାତି ଓ ବାସିନ୍ଦା ପ୍ରମାଣପତ୍ର ପାଇଁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରୁଛନ୍ତି।

ସକାଳୁ ଆସି ଦିନସାରା ଅପେକ୍ଷା କରିବା ପରେ “ସର୍ଭର ନାହିଁ” କିମ୍ବା “ଦସ୍ତଖତ ହେଉନି” କହି ଲୋକଙ୍କୁ ଫେରାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଜମି ଡିମାରକେସନ ଭଳି ଗୁରୁତ୍ୱପୂର୍ଣ୍ଣ କାମରେ ମଧ୍ୟ ବର୍ଷ ବର୍ଷ ଧରି ବିଳମ୍ବ ହେଉଥିବାରୁ ଅନେକ ଆବେଦନକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘର ନିକଟରେ ତହସିଲ କାର୍ଯ୍ୟାଳୟ ଥିଲେ ମଧ୍ୟ ସାଧାରଣ ଲୋକଙ୍କ କାମ ନହେବାରୁ ସରକାରୀ ବ୍ୟବସ୍ଥା ଉପରୁ ଆସ୍ଥା କମୁଥିବା ମତ ପ୍ରକାଶ ପାଉଛି।

କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ଲୋକମାନେ ଅସନ୍ତୋଷ ଜଣାଇଛନ୍ତି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟକୁ ନ ଆସି ମନଇଚ୍ଛା ଆସିବା-ଯିବା କରିବା ଓ କାର୍ଯ୍ୟ ସମୟରେ ଅନିୟମିତତା ଦେଖାଯାଉଥିବା ଅଭିଯୋଗ ହେଉଛି। ଫଳରେ କାର୍ଯ୍ୟାଳୟରେ ଶୃଙ୍ଖଳା ଭଙ୍ଗ ହେବା ସହ ଲୋକଙ୍କ ସମସ୍ୟା ଆହୁରି ବଢ଼ୁଛି।

ସରକାର ଗାଁ ଗାଁକୁ ପ୍ରଶାସନ ପହଞ୍ଚାଇବାକୁ ଜୋର ଦେଉଥିବା ବେଳେ ଗରଦପୁର ତହସିଲର ଏଭଳି ଅବସ୍ଥା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ନୂତନ ତହସିଲଦାର ଯୋଗଦେଇଥିଲେ ମଧ୍ୟ ପରିସ୍ଥିତିରେ ବିଶେଷ ସୁଧାର ନଆସିଥିବା ଚର୍ଚ୍ଚା ହେଉଛି।

# ଗତିଶୀଳ ହେଉଛି ଡିଜିଟାଲ୍ ନାଗରିକ ସେବା

- ବ୍ୟବସାୟିକ ଲାଇସେନ୍ସ ସେବାରେ ଶତପ୍ରତିଶତ ସମୟାନୁବର୍ତ୍ତୀ ସମାଧାନ
- ୯୪% ଆବେଦନ ନିର୍ଦ୍ଧାରିତ ସମୟରେ ସମାଧାନ ହୋଇଛି
- ଗୃହନିର୍ମାଣ ବିଭାଗର ନାଗରିକ ସେବା ବ୍ୟବସ୍ଥାର ସମୀକ୍ଷା



**ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ):** ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ 'ଓଡ଼ିଶା ସେବା ଅଧିକାର ଆଇନ' (ଓଆରଟିପିଏସ) ଅଧୀନରେ ନାଗରିକ ସେବା ପ୍ରଦାନର କାର୍ଯ୍ୟଦକ୍ଷତା ଓ ଡିଜିଟାଲ୍ ସେବା ବ୍ୟବସ୍ଥାର ଅଗ୍ରଗତିର ସମୀକ୍ଷା କରାଯାଇଛି। ବିଭାଗ ଅଧୀନରେ ରହିଥିବା ୩୦ଟି ବିଜ୍ଞାପିତ ନାଗରିକ ସେବାରେ ପ୍ରାୟ ୯୪% ଆବେଦନକୁ ଆଇନଗତ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯାଇଛି ବୋଲି ସମୀକ୍ଷାରେ ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ 'ଲୋକସେବା ଅଧିକାର- ସୁବିଧାରେ ସରକାରୀ ସେବା' ଆଦର୍ଶକୁ ଆଧାର କରି ବିଭାଗ ସହରାଞ୍ଚଳ ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ କ୍ରମାଗତ ଭାବେ ଡିଜିଟାଲ୍ ଓ ଲୋକାଭିମୁଖୀ କରିଛି। ବର୍ତ୍ତମାନ ୩୦ଟି ସେବା ମଧ୍ୟରୁ ୨୧ଟି ସେବା ସୁଯୋଗ, ସ୍ୱଚ୍ଛତା ଏବଂ ସ୍ୱତନ୍ତ୍ର ଅଭିଯୋଗ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ଅନଲାଇନ୍‌ରେ ଉପଲବ୍ଧ ହୋଇଥିବାବେଳେ ଆଉ ୭ଟି ସେବା ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଅନଲାଇନ୍‌ରେ ଉପଲବ୍ଧ ଅଛି। କେବଳ ୨ଟି ସେବା ବର୍ତ୍ତମାନ ଅଫ୍ ଲାଇନ୍ ମୋଡ୍‌ରେ ଚାଲୁ ରହିଛି। ସେବାଗୁଡ଼ିକର ଅଧିକ ସ୍ୱଚ୍ଛ ମନିଟରିଂ ଓ ଦାୟିତ୍ୱବୋଧ ସୁନିଶ୍ଚିତ କରିବା ପାଇଁ ସେଣ୍ଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ ମାଧ୍ୟମରେ ବିକଶିତ ହେଉଥିବା ୭ଟି ଡ୍ୟାସବୋର୍ଡର ବ୍ୟବହାରକାରୀଙ୍କ ଦ୍ୱାରା ଗ୍ରହଣୀୟ ପରୀକ୍ଷଣ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

୨୦୨୪ ଏପ୍ରିଲଠାରୁ ୨୦୨୬ ଏପ୍ରିଲ ମଧ୍ୟରେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସମୁଦାୟ ୬,୫୯,୧୦୨ଟି ଆବେଦନ ଗ୍ରହଣ କରାଯାଇଛି। ଏଥିମଧ୍ୟରୁ ୬,୦୭,୯୬୦ଟି ଆବେଦନ ନିର୍ଦ୍ଧାରିତ 'ସର୍ଭିସ୍ ଲେଭଲ୍ ଏଗ୍ରିମେଣ୍ଟ' (ଏସଏଲଏ) ସମୟସୀମା ମଧ୍ୟରେ ସମାଧାନ କରାଯାଇଥିବାବେଳେ ୧୦,୯୧୬ଟି ଆବେଦନ ବର୍ତ୍ତମାନ ପ୍ରକ୍ରିୟାଧୀନ ଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରହିଛି।

### ଭୋଟ ଗଣତି ଓ ଫଳାଫଳ ପରିଚାଳନା ସଂକ୍ରାନ୍ତ ଆଲୋଚନାଚକ୍ର

# ତ୍ରୁଟିଶୂନ୍ୟ ଭୋଟ ଗଣତି ଉପରେ ଗୁରୁତ୍ୱ



**ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ):** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଭୁବନେଶ୍ୱରସ୍ଥିତ ଭିଭନ୍ତା ହଲ୍‌ଠାରେ ନିର୍ବାଚନ ପ୍ରକ୍ରିୟାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅର୍ଥାତ୍ ଭୋଟ ଗଣତି ଏବଂ ଫଳାଫଳ ସାରଣୀକରଣକୁ ଅଧିକ ସୁଦୃଢ଼ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ଯୋଗଦେଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଶ୍ୱର ବିଭିନ୍ନ ସ୍ଥାନ ପରି ଓଡ଼ିଶାରେ ସର୍ବୋତ୍ତମ ନିର୍ବାଚନ ପଦ୍ଧତି ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପୋଲାଣ୍ଡର ନିର୍ବାଚନ ଗଣତି ଓ ଫଳାଫଳ ସାରଣୀକରଣ ଢାଞ୍ଚା ଅବଲମ୍ବନ କରିବା ସହ ମାନବୀୟ ଭୁଲ୍ ହ୍ରାସ କରିବାକୁ ତଥା ଭୋଟରଙ୍କ ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରିବାକୁ ବୈଷୟିକ ସହାୟତା ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଗଣତି ଏବଂ ସାରଣୀକରଣ ସମୟରେ ପ୍ରକ୍ରିୟାଗତ ସୁରକ୍ଷା ଓ କଡ଼ାକଡ଼ି ଯାଞ୍ଚ ବ୍ୟବସ୍ଥା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ, ଫଳାଫଳ ସାରଣୀକରଣରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ନିର୍ବାଚନ ପରିଚାଳନା ସଂସ୍ଥା ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଆଭିମୁଖ୍ୟଗୁଡ଼ିକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରାଯାଇଥିଲା।

ଏହି ସମ୍ମିଳନୀରେ ଆଭାସୀ ମାଧ୍ୟମରେ ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ ନିର୍ବାଚନ ଅଧିକାରୀ ଓ ନିର୍ବାଚନ ପ୍ରଶାସକ, ନିର୍ବାଚନ ପରିଚାଳନା ସଂସ୍ଥାର ପ୍ରତିନିଧି, ନୀତି ନିର୍ଦ୍ଧାରକ ଏବଂ ଶାସନ ପ୍ରଣାଳୀର ବ୍ୟବହାରିକ ବିଶେଷଜ୍ଞମାନେ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, କେରଳର ଅତିରିକ୍ତ ସିଇଓ, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ଡେ଼ପୁଟି ସିଇଓ ଡ.ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସେବା ଶିବିର

**କଟକ,୧୯।୫ (ସଂଚାର ବ୍ୟୁରୋ):** ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ 'ସବସେ ଦୂର ସବସେ ପେହଲେ' ଅଭିଯାନରେ ମଙ୍ଗଳବାର କଟକ ଜିଲ୍ଲା ଆଠଗଡ଼, ବାରଙ୍ଗ ଓ ବଡମ୍ବା ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ନିକଟସ୍ଥ ଡାକ୍ତରଖାନାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ। ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା।

## ଏସଆଇଆର ନେଇ ସର୍ବଦଳୀୟ ବୈଠକ

**କଟକ,୧୯।୫(ସଂଚାର ବ୍ୟୁରୋ):** କଟକ ଜିଲ୍ଲାରେ ହେବାକୁ ଥିବା ଏସଆଇଆର-୨୦୨୬ ସମ୍ପର୍କରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାରମ୍ଭରେ ପ୍ରଶାସନିକ ପ୍ରସ୍ତୁତି ସମ୍ବନ୍ଧରେ ପାୱାର ପଏଣ୍ଟ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ କଟକ ସଦର ନିର୍ବାଚନ ପଞ୍ଜିକରଣ ଅଧିକାରୀ କମଲଜିତ୍ ଦାସ ଏଥି ସମ୍ବନ୍ଧୀୟ ଆଲୋଚନା କରିଥିଲେ। ବୈଠକରେ ସାଲେପୁର ପାଇଁ ନିୟୋଜିତ ହୋଇଥିବା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ, ଚୌଦ୍ୱାର କଟକ ପାଇଁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ ପାଇଁ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ପାଇଁ ମନସ୍ୱିନୀ ଦାଶ, ନିଆଳି ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳ ଦେବାଶିଶ ମହାପାତ୍ର, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂବଡ଼ମ୍ବା ପାଇଁ ମହାନଗର ନିଗମର ଯୁଗ୍ମ ଆୟୁକ୍ତ, ବରେନ୍ଦୁ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେଏମଏଫସି କୋର୍ଟଗୃହ ଉଦଘାଟନ



**କଟକ,୧୯।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ପରିସରରେ ଓଡ଼ିଶା ହାଇକୋର୍ଟଙ୍କ ଭିସି ମାଧ୍ୟମରେ ଏକ ନୂତନ ଜେଏମଏଫସି କୋର୍ଟ ଗୃହର ଶୁଭ ଉଦଘାଟନ ହୋଇଯାଇଛି। ଏହାଦ୍ୱାରା ବ୍ଲକର ଚବିଶଟି ପଞ୍ଚାୟତର ଲୋକ ଉପକୃତ ହୋଇପାରିବେ। ଏହି କୋର୍ଟର ଉଦଘାଟନ ହେବା ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମରେ କ୍ରିମିନାଲ କୋର୍ଟ ବାର ଆସୋସିଏସନର ସେକ୍ରେଟାରୀ ଗଦାଧର ସାହୁ, କ୍ରିମିନାଲ କୋର୍ଟ ବାର ଆସୋସିଏସନ ର ସଭାପତି ବାଦଲ ଚନ୍ଦ୍ର ରାୟ, ତାପସ ରଞ୍ଜନ ନାୟକ, ଜିତୁ ପରିଜା, କେଶବ ଚନ୍ଦ୍ର ସାହୁ, ଦିଲ୍ଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଇଏସଆଇ ମେଡିକାଲ କଲେଜ

# ଶ୍ରମ ବିଭାଗ ଓ ଇଏସଆଇ ମଧ୍ୟରେ ଏମ୍‌ଓୟୁ



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଅନ୍ଧାରୁଆଠାରେ ଇଏସଆଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ସୋମବାର ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଭାରତ ସରକାରଙ୍କ କର୍ମଚାରୀ ରାଜ୍ୟ ବୀମା ନିଗମ (ଇ.ଏସ୍.ଆଇ.ସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ମେଡିକାଲ କଲେଜର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବର୍ତ୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇଏସଆଇ ହସ୍ପିଟାଲକୁ ବ୍ୟବହାର କରାଯିବ। ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ପଞ୍ଚମ ମହଲା ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଏହାର ମୁଖ୍ୟ ଲକ୍ଷ୍ୟ ହିତାଧିକାରୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା।

ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ପକ୍ଷରୁ ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ, ଇ.ଏସ୍.ଆଇ ସ୍କିମର ନିର୍ଦ୍ଦେଶିକା ମଧୁମିତା ନାୟକ ପ୍ରମୁଖ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ଦ୍ୱାରା ରାଜ୍ୟର ଶ୍ରମିକ ଓ ବୀମାଭୁକ୍ତ କର୍ମଚାରୀ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ।

# ଚାଷୀ ଶୋଷଣ ବନ୍ଦ ନକଲେ ଆନ୍ଦୋଳନ



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ୨୦୨୪ ସାଧାରଣ ନିର୍ବାଚନରେ ଚାଷୀକୂଳ ପାଇଁ ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ବୋଲି ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଅଭିଯୋଗ କରିଛି। ଏଥିସହ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସହିତ ୮୦୦ ଟଙ୍କାର ଇନପୁଟ ସବସିଡ୍ ଦେବାକୁ ଆଶ୍ୱାସନା ଦେଇଥିବା ବିଜେପି ସରକାର ଚାଷୀମାନଙ୍କୁ ଶୋଷଣ କରୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ସଞ୍ଜୟ କୁମାର ଦାସବର୍ମା କହିଥିଲେ, ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଶାର ଚାଷୀକୁଳକୁ ପ୍ରତିଶ୍ରୁତି ଦେଇଥିଲା ଯେ, ଏମ୍‌ଏସପି ସହିତ ୮୦୦ ଟଙ୍କାର ଇନପୁଟ ସବସିଡ ଦେଇ ଧାନ କିଣିବ। ଚାଷୀର ସମସ୍ତ ବଳକା ବିକ୍ରିଯୋଗ୍ୟ ଧାନ ସଂଗ୍ରହ କରିବ। ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଅପାରଗତା କାରଣରୁ ଚାଷୀକୁଳ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛି। ବ୍ୟୋମକେଶ ରାୟ କହିଥିଲେ ଯେ, ଖରିଫ ସିଜିନରେ ରେକର୍ଡ ସଂଖ୍ୟକ ଧାନ ଅମଳ ହୋଇଥିଲା। ଗତବର୍ଷ ଯେଉଁ ଧାନ ସଂଗ୍ରହ ହୋଇଥିଲା ତାହା ସରକାର ଓ ମିଲ୍‌ଗୁଡ଼ିକରେ ଭରପୂର ମାତ୍ରାରେ ରହିଥିଲା। ସରକାରଙ୍କ ପାଖରେ ଆଉ ଜାଗା ନଥିଲା ଏ ବର୍ଷର ଧାନ କିଣିବା ପାଇଁ। ତେଣୁ ଏବର୍ଷ କିପରି କମ୍ ଧାନ ସଂଗ୍ରହ କରାଯିବ ସରକାର ପ୍ରଥମ ଦିନରୁ ସେହି ଚେଷ୍ଟା କରିଥିଲେ। ସରକାର ଚାଷୀକୁଳର ସମସ୍ୟାକୁ ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଆଇଏଏସ ପ୍ରଶିକ୍ଷାର୍ଥୀଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପରିଦର୍ଶନ

# ସାମାଜିକ ସୁରକ୍ଷା ଯୋଜନା ବାବଦରେ ନେଲେ ପ୍ରଶିକ୍ଷଣ



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଓଡ଼ିଶା କ୍ୟାଡରର ଏକ ଆଇଏଏସ ପ୍ରଶିକ୍ଷାର୍ଥୀ ଦଳ ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପରିଦର୍ଶନ କରିଛନ୍ତି। ସେମାନଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଏକ ଅଂଶସ୍ୱରୂପ, ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ସାମାଜିକ କଲ୍ୟାଣ, ଅନ୍ତର୍ଭୁକ୍ତିମୂଳକ ଶାସନ ଏବଂ ତୃଣମୂଳ ସ୍ତରରେ ସେବା ପ୍ରଦାନ ପ୍ରକ୍ରିୟା ସହ ପରିଚିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗର ବିଭିନ୍ନ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା ଓ ସାଂସ୍ଥାନିକ ଭିତ୍ତିଭୂମି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏଥିରେ ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଶାସନ ସଚିବ ସମାଜର ପଛୁଆ ଏବଂ ଅବହେଳିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଟ୍ରାନ୍ସଜେଣ୍ଡରଙ୍କ ସାମାଜିକ ଓ ଆର୍ଥିକ ବିକାଶ ତଥା ସମାନତା ପାଇଁ ଉଦ୍ଦିଷ୍ଟ 'ସ୍ୱୀକୃତି' ଯୋଜନା ସମେତ ବରିଷ୍ଠ ନାଗରିକ, ଭିକ୍ଷୁକ ଏବଂ ନିରାଶ୍ରୟମାନଙ୍କ ପାଇଁ ଥିବା ପୁନର୍ବାସ କାର୍ଯ୍ୟକ୍ରମ ବିଷୟରେ ସେ ବୁଝାଇଥିଲେ। ଏହା ସହିତ ବୟସ୍କ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ଏବଂ ଏହାର ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉପଖଣ୍ଡ ସ୍ତରରେ ଏହିସବୁ ଯୋଜନାର ସଫଳ ରୂପାୟନ ଓ ତଦାରଖ କ୍ଷେତ୍ରରେ ଉପ-ଜିଲ୍ଲାପାଳଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ବାବଦରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା।



ସମ୍ବଲପୁରର ବିଭିନ୍ନ ଶୀତଳଷଷ୍ଠୀ କମିଟିର ସଦସ୍ୟମାନେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଗାମୀ ଶୀତଳଷଷ୍ଠୀ ଉତ୍ସବ ପାଇଁ ନିମନ୍ତ୍ରଣ କରୁଛନ୍ତି।

# ବେଦାନ୍ତ ଆଲୁମିନିୟମର ସ୍ଥିର କୃଷି ପଦ୍ଧତି



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ମଙ୍ଗଳବାର ବେଦାନ୍ତ ଆଲୁମିନିୟମ ସହାୟତାରେ ଲାଞ୍ଜିଗଡ଼ ନିକଟବର୍ତ୍ତୀ ଏକାଧିକ ଗ୍ରାମରେ ଜଳ ପ୍ରଣାଳୀର ପୁନରୁଦ୍ଧାର, ବୈଜ୍ଞାନିକ ଜଳଛାୟା ଯୋଜନା ଆଦି ଆରମ୍ଭ କରାଯାଇଛି। ବେଦାନ୍ତ ଆଲୁମିନିୟମର ଜଳଛାୟା ବିକାଶ ପଦକ୍ଷେପ 'ପ୍ରୋଜେକ୍ଟ ସଙ୍ଗମ'ରେ କଳାହାଣ୍ଡିର ୪୧ଟି ଗାଁର ୮୦୦ ଏକରରୁ ଅଧିକ ଚାଷ ଜମିରେ ଜଳସେଚନ ସୁବିଧା ଉପଲବ୍ଧ କରାଯାଇଛି। ଏହାଦ୍ୱାରା ୯ହଜାରରୁ ଅଧିକ ଲୋକ ଉପକୃତ ହୋଇପାରିବେ। ଚାଷୀ ସମ୍ପ୍ରଦାୟ ପାଇଁ ଏହା ଏକ ସ୍ଥାୟୀ ପଦକ୍ଷେପ ହେବା ବୋଲି କୁହାଯାଉଛି।

"ବର୍ଷ ବର୍ଷ ଧରି, ଆମର ଚାଷ ସମ୍ପୂର୍ଣ୍ଣ ଭାବରେ ଅନିଶ୍ଚିତ ବର୍ଷା ଉପରେ ନିର୍ଭରଶୀଳ ଥିଲା। ଏବେ ଆମେ ଆମର କ୍ଷେତ ପାଇଁ ଜଳସେଚନ ସୁନିଶ୍ଚିତ କରିଛୁ। ପାଣି ବହୁତ ଦୀର୍ଘ ସମୟ ପାଇଁ ଉପଲବ୍ଧ ରହିଥାଏ, ଫସଲ ଉତ୍ପାଦନରେ ଉନ୍ନତି ଆସିଛି, ଏବଂ ପରିବାରଗୁଡ଼ିକ ଭଲ ଆୟ କରୁଛନ୍ତି। ପୂର୍ବରୁ, ଅନେକ ଲୋକ ଶୁଖିଲା ମାସରେ କାମ ଖୋଜିବାକୁ ଗାଁ ଛାଡିବାକୁ ଚିନ୍ତିତ ଥିଲେ। ସେହି ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇଛି ବୋଲି ଲାଞ୍ଜିଗଡ଼ରେ ରହୁଥିବା ଜଣେ ଚାଷୀ ଜୁଗେଶ୍ୱର ଦଳପତି କହିଛନ୍ତି।

କଳାହାଣ୍ଡି ଭଳି ଜଳବାୟୁ-ସମ୍ବେଦନଶୀଳ ଅଞ୍ଚଳରେ ଏପରି ହସ୍ତକ୍ଷେପର ଗୁରୁତ୍ୱ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ବିଶେଷଜ୍ଞମାନେ ଭୂତଳ ଜଳ ହ୍ରାସ ଏବଂ ଅନିୟମିତ ବର୍ଷା ଢାଞ୍ଚାର ମୁକାବିଲା କରିବା ପାଇଁ ବିକେନ୍ଦ୍ରୀକୃତ ଜଳଛାୟା ବ୍ୟବସ୍ଥାର ଆବଶ୍ୟକତା ଉପରେ ବାରମ୍ବାର ଗୁରୁତ୍ୱାରୋପ କରିଛନ୍ତି। କୃଷି ବ୍ୟତୀତ ଏହି ପଦକ୍ଷେପ ବ୍ୟାପକ ପରିବେଶଗତ ଏବଂ ସାମାଜିକ ଉନ୍ନତିରେ ମଧ୍ୟ ଯୋଗଦାନ ଦେଉଛି। ବର୍ଦ୍ଧିତ ଭୂତଳ ଜଳ ପୁନଃଭରଣ ବ୍ୟାପକ ପାନୀୟ ଜଳ ଉପଲବ୍ଧତାକୁ ସମର୍ଥନ କରୁଛି, ଯେତେବେଳେ ଉନ୍ନତ ମାଟି ଆର୍ଦ୍ରତା ଭୂମି ପୁନରୁଦ୍ଧାର ଏବଂ ସବୁଜ ଭୂଦୃଶ୍ୟକୁ ସହାୟତା କରୁଛି। ବେଦାନ୍ତ ଆଲୁମିନିୟମ ଏବେ ୩,୫୦୦ ଏକରରୁ ଅଧିକ ଜମିକୁ ଜଳସେଚନ କଭରେଜ୍ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି।

## ପୁଲିସକୁ ପୂର୍ବରୁ କୌଣସି ଦଳ ଏପରି ବ୍ୟବହାର କରି ନଥିଲେ




**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ବିଜେଡିର ୨୪ ବର୍ଷର ଶାସନରେ ମଧ୍ୟ ଆଇନର ଶାସନ ନ ଥିଲା। ପୁଲିସକୁ ଶାସକ ଦଳର ରାଜନେତାମାନେ ହାତବାରିସି କରି ଅନେକ ସ୍ଥାନରେ ଆତଙ୍କରାଜ କରୁଥିବାରୁ ଅଭିଯୋଗ ହେଉଥିଲା।ଅଥଚ ରାଜ୍ୟରେ ବିଜେପିର ମାତ୍ର ୨ ବର୍ଷର ଶାସନ ଏହାକୁ ଟପି ଏକ ତାଲିବାନୀ-ଶାସନରେ ପରିଣତ ହୋଇଯାଇଛି। ପୂର୍ବରୁ କୌଣସି ଶାସନରେ ବି ପୁଲିସକୁ ଶାସକ ଦଳର ନେତା ଓ କର୍ମୀ ଏପରି ଖୁଲ୍ଲମଖୁଲ୍ଲା ବ୍ୟବହାର କରି ନ ଥିଲେ ବୋଲି ପିସିସି ଗଣମାଧ୍ୟମର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ଏକ ପ୍ରେସ୍ ବିବୃତ୍ତିରେ ସେ କହିଛନ୍ତି, ଆଇନର ଶାସନ ବୋଲି ଆଉ କିଛି ନାହିଁ। ବର୍ବର ଭିଡ଼ହିଂସା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସ୍ପଷ୍ଟ ଦିବାଲୋକରେ ବହୁତ ଲୋକ ମିଶି ଜଣେ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଧାରା ପୂର୍ବରୁ ବିଜେପି ଉତ୍ତରପ୍ରଦେଶ, ରାଜସ୍ଥାନ, ହରିଆନା ଭଳି ରାଜ୍ୟଗୁଡ଼ିକରେ କରୁଥିଲା। ତା'ର ପ୍ରଭାବ ଏବେ ଓଡ଼ିଶାରେ ପଡ଼ିଛି। ନିକଟ ଅତୀତରେ ଓଡ଼ିଶାରେ ସଂଘଟିତ ଏପରି ହିଂସାକାଣ୍ଡରେ ଶାସକ ଦଳର ନେତାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପୃକ୍ତି ରହୁଥିବାରୁ ସେଥିରେ କେହି ହାତ ମାରିବାକୁ ସାହସ କରୁନାହାନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମଙ୍ଗଳବାର କଳାରାହାଙ୍ଗ ମୌଜା ଅନ୍ତର୍ଗତ ପ୍ଲଟ୍ ନମ୍ବର ୧୬୮୩ରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ସହ ପ୍ରାୟ ୦.୩୦୦ ଏକର ଜମିକୁ ଦଖଲରୁ ମୁକ୍ତ କରାଯାଇଛି। ଏହି ଅଭିଯାନରେ ତିନୋଟି ନିର୍ମାଣାଧୀନ ଘର, ୬ଟି ଏସିସି ସିଟ୍ ଘର, ୪ଟି ଶୌଚାଳୟ, ଗୋଟିଏ ଚିକେନ୍ ଦୋକାନ, କେବିନ୍, କବାଡ଼ି ଷ୍ଟୋର ଏବଂ ଏକ ପାଣି ଟ୍ୟାଙ୍କି ଭାଙ୍ଗି ଦିଆଯାଇଛି। ଏହା ସହିତ ପ୍ରାୟ ୧୫୦ ଫୁଟ୍ ଚଉଡ଼ାର ଲୁହା ବାଡ଼ ମଧ୍ୟ ହଟାଇ ଦିଆଯାଇଛି। ଉଚ୍ଛେଦ କାର୍ଯ୍ୟ ଆସନ୍ତାକାଲି ମଧ୍ୟ ଜାରି ରହିବ। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ, ବିକାଶମୂଳକ କାର୍ଯ୍ୟ ପାଇଁ ଅନଧିକୃତ ଜବରଦଖଲକାରୀମାନେ ନିଜେ ଜମି ଖାଲି କରିଦେବାକୁ ଆମେ ଅନୁରୋଧ କରୁଛୁ। ବିଡିଏର ଜଏଣ୍ଟ କମିଶନର (ଏନଫୋର୍ସମେଣ୍ଟ) ରଞ୍ଜନ କୁମାରଙ୍କ ନେତୃତ୍ୱରେ ଚାଲିଥିବା ଏହି ଉଚ୍ଛେଦ ଅଭିଯାନ ସମୟରେ ସାଧାରଣ ପ୍ରଶାସନ ବିଭାଗର ଡେପୁଟି ଡାଇରେକ୍ଟର ଅମିୟ କୁମାର ଦାସ ଉପସ୍ଥିତ ଥିଲେ। ଉଚ୍ଛେଦ ଅଭିଯାନରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍-୧, ୨, ୩, ୪, ୫, ୬ ଏବଂ ୮ର ଟିମ୍, ଜୁନିୟର ଏନଫୋର୍ସମେଣ୍ଟ ଅଫିସର (ଜେଇଓ), ଜିଏ ବିଭାଗର ରେଭେନ୍ୟୁ ଇନ୍ସପେକ୍ଟର ଉପସ୍ଥିତ ଥିଲେ। ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ଇନ୍‌ଫୋସିଟି ଥାନା ତରଫରୁ ପୋଲିସ୍ ବାହିନୀ ମୁତୟନ କରାଯାଇଥିଲା।

## ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବାର ଶୁଭାରମ୍ଭ



**ଭୁବନେଶ୍ୱର,୧୯।୫ (ସଂଚାର ବ୍ୟୁରୋ):** ଚଳିତ ଗ୍ରୀଷ୍ମଋତୁ ସମୟରେ ଯାତ୍ରୀଙ୍କ ଚାହିଦାକୁ ପୂରଣ କରିବା ପାଇଁ, ଭାରତୀୟ ରେଳବାଇ ପାଟନା ଜଙ୍କସନ ଏବଂ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଚାଲୁଥିବା ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ସେବାର ଅବଧି ବୃଦ୍ଧି ଏବଂ ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସି ଓ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଏକ ନୂତନ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ସେବା ଆରମ୍ଭ କରିବାକୁ ଘୋଷଣା କରିଛି। ଯାତ୍ରୀମାନଙ୍କର କ୍ରମାଗତ ଚାହିଦାକୁ ଦୃଷ୍ଟିରେ ରଖି ପାଟନା ଜଙ୍କସନ ଏବଂ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଚାଲୁଥିବା ପାଟନା ଜଙ୍କସନ-ଖୋର୍ଦ୍ଧା ରୋଡ଼ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନର ଅବଧି ଜୁନ ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ଖୋର୍ଦ୍ଧା ରୋଡ଼-ପାଟନା ଜଙ୍କସନ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନର ଅବଧିକୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଟ୍ରେନଗୁଡ଼ିକର ସମୟସୂଚୀ, ଷ୍ଟପେଜ୍ ଏବଂ କୋଚ ସଂରଚନାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏହା ବ୍ୟତୀତ, ଯାତ୍ରୀମାନଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସି ଏବଂ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଏକ ନୂତନ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ସେବା ଆରମ୍ଭ କରିଛି। ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସି-ଖୋର୍ଦ୍ଧା ରୋଡ଼ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ପ୍ରତି ଶୁକ୍ରବାର ଭୋର ୪ଟା ୫୫ରେ ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସିରୁ ଛାଡ଼ିବ ଏବଂ ଶନିବାର ସନ୍ଧ୍ୟା ୭ଟା ୩୦ରେ ଖୋର୍ଦ୍ଧା ରୋଡ଼ ଜଙ୍କସନରେ ପହଞ୍ଚିବ।

# ଦୁର୍ନୀତି ମାମଲା: ଫଇସଲା କମ୍ ଓ ଦଣ୍ଡବିଧାନ ଅଧିକ

**ଭୁବନେଶ୍ୱର,୧୯।୫:** ଦୁର୍ନୀତି ନିବାରଣ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ପ୍ରାୟ ୫୦ ପ୍ରତିଶତ ରହୁଥିବାବେଳେ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଦଣ୍ଡବିଧାନ ହାର ୮୦ ପ୍ରତିଶତ ଥିବା ରେକର୍ଡ କରାଯାଇଛି।

୨୦୨୫-୨୬ ବର୍ଷରେ ଦୁର୍ନୀତି ନିବାରଣ ବିଭାଗ ୩୪୦ ଜଣ ବ୍ୟକ୍ତିଙ୍କ ବିରୋଧରେ ୨୦୫ଟି ଫୌଜଦାରୀ ମାମଲା ରୁଜୁ କରିଥିଲା। ଏମାନଙ୍କ ଭିତରେ ୫୪ଜଣ ପ୍ରଥମ ଶ୍ରେଣୀ ପାହ୍ୟାର, ୩୯ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର, ୧୬୩ଜଣ ତୃତୀୟ ଶ୍ରେଣୀ ପାହ୍ୟାର ଓ ୭ଜଣ ଚତୁର୍ଥ ଶ୍ରେଣୀ ପାହ୍ୟାର ସରକାରୀ କର୍ମଚାରୀ ଥିବାବେଳେ ଆଉ ୧୬ଜଣ ପବ୍ଲିକ୍ ସର୍ଭେଣ୍ଟ ଓ ୬୧ଜଣ ବେସରକାରୀ ବ୍ୟକ୍ତି ଥିବା ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ୨୦୨୫-୨୬ ବର୍ଷରେ ୪୯ଟି ଆୟ ବହିର୍ଭୂତ ସମ୍ପତ୍ତି ମାମଲା ୮୯ଜଣଙ୍କ ବିରୋଧରେ ଦରଜ ହୋଇଛି, ଯେଉଁମାନଙ୍କ ଭିତରେ ୨୫ଜଣ ପ୍ରଥମ ଶ୍ରେଣୀ ଓ ୧୩ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଧିକାରୀ ଅଛନ୍ତି। ଏହି ମାମଲାଗୁଡ଼ିକରେ ପ୍ରାୟ ୧୨୦ କୋଟି ୭୪ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଲାଞ୍ଚ ନେବାବେଳେ ୧୧୬ଜଣଙ୍କୁ ଧରି ସେମାନଙ୍କ ବିରୋଧରେ ୯୮ଟି ମାମଲା ମଧ୍ୟ ରୁଜୁ ହୋଇଛି ଏବଂ ଏହି ଲାଞ୍ଚର ପରିମାଣ ୨୬ଲକ୍ଷ ଟଙ୍କାରୁ ଅଧିକ ଥିବା ଜଣାପଡ଼ିଛି। ଏହି ମାମଲାରେ ୧୪ଜଣ ପ୍ରଥମ ଶ୍ରେଣୀ ଓ ୧୭ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଧିକାରୀ ସମ୍ପୃକ୍ତ ଥିବାବେଳେ ୭୦ଜଣ ତୃତୀୟ ଶ୍ରେଣୀ ପାହ୍ୟାର ଅଧିକାରୀ ଅଛନ୍ତି। ଉକ୍ତ ବର୍ଷରେ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ୧୩୫ଜଣ ବ୍ୟକ୍ତିଙ୍କ ବିରୋଧରେ ୫୮ଟି ମାମଲା ରୁଜୁ ହୋଇଛି। ଏମାନଙ୍କ ଭିତରେ ୧୫ଜଣ ପ୍ରଥମ ଶ୍ରେଣୀ ଓ ୯ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଧିକାରୀ ଥିବାବେଳେ ୭୬ଜଣ ତୃତୀୟ ଶ୍ରେଣୀ ପାହ୍ୟାର କର୍ମଚାରୀ ଅଛନ୍ତି। ଏହି ବାଟମାରଣା ଅର୍ଥର ପରିମାଣ ୨୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଦୁର୍ନୀତି ନିବାରଣ ବିଭାଗ ଉକ୍ତ ବର୍ଷରେ ୩୫ଜଣ ପ୍ରଥମ ଶ୍ରେଣୀ ଓ ୩୩ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଧିକାରୀଙ୍କ ସହିତ ୨୧୪ଜଣଙ୍କୁ ଗିରଫ କରିଥିଲା। ତେବେ ଭିଜିଲାନ୍ସ ମାମଲାରେ ୨୦୨୫-୨୬ ବର୍ଷରେ ୧୦୮ଟିରେ ଦଣ୍ଡବିଧାନ ହୋଇଛି ଯେଉଁଥିରେ ୨୦ଜଣ ପ୍ରଥମ ଶ୍ରେଣୀ ଓ ୨୩ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଧିକାରୀ ଓ ୭୪ଜଣ ତୃତୀୟ ଶ୍ରେଣୀ ପାହ୍ୟାର କର୍ମଚାରୀଙ୍କ ସମେତ ମୋଟ ୧୩୫ଜଣ ଅଭିଯୁକ୍ତ ଅଛନ୍ତି।

ଅନ୍ୟପକ୍ଷରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଚଳିତ ମାସରେ ପ୍ରକାଶ କରିଥିବା କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୪ ରିପୋର୍ଟରେ ୨୦୨୪ ବର୍ଷରେ ଓଡ଼ିଶାରେ ବିଚାର ପାଇଁ ଥିବା ୩୯୮୮ଟି ଦୁର୍ନୀତି ନିବାରଣ ମାମଲାରୁ ୨୫୭ଟି ଫଇସଲା ହୋଇଥିବାବେଳେ ସେଥିରୁ ୧୦୫ଟିରେ ଦଣ୍ଡବିଧାନ ହୋଇଛି ଓ ୧୧୭ଟିରେ ଅଭିଯୁକ୍ତମାନେ ଖସିଯାଇଛନ୍ତି। ମୋଟାମୋଟି ଭାବେ ଉକ୍ତ ବର୍ଷରେ ଓଡ଼ିଶାରେ ଦୁର୍ନୀତି ନିବାରଣ ମାମଲାରେ ଦଣ୍ଡବିଧାନ ହାର ୪୭.୩ ପ୍ରତିଶତ ରହିଛି ଯାହା ଜାତୀୟ ହାରଠାରୁ ଅଧିକ। ତେବେ ଯେତେ ସଂଖ୍ୟକ ମାମଲା ବିଚାର ପାଇଁ ରହିଥିଲା ସେଥିରୁ ମାତ୍ର ୬.୪ ପ୍ରତିଶତ ଓଡ଼ିଶାରେ ଫଇସଲା ହୋଇଥିବାବେଳେ ଆଉ ୯୩.୬ ପ୍ରତିଶତ ବକେୟା ମାମଲା ଭାବେ ପରବର୍ଷକୁ ଗଡ଼ିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।(ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ବୁଧବାର ୨୦ ମେ ୨୦୨୬, ଭୁବନେଶ୍ୱର
Wednesday 20 May 2026, Bhubaneswar



# ଭାରତ-ଇଟାଲୀ ସମ୍ପର୍କ: ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ

**ନରେନ୍ଦ୍ର ମୋଦୀ**, ପ୍ରଧାନମନ୍ତ୍ରୀ
**ଜର୍ଜିଆ ମେଲୋନି**, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ




ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି। ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିଣତ ହୋଇଛି।

ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବଢ଼ୁଛି। ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି। ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି।

ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ। ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ। ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସମନ୍ୱୟ ସୃଷ୍ଟି କରିବାକୁ ଚାହୁଁଛୁ। ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ।

ୟୁରୋପିୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। "ମେଡ୍ ଇନ୍ ଇଟାଲୀ" ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି। ଆଜି "ମେକ୍ ଇନ୍ ଇଣ୍ଡିଆ" କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି। ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି। ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ। ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ। ଭାରତରେ ଦ୍ରୁତ ଗତିରେ ବଢ଼ୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ସେବାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ।

ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଉଛି। ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କେନ୍ଦ୍ରିକ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି। ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ। ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ "ଏଲ୍ଗୋର-ଏଥିକ୍ସ" ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ। କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ। ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ। ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ। ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା। ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ। ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ। ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ। ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି। ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ। ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ। ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି। ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱାର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ।

ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ। ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି। ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ - ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫ୍ୟୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି। ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି। ବାସ୍ତବରେ ଏକ ନୂଆ "ଭାରତ-ଭୂମଧ୍ୟସାଗର" (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ। ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍ ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ। ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି। ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ।

ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା। ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି।

ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ "ଧର୍ମ"ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍। ସେହିପରି "ବସୁଧୈବ କୁଟୁମ୍ବକମ୍" - ଅର୍ଥାତ୍ "ସାରା ବିଶ୍ୱ ଏକ ପରିବାର"ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି।

ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି। ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ। ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।

# ଔଷଧ ବ୍ୟବସାୟ ପାଇଁ ବିପଦ

ଭାରତର ଔଷଧ ବ୍ୟବସାୟ ଏକ ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ପ୍ରାୟ ୧୨ ଲକ୍ଷରୁ ଅଧିକ ରିଟେଲ ଫାର୍ମାସି ଏବଂ ଡିଷ୍ଟ୍ରିବ୍ୟୁଟର୍ସ ଏହି ବ୍ୟବସାୟରେ ନିୟୋଜିତ, ଯାହା ପ୍ରାୟ ୫ କୋଟି ଲୋକଙ୍କ ଜୀବିକା ନିର୍ଭର କରେ। କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଅନଲାଇନ୍ ଇ-ଫାର୍ମାସି ପ୍ଲାଟଫର୍ମର ଉତଥାନ ଏହି ପାରମ୍ପରିକ ଔଷଧ ବ୍ୟବସାୟକୁ ଗଭୀର ଭାବେ ବିପନ୍ନ କରିଛି। ଏହା କେବଳ ଏକ ବ୍ୟବସାୟିକ ପ୍ରତିଯୋଗିତା ନୁହେଁ, ବରଂ ଜନସ୍ୱାସ୍ଥ୍ୟ ଏବଂ ନିୟନ୍ତ୍ରଣର ଏକ ବଡ଼ ବିପଦ ହୋଇ ଉଠିଛି।

ପାରମ୍ପରିକ ଔଷଧ ଦୋକାନରେ ଏକ ଲାଇସେନ୍ସପ୍ରାପ୍ତ ଫାର୍ମାସିଷ୍ଟ ରୋଗୀଙ୍କ ପ୍ରେସକ୍ରିପସନ୍ ଯାଞ୍ଚ କରି ଔଷଧ ପ୍ରଦାନ କରନ୍ତି। ଏହା ଦ୍ୱାରା ଅନାବଶ୍ୟକ ଔଷଧ ବ୍ୟବହାର, ଆଣ୍ଟିବାୟୋଟିକ୍ ଅପବ୍ୟବହାର ଏବଂ ଜାଲ୍ ଔଷଧର ପ୍ରବେଶ ରୋକା ଯାଏ। କିନ୍ତୁ ଅନଲାଇନ ପ୍ଲାଟଫର୍ମରେ ପ୍ରେସକ୍ରିପସନ୍ ଯାଞ୍ଚ ଅନେକ ସମୟରେ ନାମମାତ୍ରକୁ ହୁଏ ବା ଏଆଇ-ଜେନେରେଟେଡ ଜାଲ ପ୍ରେସକ୍ରିପସନ୍ ଗ୍ରହଣ କରାଯାଏ। ଏହା ଯୁବକମାନଙ୍କ ମଧ୍ୟରେ ଡ୍ରଗ ଆଡିକ୍ସନ୍, ସେଲ୍ଫ-ମେଡିକେସନ୍ ଏବଂ ସିଡ୍ୟୁଲ ଏଚ, ଏକ୍ସ ଔଷଧର ଅପବ୍ୟବହାରକୁ ପ୍ରୋତ୍ସାହିତ କରୁଛି। ଜାଲ ଔଷଧର ଅନଲାଇନ୍ ବିକ୍ରୟ ମଧ୍ୟ ଏକ ବଡ଼ ସମସ୍ୟା। ଅନେକ ଅଧ୍ୟୟନରେ ଦେଖାଯାଇଛି ଯେ ଇଣ୍ଟରନେଟ୍ ଫାର୍ମାସିରୁ କ୍ରୟ କରାଯାଉଥିବା ଔଷଧର ଏକ



ଉଲ୍ଲେଖନୀୟ ଅଂଶ ଜାଲ ହୋଇପାରେ, ଯାହା ରୋଗୀଙ୍କ ଜୀବନକୁ ବିପଦରେ ପକାଏ।

ଆର୍ଥିକ ଦୃଷ୍ଟିରୁ ଏହା ପାରମ୍ପରିକ ବ୍ୟବସାୟକୁ ଧ୍ୱଂସ କରୁଛି। ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ କମ ଓଭରହେଡ୍ ଖର୍ଚ୍ଚ ଯୋଗୁଁ ଭାରୀ ଡିସକାଉଣ୍ଟ ଦେଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି। ଏହା ଛୋଟ ଛୋଟ ଦୋକାନଗୁଡ଼ିକର ମାର୍ଜିନ୍ କମ୍ କରିଦେଉଛି ଏବଂ ଗ୍ରାମାଞ୍ଚଳରେ ଔଷଧ ଯୋଗାଣ ନେଟୱର୍କକୁ ବିପନ୍ନ କରୁଛି। ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ୍ ଆଣ୍ଡ୍ ଡ୍ରଗିଷ୍ଟ ଏହି କାରଣରୁ ବାରମ୍ବାର ପ୍ରତିବାଦ କରୁଛି ଏବଂ ମେ ୨୦, ୨୦୨୬ରେ ଜାତୀୟ ସ୍ତରରେ ବନ୍ଦ ଡାକରା ଦେଇଛି। ଦିଲ୍ଲୀ ଓ ମଦ୍ରାସ ହାଇକୋର୍ଟ ମଧ୍ୟ ଅନଲାଇନ ବିକ୍ରୟ ଉପରେ ବାରମ୍ବାର ନିଷେଧାଜ୍ଞା ଜାରି କରିଛନ୍ତି, କିନ୍ତୁ ନିୟମ ଲାଗୁ ହେଉନାହିଁ।

ଔଷଧ ଏବଂ କସମେଟିକ୍ସ ଆକ୍ଟ୍ ୧୯୪୦ ଏବଂ ନିୟମାବଳୀ ଅନୁଯାୟୀ ଔଷଧ ବିକ୍ରୟ କଠୋର ଭାବେ ନିୟନ୍ତ୍ରିତ। କିନ୍ତୁ ଇ-ଫାର୍ମାସି ପାଇଁ ସ୍ପଷ୍ଟ ଏବଂ କାର୍ଯ୍ୟକାରୀ ନିୟମ ଏପର୍ଯ୍ୟନ୍ତ ନାହିଁ। ଡ୍ରାଫ୍ଟ ନିୟମ (୨୦୧୮) ଥିଲେ ମଧ୍ୟ ପୂର୍ଣ୍ଣ ଲାଗୁ ହୋଇନାହିଁ। ଏହା ଯୋଗୁଁ ଅନିୟନ୍ତ୍ରିତ ବିକ୍ରୟ ଚାଲିଛି, ଯାହା ଜନସ୍ୱାସ୍ଥ୍ୟକୁ ବିପଦରେ ପକାଉଛି। ସରକାର ଏହି ସମସ୍ୟାର ଗମ୍ଭୀରତା ବୁଝି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ପ୍ରଥମତଃ, ସମସ୍ତ ଇ-ଫାର୍ମାସିକୁ ସେଣ୍ଟ୍ରାଲ୍ ଲାଇସେନ୍ସିଂ ଅଥରିଟି ସହ ରେଜିଷ୍ଟର୍ କରିବା ଆବଶ୍ୟକ କରିବା ଉଚିତ୍। ପ୍ରେସକ୍ରିପସନ୍ ଯାଞ୍ଚ, ଜାଲ ଔଷଧ ରୋକା ଏବଂ ଡେଲିଭାରୀ ପାଇଁ କଡ଼ା ନିୟମ ଲାଗୁ କରିବା ଦରକାର। ଗ୍ରାହକଙ୍କ ସୁରକ୍ଷା ଏବଂ ଛୋଟ ବ୍ୟବସାୟୀଙ୍କ ଜୀବିକା ରକ୍ଷା କରିବା ସହିତ ପ୍ରଯୁକ୍ତି ସୁବିଧାକୁ ସନ୍ତୁଳିତ କରିବା ଆବଶ୍ୟକ।

ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ଭାରତର ଔଷଧ ବଣ୍ଟନ ନେଟୱର୍କ ଧ୍ୱଂସ ହୋଇଯିବ ଏବଂ ଜନସ୍ୱାସ୍ଥ୍ୟ ବିପର୍ଯ୍ୟୟ ଘଟିବ। ସରକାର, ନିୟାମକ ସଂସ୍ଥା ଏବଂ ବ୍ୟବସାୟୀ ମିଳିତ ଭାବେ ଏକ ସନ୍ତୁଳିତ, ନିରାପଦ ଏବଂ ନିୟନ୍ତ୍ରିତ ମଡେଲ୍ ପ୍ରସ୍ତୁତ କରନ୍ତୁ। ଔଷଧ କେବଳ ଏକ ବ୍ୟବସାୟ ନୁହେଁ, ଏହା ଜୀବନ ସହ ଜଡ଼ିତ। ଏହାକୁ ବ୍ୟବସାୟିକ ଲାଭ ପାଇଁ ବ୍ୟବହାର କରିବା ଉଚିତ ନୁହେଁ।

# ସମୟକୁ ଟିକିଏ ସମୟ ଦିଅ

**ଅଖିଳ ତରାଇ**



ମଣିଷ ଜୀବନ ଏକ ନଦୀ ଭଳି, ଯାହା ଅନବରତ ବୋହିଚାଲେ। ଏହି ଯାତ୍ରାରେ କେତେବେଳେ ଶାନ୍ତ ସ୍ରୋତ ମିଳେ ତ କେତେବେଳେ ପାହାଡ଼ ସଦୃଶ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥାଏ। କିନ୍ତୁ ଏ ସବୁ ଭିତରେ ସବୁଠାରୁ ବଡ଼ ସତ୍ୟ ହେଉଛି 'ସମୟ'। ସମୟର ଚକ ଅଟକି ରହେନାହିଁ, ସେ ନିଜ ଗତିରେ ଆଗକୁ ବଢ଼ିଚାଲେ ଏବଂ ତା' ସହିତ ବଦଳାଇ ଦିଏ ଜୀବନର ପରିଭାଷା। ଆମେ ଜୀବନର କୌଣସି ଏକ ଜଟିଳ ମୋଡ଼ରେ ଥାଇ ଯେଉଁ ସମସ୍ୟାକୁ ପାହାଡ଼ ଭଳି ଅତିକ୍ରମ କରିବା ଅସମ୍ଭବ ବୋଲି ଭାବିଥାଉ, ସମୟର ସ୍ରୋତରେ ଦିନେ ସେହି ସମସ୍ୟା ବାଲିଘର ଭଳି ମିଳେଇଯାଏ। ବାସ୍ତବରେ ସମୟ ସହିତ ଦିନେ ସବୁ କିଛି ଠିକ୍ ହୋଇଯାଏ। ଏହା କେବଳ ଏକ ଆଶ୍ୱାସନା ନୁହେଁ ବରଂ ଜୀବନର ଏକ ଚିରନ୍ତନ ନିୟମ। ଯେତେବେଳେ ଆମେ କୌଣସି ବିପତ୍ତିର ମଧ୍ୟଭାଗରେ ଥାଉ, ସେତେବେଳେ ଆଲୋକର କୌଣସି କିରଣ ଦେଖାଯାଏ ନାହିଁ କିନ୍ତୁ ସମୟ ନିଜ ନିସ୍ତବ୍ଧ ଗତିରେ ସେହି ଅନ୍ଧକାରକୁ ଦୂର କରି ନୂତନ ସକାଳର ଆଗମନ କରାଇଥାଏ। ଏହି ପ୍ରକ୍ରିୟା ସ୍ୱାଭାବିକ ଏବଂ ସାର୍ବଜନୀନ।

ଜୀବନରେ ଏମିତି କିଛି ମୁହୂର୍ତ୍ତ ଆସେ, ଯେତେବେଳେ କୌଣସି ଦୁଃଖ ବା ଆଘାତ ଆମକୁ ଭିତରୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଏ। ସେତେବେଳେ ମନେହୁଏ, ଏହି କଷ୍ଟ ବୋଧହୁଏ କେବେ ଦୂର ହେବନାହିଁ। ହୃଦୟରେ ସୃଷ୍ଟି ହୋଇଥିବା ଗଭୀର କ୍ଷତ ଏବଂ ମନର ଅଶାନ୍ତି ଦେଖି ଆମେ ଭାବୁ ଯେ ପୁଣି ଥରେ ଠିଆ ହେବା ବା ହସିବା ଅସମ୍ଭବ। କିନ୍ତୁ ସମୟ ହେଉଛି ସବୁଠାରୁ ବଡ଼ ମଲମ। ତା'ର ଧୀର ସ୍ପର୍ଶରେ ଦିନେ ସେହି ଅସହ୍ୟ ଆଘାତ ଶୁଖିଯାଏ। କେବଳ ରହିଯାଏ ଏକ ଦାଗ, ଯାହା ଆମକୁ ଆମର ସଂଘର୍ଷ ଏବଂ ଧୈର୍ଯ୍ୟର କଥା ମନେ ପକାଇଦିଏ। ଠିକ୍ ସେହିପରି, କୌଣସି ପ୍ରିୟ ମଣିଷର ବିଚ୍ଛେଦ ବା କୌଣସି ନିବିଡ଼ ସମ୍ପର୍କର ଅନ୍ତ ଘଟିଲେ ଜୀବନ ସ୍ଥାଣୁ ପାଲଟିଯାଏ। ସେହି ମଣିଷ ବିନା ବଞ୍ଚିବା କଷ୍ଟକର ଲାଗେ ଏବଂ ତାଙ୍କ ବିନା ସାରା ସଂସାର ତୁଚ୍ଛ ଓ ଶୂନ୍ୟ ମନେହୁଏ। ଆମେ ଭାବୁ ଯେ ଆମର ଅସ୍ତିତ୍ୱ ବୋଧହୁଏ ସେହି ସମ୍ପର୍କ ସହିତ ଶେଷ ହୋଇଗଲା। କିନ୍ତୁ ସମୟ ଆମକୁ ସେହି ଶୂନ୍ୟତା ସହିତ ବଞ୍ଚିବା ଶିଖାଇଦିଏ। ଆସ୍ତେ ଆସ୍ତେ ସେହି ଶୂନ୍ୟ ସ୍ଥାନରେ ନୂଆ ଆଶା, ନୂଆ ଅନୁଭୂତି ଏବଂ ନୂଆ ସମ୍ପର୍କ ଗଢ଼ିଉଠେ। ମଣିଷ ବୁଝିପାରେ ଯେ କାହା ପାଇଁ ଜୀବନ ଅଟକି ରହେନାହିଁ। ପ୍ରକୃତିର ନିୟମ ଅନୁସାରେ ପୁରୁଣା ସ୍ଥାନରେ ନୂଆର ଆଗମନ ଅବଶ୍ୟମ୍ଭାବୀ।

ଏହି ପରିବର୍ତ୍ତନ କେବଳ ମାନସିକ ବା ଭାବନାତ୍ମକ ସ୍ତରରେ ସୀମିତ ନୁହେଁ ବରଂ ଆମର ସାମାଜିକ ଓ ଚତୁଃପାର୍ଶ୍ୱର ଭୌତିକ ପରିବେଶରେ ମଧ୍ୟ ଦେଖିବାକୁ ମିଳେ। ଦିନେ ଯେଉଁ ଖରାପ ଓ ଖାଲଖମାରେ ଭରା ପକା ରାସ୍ତାରେ ଚାଲିବା ବେଳେ ଆମେ ଅତିଷ୍ଠ ହୋଇ ଭାବୁଥିଲେ ଯେ ଏହାର ମରାମତି ପାଇଁ ଆହୁରି କେତେ ଦିନ ଲାଗିବ, ଦିନେ ସେହି ରାସ୍ତା ସୁନ୍ଦର ଓ ଚିକ୍କଣ ହୋଇଯାଏ। ଯେଉଁ ପୁରୁଣା, ଭଙ୍ଗାଦଦରା ଘରକୁ ଦେଖି ଆମେ ଦିନେ ନୂଆ ଘରଟିଏ ତିଆରି କରିବାକୁ ସ୍ୱପ୍ନ ଦେଖୁଥିଲେ ଏବଂ ତାହା ସମ୍ବାଧନର ଅଭାବରୁ ଅସମ୍ଭବ ମନେହେଉଥିଲା, ସମୟକ୍ରମେ ସେଠାରେ ଏକ ସୁନ୍ଦର ଅଟ୍ଟାଳିକା ମୁଣ୍ଡ ଟେକିଥାଏ। ଆମର ନିରନ୍ତର ପ୍ରଚେଷ୍ଟା ଏବଂ ସମୟର ଅନୁକୂଳତା ମିଶି ସ୍ୱପ୍ନକୁ ସାକାର ରୂପ ଦିଅନ୍ତି। ଅଭାବ ଏବଂ ଅସୁବିଧାର ସେହି ଅନ୍ଧକାରମୟ ଦିନଗୁଡ଼ିକ ସମୟକ୍ରମେ ସାକାରାତ୍ମକ ରୂପ ନିଅନ୍ତି। ଜୀବନର ରାସ୍ତା କେତେ ବି କଣ୍ଟକିତ କିମ୍ବା ଦୁର୍ଗମ ହେଲେ ମଧ୍ୟ, ଧୈର୍ଯ୍ୟର ସହ ଆଗକୁ ବଢ଼ିଲେ ଦିନେ ନା ଦିନେ ସବୁକିଛି ଠିକ୍ ମାର୍ଗକୁ ଚାଲିଆସେ। ହୋଇପାରେ ଏଥିପାଇଁ ଟିକିଏ ଡେରି ହୁଏ, ଆମ ପ୍ରତୀକ୍ଷାର ଅନ୍ତ ଘଟିବାକୁ ସମୟ ଲାଗେ କିନ୍ତୁ ପରିବର୍ତ୍ତନ ନିଶ୍ଚିତ ଭାବେ ଆସେ।

ଯେତେବେଳେ ଆମେ ସେହି ସଂଘର୍ଷପୂର୍ଣ୍ଣ ସମୟକୁ ଅତିକ୍ରମ କରି ସଫଳତା କିମ୍ବା ସ୍ଥିରତାର ପାହାଚରେ ପହଞ୍ଚୁ ଏବଂ ପଛକୁ ଫେରି ଚାହୁଁ, ସେତେବେଳେ ଆମର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ବଦଳିଯାଇଥାଏ। ପୂର୍ବରୁ ଯେଉଁ ଘଟଣାଗୁଡ଼ିକୁ ଆମେ ଆମର ଦୁର୍ଭାଗ୍ୟ ବୋଲି ଭାବୁଥିଲେ, ସେଗୁଡ଼ିକ ପଛରେ ଲୁଚି ରହିଥିବା ଏକ ବଡ଼ ଶିକ୍ଷାକୁ ଆମେ ଉପଲବ୍ଧି କରିପାରୁ। ଆମେ ଅନୁଭବ କରୁ ଯେ, ଯାହା ବି ଘଟିଥିଲା ଏବଂ ବର୍ତ୍ତମାନ ଯାହା ବି ହେଉଛି, ସେସବୁ ପଛରେ ଭଗବାନଙ୍କର ବା ସେହି ସର୍ବଶକ୍ତିମାନ ସତ୍ତାର କିଛି ନା କିଛି ସୁବିଚାର ଥିଲା। ଆମେ ହୁଏତ ସେହି ମୁହୂର୍ତ୍ତରେ ଭଗବାନଙ୍କ ନ୍ୟାୟ ଉପରେ ପ୍ରଶ୍ନ ଉଠାଇଥାଉ, କିନ୍ତୁ ପରବର୍ତ୍ତୀ ସମୟରେ ଜଣାପଡ଼େ ଯେ ସେହି କଠିନ ପରିସ୍ଥିତିଗୁଡ଼ିକ ଆମକୁ ଅଧିକ ଶକ୍ତିଶାଳୀ, ଅଧିକ ପରିପକ୍ୱ ଏବଂ ଅଧିକ ସହନଶୀଳ କରିବା ପାଇଁ ହିଁ ଅଭିପ୍ରେତ ଥିଲା। ଈଶ୍ୱରଙ୍କ ଯୋଜନା ଆମ ଯୋଜନାଠାରୁ ସର୍ବଦା ଶ୍ରେଷ୍ଠ ହୋଇଥାଏ, ଏହା ପ୍ରମାଣିତ ହୁଏ। ଯେଉଁ ଦୁଆର ବନ୍ଦ ହୋଇଯାଇଥିଲା, ତାହା ବଦଳରେ ସମୟ ଆମ ପାଇଁ ଅନେକ ନୂଆ ଦ୍ୱାର ଖୋଲିଦିଏ।

ଜୀବନର ଅସଲ ସୌନ୍ଦର୍ଯ୍ୟ ହେଉଛି ଆଗକୁ ବଢ଼ିବାରେ। ଅତୀତର ଦୁଃଖ, ହତାଶା କିମ୍ବା ସଫଳତାକୁ ଜାବୁଡ଼ି ଧରି ବସିରହିଲେ ଆମେ ବର୍ତ୍ତମାନର ମୂଲ୍ୟ ହରାଇବୁ। ସମୟର ଏହି ଅନନ୍ତ ସୁଅରେ ଆମକୁ ସବୁବେଳେ ସବୁ କିଛି ପଛରେ ଛାଡ଼ି, ପୁରୁଣା କ୍ଷତକୁ ଭୁଲି ଆଗକୁ ଯିବାକୁ ହିଁ ପଡ଼ିବ। ସମୟ ଆମକୁ ଶିଖାଏ ଯେ ସ୍ଥିରତା ହେଉଛି ମୃତ୍ୟୁ ଏବଂ ଗତିଶୀଳତା ହିଁ ଜୀବନ। ଯେପରି ଗଛରୁ ଶୁଖିଲା ପତ୍ର ଝଡ଼ିଗଲେ ହିଁ ସେଥିରେ ନୂଆ କଅଁଳ ପତ୍ର କୋଡ଼ିଏ ମେଲିଥାଏ, ସେହିପରି ମନରୁ ପୁରୁଣା କଷ୍ଟକୁ ବିଦାୟ ଦେଲେ ହିଁ ନୂଆ ଆନନ୍ଦର ଆଗମନ ହୁଏ। ସମୟ ସବୁ ଠିକ୍ କରିଦିଏ କିନ୍ତୁ ସେଥିପାଇଁ ଆମକୁ ସମୟକୁ ଟିକିଏ ସମୟ ଦେବାକୁ ହେବ ଏବଂ ନିଜ ଉପରେ ତଥା ସେହି ବିଧାତାଙ୍କ ଉପରେ ବିଶ୍ୱାସ ରଖିବାକୁ ହେବ। କୌଣସି ପରିସ୍ଥିତି ସ୍ଥାୟୀ ନୁହେଁ, ଏହି ଚେତନା ହିଁ ମଣିଷକୁ ସବୁ ସଙ୍କଟରୁ ରକ୍ଷା କରେ। ଚଲାପଥରେ ଯେତେ ବାଧା ଆସିଲେ ବି, ମନରେ ଆଶା ଏବଂ ଓଠରେ ହସ ନେଇ ଆଗକୁ ବଢ଼ିବା ହିଁ ଜୀବନର ପ୍ରକୃତ ସାରତତ୍ତ୍ୱ। ସମୟର ଏହି ମହାନ ସ୍ରୋତରେ ଆମେ କେବଳ ଜଣେ ଜଣେ ଯାତ୍ରୀ, ଯାହାଙ୍କର କର୍ତ୍ତବ୍ୟ ହେଉଛି ବିଶ୍ୱାସର ସହ ଆଗକୁ ପାଦ ବଢ଼ାଇବା। ନିଶ୍ଚିତ ଭାବେ, ସମୟ କ୍ରମେ ସବୁକିଛି ନିଜେ ନିଜେ ସୁଧୁରିଯାଏ।

ଗଞ୍ଜାମ, ମୋବାଇଲ୍:୭୭୮୭୦୦୧୦୦୧

# ମଳମାସର ଦେବତା ଶ୍ରୀପୁରୁଷୋତ୍ତମ



**ସନ୍ତୋଷ କୁମାର ଦାଶ**

ମଳ ମାସ ବା ପୁରୁଷୋତ୍ତମ ମାସ ହେଉଛି ଚାନ୍ଦ୍ରମାସ ଓ ସୌରମାସ ମଧ୍ୟରେ ସାମ୍ୟ ରକ୍ଷା ପାଇଁ ପ୍ରତି ୩୨ ମାସ ରେ ଗଣନା କରାଯାଉଥିବା ଗୋଟିଏ ଅଧିମାସ । ସୌରମାନ ବର୍ଷ (୧୨ଟି ସୌରମାସର ପରିମାଣ) ୩୬୫ ଦିନ ୬ ଘଣ୍ଟା, ଚାନ୍ଦ୍ରମାନ ବର୍ଷ (୧୨ଟି ଚାନ୍ଦ୍ରମାସର ପରିମାଣ) ପ୍ରାୟ ପରିମାଣ ୩୫୪ ଦିନ । ଏଣୁ ସୌରମାନ ବର୍ଷ ଅପେକ୍ଷା ଚାନ୍ଦ୍ରମାନ ବର୍ଷ ୧୧ ଦିନ ୬ ଘଣ୍ଟା କମ । ସୌରମାନ ବର୍ଷ ସଙ୍ଗେ ଚାନ୍ଦ୍ରମାନ ବର୍ଷର ମେଳ ରଖି ଏହି ଅଳ୍ପତାକୁ ପୂରଣ କରିବାପାଇଁ ଚାନ୍ଦ୍ରମାନ ମାସ ଗଣନାରେ ଅଢ଼େଇ ବର୍ଷ ଅନ୍ତରରେ ଗୋଟିଏ ଅଧିକା ମାସ ଗଣାଯାଏ ସେହି ମାସଟି ଯେଉଁ ଚାନ୍ଦ୍ରମାନ ମାସ ମଧ୍ୟରେ ପଡ଼େ ସେହି ଚାନ୍ଦ୍ରମାନ ମାସର ନାମରେ ନାମିତ ହୁଏ ଯଥା କାର୍ତ୍ତି କମଳ, ବୈଶାଖ ମଳ ଇତ୍ୟାଦି । ମଳ ମାସ ଫାଲଗୁନ ଠାରୁ ମାର୍ଗଶୀର ଏହି ୧୦ ମାସରେ ପଡ଼େ । ପୁଷ ମାସ କେବେହେଁ ମଳ ମାସ ହୁଏ ନାହିଁ ଓ ମାଘ ରେ କ୍ୱଚିତ ମଳ ମାସ ପଡ଼େ । ସାଧାରଣ ମାସରେ ପ୍ରଥମେ କୃଷ୍ଣପକ୍ଷ ଓ ପରେ ଶୁକ୍ଳପକ୍ଷ ପଡ଼େ କିନ୍ତୁ ଚାନ୍ଦ୍ର ମାନ ମଳ ମାସରେ ପ୍ରଥମେ ଶୁକ୍ଳପକ୍ଷ ଓ ପରେ କୃଷ୍ଣପକ୍ଷ ପଡ଼େ ।ମଳ ମାସ ର ଅନ୍ୟ ଗୋଟିଏ ନାଆଁ ହେଉଛି 'ପୁରୁଷୋତ୍ତମ ମାସ'। ବିଶେଷ ଉଲ୍ଲେଖନୀୟ ଯେ ଆଉ କେହି ନୁହନ୍ତି, ସ୍ୱୟଂ ନାରାୟଣ ହିଁ ନିଜ ନାମ ଅନୁସାରେଏହି ନାଆଁ ଦେଇଛନ୍ତି। 'ବୃହନ୍ନାରଦୀୟ ପୁରାଣ' ର 'ପୁରୁଷୋତ୍ତମ ମାହାତ୍ମ୍ୟ' ରେ ଏ ଉପାଖ୍ୟାନ ଅଛି। ଋଷି ମାନଙ୍କର ପ୍ରଶ୍ନର ଉତ୍ତରରେ ସୁତ ମୁନି ଏହା କହିଛନ୍ତି। ଦେବର୍ଷି ନାରଦ ଓ ନାରାୟଣ ଙ୍କ ମଧ୍ୟରେ ହୋଇଥିବା କଥୋପକଥନ ଏହାର ଆଧାର। ଏହି ପୁରାଣ ପ୍ରସଙ୍ଗ ଅନୁସାରେ, ଭଗବାନ ବିଷ୍ଣୁ ବାରଟି ଭିନ୍ନ ଭିନ୍ନ ନାମରେ ବାରମାସର ଅଧିପତି ହୋଇଥାଆନ୍ତି। କିନ୍ତୁ ମଳମାସ 'ତ୍ରୟୋଦଶ ମାସ' ହୋଇଥିବାରୁ, ଏହାର କେହି ଅଧିପତି ନଥିଲେ। ସେଥିପାଇଁ ମଳମାସ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲା। ତାହାର ଦୁଃଖର କାରଣ ଶୁଣି ଭଗବାନ ବିଷ୍ଣୁ କହିଲେ, "ମୁଁ ଯେପରି ତ୍ରିଲୋକରେ 'ପୁରୁଷୋତ୍ତମ' ନାମରେ ପ୍ରସିଦ୍ଧ ଓ ପରିବ୍ୟାପ୍ତ, ସେହିପରି ଏହି ଅଧିମାସ 'ପୁରୁଷୋତ୍ତମ ମାସ' ରୂପେ ପ୍ରଖ୍ୟାତ ହେବ। ମୋର ସମସ୍ତଗୁଣ ମୁଁ ଏହି ମାସକୁ ପ୍ରଦାନ କଲି। ଏଣିକି ସଂସାରରେ ଓ ଶାସ୍ତ୍ରରେ ଏହି ମାସ ମୋ ନାମରେ ପରିଚିତ ହେବ।" ସେହିଦିନୁ ମଳମାସ 'ପୁରୁଷୋତ୍ତମ ମାସ' ଭାବରେ ପରିଚିତ ହେଲା। ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ 'ମଳମାସ ନାରାୟଣ'ଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି। ମଳ ମାସ ଗୁଡ଼ିକରେ ହିଁ ତାହା ଙ୍କର ପୂଜାର୍ଚ୍ଚନା କରାଯାଇଥାଏ।ଏଣୁ ମଳ ମାସରେ କୌଣସି ବେଦବିହିତ ଓ ସ୍ମୃତିଶାସ୍ତ୍ର ସମର୍ଥିତ କର୍ମ ବା ଶୁଭ କର୍ମ କରାଯିବା ନିଷେଧ ହୋଇଥିଲେ ମଧ୍ୟ, ଏହିପରି ଏକ 'ପୁରୁଷୋତ୍ତମ ମାସ' ବା 'ଯୋଡ଼ା ଆଷାଢ଼' ପଡ଼ିଲେ ହୋଇଥାଏ ଶ୍ରୀଜଗନ୍ନାଥଙ୍କର ନବକଳେବର। ମଳ ମାସ ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଶୁଭ ହେଲେ ମଧ୍ୟ ଏହି ମାସରେ ବିବାହ, ବ୍ରତ, ଗୃହାରମ୍ଭ, ଗୃହପ୍ରତିଷ୍ଠା, କୂପ ଖନନ ଓ ପ୍ରତିଷ୍ଠା, ଦେବ ବିଗ୍ରହ ପ୍ରତିଷ୍ଠା ଆଦି କରାଯାଏ ନାହିଁ କିନ୍ତୁ ଏହି ମାସରେ ଗର୍ଭଧାନ, ପୁଂସବନ, ସିମନ୍ତୋନ୍ନୟନ, ନାମକରଣ, ଅନ୍ନପ୍ରାଶନ ଇତ୍ୟାଦି କରାଯାଇ ପାରିବ । ଯେଉଁମାନେ ସମ୍ପୂର୍ଣ୍ଣ ପୁରୁଷୋତ୍ତମ ମାସରେ ଦାନ,



ହୋମ, ଜପ ଇତ୍ୟାଦି ପାଳନ କରିପାରିବେ ନାହିଁ, ସେମାନେ ଅନ୍ତତଃ ଅଷ୍ଟମୀ, ନବମୀ, ଦ୍ୱାଦଶୀ, ପୂର୍ଣ୍ଣିମା ତିଥିରେ ଏହା କରିବା ଉଚିତ । ଏହା କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ୨ ବର୍ଷ ୮ ମାସ ପରେ ଚଳିତ ବର୍ଷ ପଡ଼ିଛି ଯୋଡ଼ା ଜ୍ୟେଷ୍ଠ ମାସ ଅର୍ଥାତ ମଳ ମାସ। ଯାହା ମେ ୧୭ ତାରିଖ ରୁ ଆରମ୍ଭ ହୋଇଥିବା ବେଳେ ଏହା ଜୁନ ୧୫ ରେ ଶେଷ ହେବ। ପୁରୀ ଶ୍ରୀ ମନ୍ଦିର ରେ ଗତ ୨୦୨୩ ଅଗଷ୍ଟ ୧୬ ରୁ ବନ୍ଦ ଥିବା ଶ୍ରୀ ପୁରୁଷୋତ୍ତମ ମନ୍ଦିର ଗତ ରବିବାର ଠାରୁ ଖୋଲା ଯାଇଛି। ଏହି ମନ୍ଦିର ରେ ଚତୁଃର୍ଭୁଜ ନାରାୟଣ ଓ ବରାହ ଅବତାର ପୂଜା ପାଉଛନ୍ତି। ଏହି ଠାକୁର ମାନଙ୍କ ନିକଟରେ ପ୍ରତ୍ୟେହ ଫଳ ମୂଳ ଭୋଗ ଲାଗି ହେଉଥିବା ବେଳେ ଶ୍ରୀ ପୁରୁଷୋତ୍ତମ ପୁରାଣ ପାଠ କରା ଯାଉଛି। ଦ୍ୱାଦଶୀ ତିଥି ରେ ଠାକୁର ମାନଙ୍କ ନିକଟରେ ଅମାଲୁ ଓ କ୍ଷୀରି ଭୋଗ ଲାଗି ହେବା ପରମ୍ପରା ରହିଛି। କେତେକ ଶ୍ରଦ୍ଧାଳୁ ଭକ୍ତ ମାନେ ଠାକୁର ମାନଙ୍କ ନିକଟରେ ଗୁଆ,ନଡ଼ିଆ ବସାଇ ସଂକଳ୍ପ କରି ହବିସାନ୍ନ ଭୋଜନ କରି ବ୍ରତ ପାଳନ କରିଥାନ୍ତି। ଏହି ବ୍ରତ ପାଳନ କଲେ ପ୍ରଭୁ ଶ୍ରୀ ପୁରୁଷୋତ୍ତମ ସବୁ ମାନସିକ ପୂରଣ କରୁଥିବା ବିଶ୍ୱାସ ରହିଛି। ଚଳିତ ବର୍ଷ ପୁରୁଷୋତ୍ତମ ମାସ ପଡ଼ି ଥିବାରୁ ମହାପ୍ରଭୁ ଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ୪୨ ଦିନ ବଦଳରେ ୭୨ ଦିନ ଧରି ଅନୁଷ୍ଠିତ ହେଉଛି। ଜୟ ଶ୍ରୀ ଜଗନ୍ନାଥ।

ତୁଳସୀପୁର, ପୁରୀ
ମୋବାଇଲ୍:୯୪୩୯୩୬୧୮୮

# କଳ୍ପନାଠୁ ଅଧିକ ବିପଜ୍ଜନକ ଇବୋଲା: ହୁ’

## ୧୩୧ ଜଣଙ୍କ ମୃତ୍ୟୁପରେ ବଢ଼ିଲା ଚିନ୍ତା

## ଚେତାବନୀ ଜାରିକଲା ରେଡକ୍ରସ୍



କିନସାସା, ୧୯।୫: ଗଣରାଜ୍ୟ କଙ୍ଗୋ ବା ଡିଆର କଙ୍ଗୋରେ ସୃଷ୍ଟି ହୋଇଥିବା ଇବୋଲା ଭାଇରସ ଦିନକୁଦିନ ଚିନ୍ତା ବଢ଼ାଉଛି। ପୂର୍ବ କଙ୍ଗୋରେ ଇବୋଲା ଯୋଗୁ ଏ ପର୍ଯ୍ୟନ୍ତ୧୩୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୧୩ଟି ସନ୍ଦିଗ୍ଧ ମାମଲା ରିପୋର୍ଟ ହୋଇଛି ବୋଲି କଙ୍ଗୋ ସ୍ୱାସ୍ଥ୍ୟମନ୍ତ୍ରଣାଳୟ କହିଛି। ଡିଆର କଙ୍ଗୋର ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସାମୁଏଲ୍ ରୋଜର କାମ୍ବା କହିଛନ୍ତି ଯେ, ଏଗୁଡ଼ିକ ସନ୍ଦେହଜନକ ମୃତ୍ୟୁ। ସଠିକ୍ ରୋଗ ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି।

ଡିଆର କଙ୍ଗୋରେ ବ୍ୟାପିଥିବା ଇବୋଲାକୁ ନେଇ ଜାତିସଂଘ ଗଭୀର ଚିନ୍ତା ପ୍ରକଟ କରିଛି। କଙ୍ଗୋ ଗଣରାଜ୍ୟରେ ୧୩୧ ଜଣ ଇବୋଲା ମୃତ୍ୟୁ ଏକ ସାଧାରଣ ଘଟଣା ନୁହେଁ ବୋଲି ଜାତିସଂଘ କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଜଣେ ପ୍ରତିନିଧି ଚେତାବନୀ ଦେଇ କହିଛନ୍ତି ଯେ, ଇବୋଲାକୁ ଆମେ ପ୍ରଥମେ ଯେତିକି ବିପଜ୍ଜନକ ଭାବିଥିଲୁ ଏହା ତା’ଠାରୁ ବହୁଗୁଣ ଅଧିକ ବିପଜ୍ଜନକ ଓ ଭୟଙ୍କର। ପ୍ରଥମରୁ ଏହା ଯେତିକି ବେଗରେ ବ୍ୟାପିପାରେ ବୋଲି ଆଶା କରାଯାଉଥିଲା ଏହା ମୂଳ ଅନୁମାନ ଅପେକ୍ଷା ବହୁ ଅଧିକ ଦ୍ରୁତ ଗତିରେ ବ୍ୟାପିପାରେ।

ଡକ୍ଟର ଆନ୍ ଆନ୍ସିଆ ବିବିସିକୁ କହିଛନ୍ତି ଯେ, ମାମଲାଗୁଡ଼ିକ ଅନ୍ୟ ଅଞ୍ଚଳକୁ ବ୍ୟାପିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତେଣୁ ଏଜେନ୍ସି ଯେତେ ଅଧିକ ତଦନ୍ତ କରିବ, ଏହା ସେତେ ଅଧିକ ସ୍ପଷ୍ଟ ହେବ। ଅଧିକାରୀମାନେ କହିଛନ୍ତି ଯେ, ମଙ୍ଗଳବାର ସୁଦ୍ଧା ଡିଆର କଙ୍ଗୋରେ ୫୧୩ ରୁ ଅଧିକ ମାମଲା ସନ୍ଦେହଜନକ ଥିଲା। ତେବେ ପଡ଼ୋଶୀ ଉଗାଣ୍ଡାରେ ଇବୋଲାରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିବା ଚିନ୍ତା ବଢ଼ାଇଦେଇଛି। ଅପରପକ୍ଷରେ, ସୋମବାର ଲଣ୍ଡନ-ଭିତ୍ତିକ ଏମଆରସି ସେଣ୍ଟର ଫର ଗ୍ଲୋବାଲ ଏପିଡେମିକ୍ ଡିଜିଜ୍ ଆନାଲିସିସ୍ ସଂସ୍ଥା ପକ୍ଷରୁ ଜାରି କରାଯାଇଥିବା ଏକ ମଡେଲିଂ ସୂଚାଇଛି ଯେ, ଇବୋଲାରେ ପ୍ରଚୁର ରୋଗୀ ଚିହ୍ନଟ ହୋଇନାହାନ୍ତି, ତେବେ ୧୦୦୦ ରୁ ଅଧିକ ସଂକ୍ରମିତ ହୋଇଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ଇବୋଲାକୁ ନେଇ କେବଳ ହୁ’ ନୁହେଁ, ରେଡକ୍ରସ୍ ମଧ୍ୟ ଚିନ୍ତାବ୍ୟକ୍ତ କରିଛି। ଯଦି ମାମଲାଗୁଡ଼ିକୁ ଶୀଘ୍ର ଚିହ୍ନଟ ନ କରାଯାଏ, ତା’ହେଲେ ଇବୋଲା ବିଦ୍ୟୁତ ଗତିରେ ବୃଦ୍ଧି ପାଇପାରେ ବୋଲି ରେଡକ୍ରସ୍ ଚେତାବନି ଦେଇଛି। ଡିଆର କଙ୍ଗୋର ରାଷ୍ଟ୍ରପତି ଫେଲିକ୍ସ ସିସେକେଡି ସୋମବାର ସନ୍ଧ୍ୟାରେ ଏକ ସଙ୍କଟକାଳୀନ ବୈଠକ ଡାକିବା ସହ ସମସ୍ତଙ୍କୁ ଶାନ୍ତ ରହିବାକୁ ଆହ୍ୱାନ ଦେଇଛନ୍ତି। କଙ୍ଗୋ ନାଗରିକଙ୍କୁ ସତର୍କ ରହିବାକୁ ଅନୁରୋଧ କରିବା ସହ ଇବୋଲା ବିରୋଧରେ ଲଢ଼େଇ କରିବାକୁ ଅନୁରୋଧ କରିଛନ୍ତି।

ଗତ ସପ୍ତାହରେ ଇବୋଲା ପ୍ରକୋପକୁ ଏକ ଅନ୍ତର୍ଜାତୀୟ ଜରୁରୀକାଳୀନ ପରିସ୍ଥିତି ଭାବରେ ଘୋଷଣା କରିଥିବା ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ କହିଛନ୍ତି ଯେ ସେ ମହାମାରୀର ପରିମାଣ ଏବଂ ଗତି ବିଷୟରେ ଗଭୀର ଚିନ୍ତିତ ଅଛନ୍ତି। ବୁଣ୍ଡିବୁଗ୍ୟୋ ଭାଇରସରୁ ସୃଷ୍ଟି ହୋଇଥିବା ଏହି ନୂତନ ପ୍ରଜାତିର ଇବୋଲା ହେଉଛି ଏପରି ଏକ ବିରଳ ଭାରିଆଣ୍ଟ ଯାହାର ଏପର୍ଯ୍ୟନ୍ତ କୌଣସି ଅନୁମୋଦିତ ଚିକିତ୍ସା କିମ୍ବା ଟୀକା ନାହିଁ। କଙ୍ଗୋ ଏବଂ ଉଗାଣ୍ଡାରେ ୨୦ ରୁ ଅଧିକ ଥର ଇବୋଲା ସଂକ୍ରମଣ ଘଟିଛି। ତେବେ ତୃତୀୟ ଥର ପାଇଁ ଏହା ବୁଣ୍ଡିବୁଗ୍ୟୋ ଭାଇରସ ବୋଲି ଚିହ୍ନଟ ହୋଇଛି। ଉତ୍ତର କିଭୁର ବିଦ୍ରୋହୀ ରାଜଧାନୀ ଗୋମା, ମୋଙ୍ଗବାଲୁ, ବୁଟେମ୍ବୋ ଏବଂ ନାଇକୁଣ୍ଡେରେ ବୁନିଆରେ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ରିପୋଲିଂ ପୂର୍ବରୁ ଫାଲ୍ଟାରୁ ଓହରିଲେ ଜାହାଙ୍ଗୀର ଖାନ୍



କୋଲକାତା, ୧୯।୫: ପଶ୍ଚିମବଙ୍ଗର ଫାଲ୍ଟା ବିଧାନସଭା ଆସନରେ ହେବାକୁ ଥିବା ପୁନଃମତଦାନ ପୂର୍ବରୁ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ଭୋଟ୍ ଗ୍ରହଣର ଠିକ୍ ୪୮ ଘଣ୍ଟା ପୂର୍ବରୁ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାନ୍ ହଠାତ ନିର୍ବାଚନ ମୈଦାନରୁ ଓହରି ଯାଇଛନ୍ତି। ମେ ୨୧ ତାରିଖରେ ଏଠାରେ ପୁନଃମତଦାନ ହେବାକୁ ଥିବା ବେଳେ ଟିଏମସି ପ୍ରାର୍ଥୀଙ୍କ ଏଭଳି ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ ସୋସିଆଲ ମିଡିଆ ଜରିଆରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ପାର୍ଟି ପକ୍ଷରୁ କୁହାଯାଇଛି ଯେ, ନିର୍ବାଚନ ନଲଢ଼ିବା ପାଇଁ ଜାହାଙ୍ଗୀର ଖାନ୍ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି, ଏଥିରେ ଦଳର କୌଣସି ଭୂମିକା ନାହିଁ। ଜାହାଙ୍ଗୀର ଖାନଙ୍କ ବିରୋଧରେ ନିର୍ବାଚନ ସମୟରେ ଏକାଧିକ ଅପରାଧିକ ମାମଲା ଏବଂ ଏଫ୍ଆଇଆର୍ ରୁଜୁ କରାଯାଇଥିଲା। ପୁନଃମତଦାନ ପୂର୍ବରୁ ନିଜର ଗିରଫଦାରୀକୁ ଏଡ଼ାଇବା ପାଇଁ ସେ କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଓକିଲ କୋର୍ଟରେ ଦଲିଲ ରଖିଥିଲେ ଯେ ଖାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଟାର୍ଗେଟ କରାଯାଉଛି। ହାଇକୋର୍ଟ ମାମଲାର ଶୁଣାଣି କରି ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଜାହାଙ୍ଗୀରଙ୍କ ବିରୁଦ୍ଧରେ କୌଣସି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ବା ଗିରଫ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଫାଲଟା ନିର୍ବାଚନ ମଣ୍ଡଳୀରେ ବ୍ୟାପକ ହିଂସା, ଭୋଟରଙ୍କୁ ଭୟଭୀତ କରିବା ଏବଂ ଇଭିଏମ୍ ଟାମ୍ପରିଂ ଭଳି ଗମ୍ଭୀର ଅଭିଯୋଗ ଆସିଥିଲା।

## ସାର୍ବଜନୀନ ସ୍ଥାନ ହେବ ବୁଲା କୁକୁର ମୁକ୍ତ: ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୧୯।୫: ଦେଶରେ ବୁଲା କୁକୁରଙ୍କ ଆତଙ୍କ ଓ ସେମାନଙ୍କ କାମୁଡ଼ାର ଶିକାର ହେଉଥିବା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପୂର୍ବରୁ ନଭେମ୍ବର ମାସରେ ଦିଆଯାଇଥିବା ଆଦେଶକୁ ସର୍ବୋଚ୍ଚ ଅଦାଲତ ବଳବତ୍ତର ରଖିଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ, ସହରର ସାର୍ବଜନୀନ ସ୍ଥାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବୁଲା କୁକୁର ମୁକ୍ତ କରିବା ପାଇଁ ପ୍ରକ୍ରିୟା ଜୋରଦାର ହେବ। କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସାଧାରଣ ଜନତା ସ୍ୱାଗତ କରୁଥିବା ବେଳେ, ପଶୁପ୍ରେମୀମାନେ ଏହାକୁ ନେଇ ଭିନ୍ନ ମତ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ବିକ୍ରମ ନାଥ, ବିଚାରପତି ସନ୍ଦୀପ ମେହେଟ୍ଟା ଏବଂ ବିଚାରପତି ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡ ଦ୍ୱାରା ଦାଏର ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ହସ୍ପିଟାଲ, ବସ୍ ଷ୍ଟାଣ୍ଡ, ସ୍କୁଲ, ରେଳ ଷ୍ଟେସନ ଏବଂ ବିମାନବନ୍ଦର ଭଳି ସାର୍ବଜନୀନ ସ୍ଥାନରୁ କର୍ତ୍ତୃପକ୍ଷ ତୁରନ୍ତ ବୁଲା କୁକୁରମାନଙ୍କୁ ଉଠାଇ ନେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଟୀକାକରଣ କିମ୍ବା ବନ୍ଧ୍ୟାକରଣ କରାଯିବା ପରେ ମଧ୍ୟ କୁକୁରମାନଙ୍କୁ ପୁଣି ସେହି ସାର୍ବଜନୀନ ସ୍ଥାନକୁ ଫେରାଇ ଅଣାଯିବନାହିଁ। ରାସ୍ତାରୁ ଉଠାଯାଇଥିବା ଏହି କୁକୁରମାନଙ୍କୁ ନିର୍ଦ୍ଦିଷ୍ଟ ପଶୁ ଆଶ୍ରୟସ୍ଥଳରେ ରଖିବାକୁ ପଡ଼ିବ। କୋର୍ଟ ଚେତାବନୀ ଦେଇଛନ୍ତି ଯେ ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପାଳନ କରିବାରେ ଯଦି କୌଣସି ଅଧିକାରୀ ତ୍ରୁଟି କରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩୫ ବେଲୁଚିସ୍ତାନ ଆତଙ୍କବାଦୀଙ୍କୁ ହତ୍ୟା



ଇସଲାମାବାଦ, ୧୮।୫: ପାକିସ୍ତାନୀ ସୁରକ୍ଷା ବାହିନୀ ଗତ କିଛି ଦିନ ମଧ୍ୟରେ ଗୁଇନ୍ଦା ଆଧାରିତ ଅଭିଯାନରେ ବେଲୁଚିସ୍ତାନ-ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀର ୩୫ ଜଣ ସଦସ୍ୟଙ୍କୁ ହତ୍ୟା କରିଛନ୍ତି ଏବଂ ଅତି କମରେ ତିନି ଜଣ ବରିଷ୍ଠ କମାଣ୍ଡରଙ୍କୁ ଗିରଫ କରିଛନ୍ତି। ଡନ୍ ଖବରକାଗଜ ଦ୍ୱାରା ବେଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ଶାହିଦ ରିନ୍ଦଙ୍କ ଉଦ୍ଧୃତି ଅନୁଯାୟୀ, ପ୍ରାନ୍ତୀୟ ରାଜଧାନୀ କ୍ୱେଟାର ଉପକଣ୍ଠରେ ଥିବା ଏକ ପାହାଡିଆ ଅଞ୍ଚଳ ମଙ୍ଗଲା ଜରଘୁନ୍ ଗାର ଅଞ୍ଚଳରେ ସୁରକ୍ଷା ବାହିନୀ ମେ ୧୩ ତାରିଖରେ ଏକ ଅଭିଯାନ ଆରମ୍ଭ କରିଥିଲେ, ଯାହା ଚାରି ଦିନ ଧରି ଜାରି ରହିଥିଲା। “ସୁରକ୍ଷା ବାହିନୀ ସଫଳ ଅଭିଯାନରେ ଅନେକ ଶିବିର ଏବଂ ଆଡ୍ଡାକୁ ନଷ୍ଟ କରିଥିଲେ ଏବଂ ଅଭିଯାନ ସମୟରେ ତିନି ଜଣ କମାଣ୍ଡରଙ୍କୁ ଗିରଫ କରିଥିଲେ,” ରିନ୍ଦ କହିଛନ୍ତି, ଏହି ଅଭିଯାନରେ ଆତଙ୍କବାଦୀ ଗୋଷ୍ଠୀର ୩୫ ଜଣ ସଦସ୍ୟ ନିହତ ହୋଇଥିଲେ। କ୍ୱେଟା ଏବଂ ପ୍ରଦେଶର ଅନ୍ୟାନ୍ୟ ଅଂଶ ହିଂସାରେ ଥରହର ହେବାର କିଛି ଦିନ ପରେ ଏହି ଘୋଷଣା କରାଯାଇଥିଲା। ଏହି ମାସ ଆରମ୍ଭରେ, ପ୍ରାଦେଶିକ ରାଜଧାନୀର ବିଭିନ୍ନ ସ୍ଥାନରେ ରକେଟ ଆକ୍ରମଣ ହୋଇଥିଲା, ଯାହା ଆଖପାଖର ପାର୍ବତ୍ୟାଞ୍ଚଳର ସ୍ଥାନରୁ କରାଯାଇଥିବା କୁହାଯାଉଛି।

## ଲାଇନଚ୍ୟୁତ ହେଲା ଉଜ୍ଜୟିନୀ ଏକ୍ସପ୍ରେସ, ଭୟଭୀତ ଯାତ୍ରୀ



ଉତ୍ତରାଖଣ୍ଡ, ୧୯।୫: ଋଷିକେଶରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଯୋଗ ନଗରୀର ଋଷିକେଶ ରେଳ ଷ୍ଟେସନ ନିକଟରେ ଥିବା ଖଣ୍ଡ ଗାଁ ଅଞ୍ଚଳରେ ଉଜ୍ଜୟିନୀ ଏକ୍ସପ୍ରେସର ୩ଟି କୋଚ୍ ଲାଇନଚ୍ୟୁତ ହୋଇଛି। ଏହି ଘଟଣାଟି ସୋମବାର ରାତି ପ୍ରାୟ ୯ ଟା ୩୦ ମିନିଟରେ ହୋଇଥିବା ଜଣାପଡିଛି। ସୌଭାଗ୍ୟବଶତଃ ଦୁର୍ଘଟଣା ସମୟରେ କୌଣସି ଯାତ୍ରୀ ଟ୍ରେନରେ ନଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ନିୟମିତ ରକ୍ଷଣାବେକ୍ଷଣା ସମୟରେ ଟ୍ରେନର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣା ପରେ ଟ୍ରାକରେ ଭିଡ଼ ଜମା ହୋଇଥିଲା। ଏବେ ଟ୍ରେନର ଗତିବିଧିକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଏଥିସହ ଦୁର୍ଘଟଣାର ଅଢେଇ ଘଣ୍ଟା ପର୍ଯ୍ୟନ୍ତ କୌଣସି ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିଲେ ବୋଲି ଅଭିଯୋଗ ମଧ୍ୟ ହୋଇଛି। ରେଳ ବିଭାଗ ଏବେ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତକାଲି ବିହାରର ଏକ ରୋହତାସ ଜିଲ୍ଲାର ସାସାରାମ ରେଳ ଷ୍ଟେସନ୍ ରେ ସାସାରାମ-ପାଟନା ପାସେଞ୍ଜର ରେଳ ଷ୍ଟେସନରେ ଅଟକି ରହିଥିବା ବେଳେ ହଠାତ୍ ନିଆଁ ଲଗିଯାଇଥିଲା। ଘଟଣାର ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣାରେ କେହି ମୃତାହତ ହୋଇନଥିଲେ।

# ସର୍ବକନିଷ୍ଠ ଭାରତୀୟ ହେଲେ ୟୁକେ ମେୟର



**ଲଣ୍ଡନ, ୧୯।୫:** ପୂର୍ବ ଇଂଲଣ୍ଡର ଏକ ସ୍ଥାନୀୟ ପରିଷଦର ପ୍ରତିନିଧିତ୍ୱ କରୁଥିବା ଜଣେ ୨୩ ବର୍ଷୀୟ ରାଜନେତା ଯୁକ୍ତରାଜ୍ୟରେ ସବୁଠାରୁ କମ୍ ବୟସ୍କ ଭାରତୀୟ ବଂଶୋଦ୍ଭବ ମେୟର ହୋଇ ଇତିହାସ ସୃଷ୍ଟି କରିଛନ୍ତି। କିଙ୍ଗସ୍ କଲେଜ ଲଣ୍ଡନର ରାଜନୀତି ବିଜ୍ଞାନର ପୂର୍ବତନ ଛାତ୍ର ତୁଷାର କୁମାର ଗତ ସପ୍ତାହରେ ଏକ ସମାରୋହରେ ଏଲଷ୍ଟ୍ରି ଏବଂ ବୋରହାମଉଡର ମେୟର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲେବର କାଉନସିଲର ୨୦୨୩ ମସିହାରେ ଏଲଷ୍ଟ୍ରି ଏବଂ ବୋରହାମଉଡର ଟାଉନ୍ କାଉନସିଲରେ ଯୋଗ ଦେଇଥିଲେ ଏବଂ ପୂର୍ବରୁ ଡେପୁଟି ମେୟର ଭୂମିକାରେ କାର୍ଯ୍ୟ କରିଥିଲେ। ମାତ୍ର ୨୩ ବର୍ଷ ବୟସରେ ଯୁକ୍ତରାଜ୍ୟର ଇତିହାସରେ ସବୁଠାରୁ କମ୍ ବୟସ୍କ ଭାରତୀୟ ବଂଶୋଦ୍ଭବ ମେୟର ହେବା ଏକ ଅବିଶ୍ୱସନୀୟ ସମ୍ମାନ ବୋଲି ସେ ଏକ ବିବୃତ୍ତିରେ କୁମାର କହିଛନ୍ତି। ସେ କହିଛନ୍ତି ଯେ, ମୋ ଉପରେ ସ୍ଥାପିତ ବିଶ୍ୱାସ ପାଇଁ ମୁଁ ପ୍ରକୃତରେ ବିନମ୍ର ଏବଂ ଏହି ଯାତ୍ରାରେ ମୁଁ ପାଇଥିବା ସମସ୍ତ ସମର୍ଥନ, ଦୟା ଏବଂ ଉତ୍ସାହ ପାଇଁ ଅବିଶ୍ୱସନୀୟ କୃତଜ୍ଞ।

ସେ ତାଙ୍କର ପୂର୍ବବର୍ତ୍ତୀ ବିଦାୟୀ ମେୟର ଡାନ୍ ଓଜାରୋଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଏବଂ କାଉନସିଲର ଲିଣ୍ଡା ସ୍ମିଥଙ୍କୁ ତାଙ୍କର ନୂତନ ଡେପୁଟି ଭାବରେ ସ୍ୱାଗତ କରିଥିଲେ।

# ଭାରତ-ଭିଏତନାମ ରଣନୈତିକ ଆଲୋଚନା



ନୂଆଦିଲ୍ଲୀ, ୧୯।୫: ଭାରତ ଏବଂ ଭିଏତନାମ ସେମାନଙ୍କର ରଣନୈତିକ ସମ୍ପର୍କକୁ ମଜବୁତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ହାନୋଇରେ ଭିଏତନାମ ପ୍ରତିରକ୍ଷା ମନ୍ତ୍ରୀ ଫାନ୍ ଭାନ୍ ଗିଆଙ୍ଗଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ମୁଖ୍ୟତଃ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗରେ ସହଯୋଗ ବିସ୍ତାର କରିବା ଉପରେ ଆଲୋଚନା ହୋଇଥିଲା। ଭାରତ ସକ୍ରିୟ ଭାବରେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସହଭାଗୀତାକୁ ମଜଭୁତ କରୁଥିବା ବେଳେ ହୋଇଥିବା ଏହି ଆଲୋଚନାକୁ ଗୁରୁତ୍ୱର ସହ ବିଚାର କରାଯାଉଛି।

ବୈଠକରେ ଉଭୟ ନେତା ବର୍ତ୍ତମାନର ପ୍ରତିରକ୍ଷା ସମ୍ପର୍କର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ସେହିଭଳି ସାମରିକ ତାଲିମ, ପ୍ରତିରକ୍ଷା ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ବିନିମୟ ଏବଂ ସାମୁଦ୍ରିକ ସୁରକ୍ଷାରେ ଅଧିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ଭାରତ ଏବଂ ଭିଏତନାମ ମଧ୍ୟରେ ବହୁ ବର୍ଷ ଧରି ଏକ ଦୃଢ଼ ରଣନୈତିକ ସମ୍ପର୍କ ବଜାୟ ରହିଛି।

ପ୍ରତିରକ୍ଷା ଶିଳ୍ପ ସହଯୋଗ ଏବଂ ପ୍ରଯୁକ୍ତିବିଦ୍ୟା ଅଂଶୀଦାର ଆଲୋଚନାର ପ୍ରମୁଖରେ ରହିଥିଲା। ଭାରତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ସହିତ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ସହିତ ଦୃଢ଼ ପ୍ରତିରକ୍ଷା ସହଭାଗୀତା ଗଠନ ଉପରେ କ୍ରମାଗତ ଭାବରେ ଧ୍ୟାନ ଦେଇଛି। ଭାରତ ଏବଂ ଭିଏତନାମ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗୀତାର ଦଶ ବର୍ଷ ପୂର୍ତ୍ତି ହୋଇଥିବାରୁ ଏହି ଗସ୍ତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଦୁଇ ରାଷ୍ଟ୍ର ମଧ୍ୟରେ ପ୍ରତିରକ୍ଷା ସହଯୋଗ ସ୍ଥିର ଭାବରେ ବୃଦ୍ଧି ପାଇଛି ଏବଂ ଏଥିରେ ସାମରିକ ବିନିମୟ, ମିଳିତ କାର୍ଯ୍ୟକଳାପ ଏବଂ ଉନ୍ନତ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ଅନ୍ତର୍ଭୁକ୍ତ। ରାଜନାଥ ସିଂହଙ୍କ ଚଳିତ ଗସ୍ତ କ୍ଷେତ୍ରୀୟ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା ଏବଂ ପ୍ରମୁଖ ଆନ୍ତର୍ଜାତୀୟ ଅଂଶୀଦାରମାନଙ୍କ ସହିତ ରଣନୈତିକ ସମ୍ପର୍କକୁ ବିସ୍ତାର କରିବା ପାଇଁ ଭାରତର ବ୍ୟାପକ ପ୍ରୟାସକୁ ପ୍ରତିଫଳିତ କରୁଛି।

# କୋଲକାତାରୁ ଲଣ୍ଡନ ଯାଏଁ ଚାଲୁଥିଲା ବସ୍




ମୁମ୍ବାଇ ୧୯।୫: ୧୯୫୦ ଏବଂ ୧୯୭୦ ଦଶକ ମଧ୍ୟରେ, ଲଣ୍ଡନରୁ ଭାରତର କୋଲକାତାକୁ ଏକ ସ୍ୱତନ୍ତ୍ର ବସ୍ ସେବା ଚାଲିଥିଲା। ଏହି ଯାତ୍ରାକୁ ବିଶ୍ୱର ସବୁଠାରୁ ଲମ୍ବା ବସ୍ ରୁଟ୍ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଥିଲା। ହଜାର ହଜାର ମାଇଲ ବ୍ୟାପି ଏହି ଅଭିଯାନ ୧୧ଟି ଦେଶ ପାର କରିଥିଲା । ଏହା ପ୍ରାୟ ୫୦ ଦିନ ସମୟ ନେଇଥିଲା। ପ୍ରକୃତରେ, ୧୯୭୦ ଦଶକ ସୁଦ୍ଧା, ଏହି ରୁଟର ଅନେକ ଅଂଶକୁ ଅସୁରକ୍ଷିତ ବୋଲି ବିବେଚନା କରାଯାଇଥିଲା। ଏହା ସହିତ, ବିମାନ ଯାତ୍ରା ଅଧିକ ସୁଲଭ ଏବଂ ଦ୍ରୁତ ହେବା ସହିତ, ଏହି ଅନନ୍ୟ ଯାତ୍ରା ଇତିହାସରେ ଲିଭିଗଲା। ପ୍ରାରମ୍ଭିକ ବସ୍ ସେବା ୧୫ ଏପ୍ରିଲ ୧୯୫୭ ରେ ଲଣ୍ଡନ-ଭିତ୍ତିକ ଆଲବର୍ଟ ଟ୍ରାଭେଲ୍ ଦ୍ୱାରା ଆରମ୍ଭ ହୋଇଥିଲା। ପ୍ରଥମ ଯାତ୍ରା ୫୦ ଦିନ ପରେ ୫ ଜୁନ୍ ରେ କଲିକତାରେ ପହଞ୍ଚିଥିଲା। ଏହାର ଯାତ୍ରା ସମୟରେ, ବସ୍ ଇଂଲଣ୍ଡରୁ ବେଲଜିୟମ୍ ଯାତ୍ରା କରିଥିଲା ଏବଂ ସେଠାରୁ ପଶ୍ଚିମ ଜର୍ମାନୀ, ଅଷ୍ଟ୍ରିଆ, ଯୁଗୋସ୍ଲାଭିଆ, ବୁଲଗେରିଆ, ତୁର୍କୀ, ଇରାନ, ଆଫଗାନିସ୍ତାନ, ପାକିସ୍ତାନ ଏବଂ ଉତ୍ତର-ପଶ୍ଚିମ ଭାରତ ଦେଇ ଶେଷରେ ଭାରତରେ ପହଞ୍ଚିବା ପୂର୍ବରୁ ଚାଲିଥିଲା। ଭାରତରେ ପ୍ରବେଶ କରିବା ପରେ, ଏହି ରୁଟ୍ ଶେଷରେ ନୂଆ ଦିଲ୍ଲୀ, ଆଗ୍ରା, ଆଲ୍ଲାହାବାଦ ଏବଂ ବନାରସ ଦେଇ କଲିକତାରେ ପହଞ୍ଚିବା ପୂର୍ବରୁ ଚାଲିଥିଲା।

ଡବଲ-ଡେକର ବସରେ ପଢ଼ିବା ପାଇଁ ସୁବିଧା, ସମସ୍ତ ଯାତ୍ରୀଙ୍କ ପାଇଁ ବ୍ୟକ୍ତିଗତ ଶୋଇବା ପାଇଁ ସ୍ଥାନ, ଫ୍ୟାନ୍-ଚାଳିତ ହିଟର୍ ଏବଂ ଏକ ରୋଷେଇ ଘର ସହିତ ସଜ୍ଜିତ ଥିଲା। ବସ୍ର ଉପର ଡେକ୍ରେ ଏକ ଆଗକୁ ମୁହଁ କରି ଲାଉଞ୍ଜ ଥିଲା। ପାର୍ଟି ଏବଂ ମନୋରଞ୍ଜନ ପାଇଁ ଏକ ରେଡିଓ ଏବଂ ସଂଗୀତ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଯାତ୍ରା ତାଲିକାରେ ଭାରତର ବିଭିନ୍ନ ପର୍ଯ୍ୟଟନ ଆକର୍ଷଣରେ ସମୟ ବିତାଇବାର ସୁଯୋଗ ଅନ୍ତର୍ଭୁକ୍ତ ଥିଲା ।

# ପଞ୍ଜାବୀ ଗାୟିକାଙ୍କ ମୃତଦେହ ଉଦ୍ଧାର



ନୂଆଦିଲ୍ଲୀ, ୧୯।୫: ଲୋକପ୍ରିୟ ପଞ୍ଜାବୀ ଗାୟିକା ୟଶିନ୍ଦର କୌରଙ୍କୁ ନିର୍ମମ ହତ୍ୟା ଘଟଣାରେ ସ୍ତବ୍ଧ ପଞ୍ଜାବ ସଙ୍ଗୀତ ଇଣ୍ଡଷ୍ଟ୍ରି। ୬ ଦିନ ଧରି ନିଖୋଜ ଥିବା ପ୍ରସିଦ୍ଧ ପଞ୍ଜାବୀ ଗାୟିକା ୟଶିନ୍ଦର କୌରଙ୍କୁ ନିର୍ମମ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ପୋଲିସ ନିଲୋ କେନାଲରୁ ତାଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ପଛରେ ଏକତରଫା ପ୍ରେମ କାରଣ ଥିବା ଜଣାପଡ଼ିଥିବା ବେଳେ ପୋଲିସ ମୃତଦେହକୁ ହେପାଜତକୁ ନେଇ ସମରାଲା ସିଭିଲ୍ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ସେପଟେ ଗାୟିକାଙ୍କ ମୃତ୍ୟୁ ଖବର ଆସିବା ପରେ ପଞ୍ଜାବ ମ୍ୟୁଜିକ ଇଣ୍ଡଷ୍ଟ୍ରି ଏବଂ ତାଙ୍କ ପରିବାର ଲୋକେ ଶୋକ ପ୍ରକାଶ କରିଛନ୍ତି। ୟଶିନ୍ଦର ଇନ୍ଦର କୌର ନାମରେ ମଧ୍ୟ ବେଶ ଜଣାଶୁଣା ଥିଲେ।

# ରେକର୍ଡ ପରିମାଣରେ ବଢ଼ିଲା ଲିଥିୟମ୍ ଚାହିଦା




ନୂଆଦିଲ୍ଲୀ, ୧୯।୫: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହେବାରେ ଲାଗିଛି। ଏହି ସଙ୍କଟ ମଧ୍ୟରେ ଭାରତୀୟ ଗ୍ରାହକମାନେ ଏବେ ଦ୍ରୁତ ଗତିରେ ଇଲେକ୍ଟ୍ରିକ୍ ବାହନ ଆଡ଼କୁ ମୁହାଁଉଛନ୍ତି। ଏହି କାରଣରୁ ଦେଶରେ ଇଭି ବଜାରର ପ୍ରସାର ହେବା ସହ ବ୍ୟାଟେରୀ ତିଆରି ପାଇଁ ବ୍ୟବହୃତ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ‘ଲିଥିୟମ୍’ର ଚାହିଦା ରେକର୍ଡ ସ୍ତରରେ ପହଞ୍ଚିଛି। ସରକାରୀ ସୂଚନା ଅନୁଯାୟୀ, ଗତ ୮ ବର୍ଷ ମଧ୍ୟରେ ଭାରତର ଲିଥିୟମ୍ ଆମଦାନୀ ପ୍ରାୟ ୧୦ ଗୁଣରୁ ଅଧିକ ବୃଦ୍ଧି ପାଇଛି।

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮ ରେ ଭାରତ ମାତ୍ର ୩,୫୩୨ କୋଟି ଟଙ୍କାର ଲିଥିୟମ୍ ଆମଦାନୀ କରୁଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ୨୦୨୬ ର ପ୍ରଥମ ୧୧ ମାସ (ଏପ୍ରିଲ-ଫେବୃଆରୀ) ମଧ୍ୟରେ ଏହା ବୃଦ୍ଧି ପାଇ ୩୭,୬୨୪.୬ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷ ୨୦୨୫ ରେ ଏହି ଆମଦାନୀ ୨୫,୪୫୮.୬ କୋଟି ଟଙ୍କା ଥିଲା, ଯାହା ଚଳିତ ବର୍ଷ ପ୍ରାୟ ୪୮ ପ୍ରତିଶତ ବୃଦ୍ଧି ପାଇଛି। ଏହା ଭାରତରେ ଲିଥିୟମ୍-ଆୟନ୍ ବ୍ୟାଟେରୀର ବ୍ୟାପକ ଚାହିଦାକୁ ପ୍ରତିଫଳିତ କରୁଛି।

ଭାରତରେ ଇଭି ବ୍ୟବହାରର ହାର ପ୍ରାୟ ୮.୫ ପ୍ରତିଶତକୁ ବୃଦ୍ଧି ପାଇଛି। ମାତ୍ର ସେହି ତୁଳନାରେ ଦେଶ ମଧ୍ୟରେ ବ୍ୟାଟେରୀ ଓ ସେଲ୍ ଉତ୍ପାଦନ ପ୍ରକ୍ରିୟା ଅତ୍ୟନ୍ତ ଧୀର ରହିଛି। ସରକାର ଘରୋଇ ଉତ୍ପାଦନ ବଢ଼ାଇବା ପାଇଁ ୧୮,୧୦୦ କୋଟି ଟଙ୍କାର ‘ଏସିସି ପିଏଲଆଇ’ ଯୋଜନା, ୩୪,୩୦୦ କୋଟି ଟଙ୍କାର ‘ନ୍ୟାସନାଲ କ୍ରିଟିକାଲ ମିନେରାଲ୍ସ ମିଶନ’ ଏବଂ ୧,୫୦୦ କୋଟି ଟଙ୍କାର ‘ରିସାଇକ୍ଲିଂ ଇନସେଣ୍ଟିଭ୍ ସ୍କିମ୍’ ଆରମ୍ଭ କରିଛନ୍ତି।

ଅଟୋମୋବାଇଲ୍ ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଭାରତ ନିଜ ମାଟିରେ ଲିଥିୟମ୍ ଖନନ, ବିଶୋଧନ ଏବଂ ବ୍ୟାଟେରୀ ରିସାଇକ୍ଲିଂ ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ ନକରେ, ତେବେ ଏକ ବଡ଼ ସମସ୍ୟା ଉପୁଜିବ। ଦେଶ କେବଳ ଅଶୋଧିତ ତୈଳ ଉପରେ ନିର୍ଭରଶୀଳତାକୁ ଦୂର କରି ଆମଦାନୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ଏକ ନୂତନ ନିର୍ଭରଶୀଳତା ସୃଷ୍ଟି କରିବାର ବିପଦ ରହିଛି।

# ପ୍ରଳୟର ନିକଟତର ହେଉଛି ବିଶ୍ୱ

## ମଧ୍ୟରାତ୍ରି ହେବାକୁ ଆଉ ୮୯ ସେକେଣ୍ଡ ବାକି

## ‘ଡୁମ୍ସଡେ କ୍ଲକ୍’ର ଭୟାନକ ସଂକେତ




ନୂଆଦିଲ୍ଲୀ, ୧୯।୫: ବିଶ୍ୱ ଏକ ବିପର୍ଯ୍ୟୟର ନିକଟତର ହେଉଛି ବୋଲି ବୁଲେଟିନ୍ ଅଫ୍ ଦି ଆଟମିକ୍ ସାଇଣ୍ଟିଷ୍ଟର ବୈଜ୍ଞାନିକମାନଙ୍କ ଦ୍ୱାରା ପରିଚାଳିତ ପ୍ରସିଦ୍ଧ ଡୁମ୍ସଡେ ଘଣ୍ଟା ସୂଚନା ଦେଇଛି। ଜାନୁଆରୀରେ ଏହି ପ୍ରତୀକାତ୍ମକ ଘଣ୍ଟାର କଣ୍ଟାକୁ ୪ ସେକେଣ୍ଡ ଆଗକୁ ବଢ଼ାଇ ଦିଆଯାଇଥିଲା। ବର୍ତ୍ତମାନ ମାନବଜାତି ମଧ୍ୟରାତ୍ରିଠାରୁ ମାତ୍ର ୮୯ ସେକେଣ୍ଡ ଦୂରରେ ରହିଛି। ଡୁମ୍ସଡେ କ୍ଲକର ମଧ୍ୟରାତ୍ରି ହେଉଛି ସମ୍ପୂର୍ଣ୍ଣ ବିନାଶର ସମୟର। ଏହା ଏକ ବିଶ୍ୱ ପ୍ରଳୟ କିମ୍ବା ଏକ ସଭ୍ୟତା-ଶେଷ ବିପର୍ଯ୍ୟୟକୁ ଚିହ୍ନିତ କରିଛି। ବୈଜ୍ଞାନିକମାନେ ଏହାକୁ ୧୯୪୭ ମସିହାରେ ଘଣ୍ଟାଟି ପ୍ରଥମେ ସୃଷ୍ଟି ହେବା ପରଠାରୁ ସବୁଠାରୁ ବିପଦପୂର୍ଣ୍ଣ ମୁହୂର୍ତ୍ତ ବୋଲି କହୁଛନ୍ତି।

ଡୁମ୍ସଡେ ଘଣ୍ଟା ପ୍ରକୃତରେ ସମୟ କହୁଥିବା ଏକ ଘଣ୍ଟା ନୁହେଁ, ବରଂ ଏକ ପ୍ରତୀକାତ୍ମକ ଚେତାବନୀ ପ୍ରଣାଳୀ। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ଅସ୍ତ୍ର ଏବଂ ବିଶ୍ୱ ସୁରକ୍ଷା ବିପଦ ବିଷୟରେ ଚିନ୍ତିତ ବୈଜ୍ଞାନିକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା। ଘଣ୍ଟାଟି ମଧ୍ୟରାତ୍ରି ପାଖକୁ ଆସୁଥିବା ସମୟର ରୂପକ ବ୍ୟବହାର କରି ମାନବଜାତି ନିଜକୁ ବିପର୍ଯ୍ୟୟ ନିକଟତର ହେଉଛି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ଘଣ୍ଟାକଣ୍ଟାଗୁଡିକ ମଧ୍ୟରାତ୍ରି ପାଖକୁ ଯେତେ ନିକଟତର ହୁଏ, ପରମାଣୁ ଯୁଦ୍ଧ, ପରିବେଶଗତ ବିନାଶ କିମ୍ବା ପ୍ରଯୁକ୍ତିବିଦ୍ୟା ବିପର୍ଯ୍ୟୟ ଭଳି ବିପର୍ଯ୍ୟୟର ଆଶଙ୍କା ସେତେ ଅଧିକ ହୁଏ। ଯେବେ ଘଣ୍ଟାଟି ପ୍ରଥମେ ୧୯୪୭ ମସିହାରେ ପ୍ରଚଳନ କରାଯାଇଥିଲା, ସେତେବେଳେ ଏହାକୁ ମଧ୍ୟରାତ୍ରି ପୂର୍ବରୁ ୭ ମିନିଟ୍ ସେଟ୍ କରାଯାଇଥିଲା। ଏହାର ଇତିହାସର ସବୁଠାରୁ ସୁରକ୍ଷିତ ସମୟ ୧୯୯୧ ମସିହାରେ ଆସିଥିଲା, ଯେତେବେଳେ ଆମେରିକା ଏବଂ ସୋଭିଏତ୍ ୟୁନିଅନ୍ ମଧ୍ୟରେ ଶୀତଳ ଯୁଦ୍ଧ ଶେଷ ହୋଇଥିଲା।

ପରମାଣୁ ଉତ୍ତେଜନା ହ୍ରାସ ପାଇବା ଯୋଗୁଁ, ବୈଜ୍ଞାନିକମାନେ ଘଣ୍ଟାକୁ ମଧ୍ୟରାତ୍ରି ପୂର୍ବରୁ ୧୭ ମିନିଟ୍ ସ୍ଥିର କରିଥିଲେ। ଗତ କିଛି ବର୍ଷ ଧରି ପରିସ୍ଥିତି କ୍ରମାଗତ ଭାବରେ ଖରାପ ହୋଇଛି। ୨୦୨୩ ମସିହାରେ ଘଣ୍ଟା ମଧ୍ୟରାତ୍ରି ପୂର୍ବରୁ ୯୦ ସେକେଣ୍ଡ ଥିଲା। ୨୦୨୫ ମସିହାରେ, ଏହା ୮୯ ସେକେଣ୍ଡରେ ପହଞ୍ଚିଥିଲା। ବର୍ତ୍ତମାନ ବୈଜ୍ଞାନିକମାନେ ଏହାକୁ ପୁଣି ଥରେ ମଧ୍ୟରାତ୍ରି ପୂର୍ବରୁ ମାତ୍ର ୮୫ ସେକେଣ୍ଡରେ ସେଟ୍ କରିଛନ୍ତି।

# ୧୦୦ କିମି ବ୍ୟବଧାନରେ ଟ୍ରକ ଟର୍ମିନାଲ



- ସଡକ ସୁରକ୍ଷା ଅଭିଯାନରେ ଡ୍ରାଇଭର ସଂଘ
- ପଞ୍ଜିକରଣ ଫି ଛାଡ, ୬୦ ବର୍ଷ ପରେ ଭତ୍ତା ଦାବି

**ଭୁବନେଶ୍ୱର,୧୯।୫ (ସଂଚାର ବ୍ୟୁରୋ)ଃ** ରାଜ୍ୟରେ ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ଗାଡି ଚାଳକଙ୍କୁ ବିଶ୍ରାମ ସୁବିଧା ଯୋଗାଇଦିଆଯିବ। ଡ୍ରାଇଭରଙ୍କ ବିଶ୍ରାମ ପାଇଁ ନିର୍ମାଣ କରାଯାଇଥିବା ଟ୍ରକ ଟର୍ମିନାଲରେ ସୁରକ୍ଷିତ ପାର୍କିଂ, ବିଶ୍ରାମ ଗୃହ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବାକୁ ଆଜି ଅନୁଷ୍ଠିତ ଓଡିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର ପଞ୍ଚମ ବୈଠକରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁତ୍ୱ ଦେଇଛନ୍ତି। ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୋର୍ଡ ସଦସ୍ୟ ବିଧାୟକ ଟଙ୍କଧର ତ୍ରିପାଠୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ବୋର୍ଡର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଡ୍ରାଇଭର ଆସୋସିଏସନଗୁଡ଼ିକୁ ସାମିଲ କରି ସଡ଼କ ସୁରକ୍ଷା ଅଭିଯାନକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବାକୁ ବିଭାଗୀୟ ମନ୍ତ୍ରୀ ପରାମର୍ଶ ଦେବା ସହ ଗାଡ଼ି ଚାଳକ ଓ କର୍ମଚାରୀଙ୍କ ସ୍ୱାର୍ଥ ସମ୍ବଳିତ ଆଲୋଚନା ପାଇଁ ନିୟମିତ ବ୍ୟବଧାନରେ ବୋର୍ଡର ବୈଠକ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ଡ୍ରାଇଭର ମହାସଂଘର ପ୍ରତିନିଧିମାନେ ଅଟୋ ଚାଳକମାନଙ୍କୁ ଏହି କଲ୍ୟାଣ ବୋର୍ଡରେ ସାମିଲ କରିବା, ପଞ୍ଜିକରଣ ଫି' ଛାଡ଼ କରିବା ଏବଂ ୬୦ ବର୍ଷ ବୟସ ପରେ ଭତ୍ତା ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହା ସହିତ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା, ଓଡ଼ିଶାର ସମସ୍ତ ଖଣି ଓ କାରଖାନାରେ ୭୦ ପ୍ରତିଶତ ସ୍ଥାନୀୟ ଡ୍ରାଇଭରଙ୍କୁ ନିଯୁକ୍ତି ଦେବା ଏବଂ ସେପ୍ଟେମ୍ବର ୧ ତାରିଖକୁ 'ରାଜ୍ୟ ଡ୍ରାଇଭର ଦିବସ' ରୂପେ ଘୋଷଣା କରିବାକୁ ସେମାନେ ଦାବି କରିଥିଲେ।

# ଓଡ଼ିଶାର ଆମ୍ବ କିସମ ଓ ଉତ୍ପାଦନକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ପ୍ରଶଂସା



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ)ଃ** ଭୁବନେଶ୍ୱର ଠାରେ ଆୟୋଜିତ ହେଉଥିବା ଆଜିର ଜୋନାଲ କନ୍‌ଫରେନ୍ସରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତରଫରୁ ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର ଓ କୃଷି ଉଦ୍ୟୋଗୀଙ୍କ ଦ୍ୱାରା ଶଙ୍କର ଏବଂ ଏଲିଟ୍ କିସମର ବିଭିନ୍ନ ପ୍ରକାରର ଆମ୍ବ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ଜିଲ୍ଲାରୁ ଏବଂ କେନ୍ଦ୍ରୀୟ ଉଦ୍ୟାନ ପ୍ରଶିକ୍ଷଣ ସଂସ୍ଥା ତରଫରୁ ୩୫ରୁ ୪୦ କିସମର ଆମ୍ବ ଏଥିରେ ସ୍ଥାନ ପାଇଥିଲା। ସେମଧ୍ୟରୁ ମୟୂରଭଞ୍ଜରୁ ଆସିଥିବା ସିମିଲଟନ୍ ସୁନ୍ଦରୀର ନାଲିରଙ୍ଗ ବେଶ୍ ଆକର୍ଷିତ କରିଥିଲା। ଏତଦ୍‌ବ୍ୟତୀତ କିଲୋ ପ୍ରତି ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଦାମରେ ବିକ୍ରି ହେଉଥିବା ମିଆଜାକି ଆମ୍ବ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏଥି ସହିତ କେଉଁଝରର ବଳଦେବ କିସମ, ବଲାଙ୍ଗିରର ଜାହାଙ୍ଗିର ଓ ଢେଙ୍କାନାଳର ବେଲଗଜା ଏବଂ ଅନେକ ଶଙ୍କର ଓ ଉନ୍ନତ କିସମର ଆମ୍ବ ଯଥା-ଆର୍କା ନିଳାଚଳ, କେଶରୀ, ଆର୍କା ପୁନିତ, ଆର୍କା ସୁପ୍ରଭାତ, ଆର୍କା ଉଦୟ, ଅମ୍ବିକା ଇତ୍ୟାଦି କୃଷି ଉଦ୍ୟୋଗୀଙ୍କ ତରଫରୁ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ପୂର୍ବାଞ୍ଚଳ ରାଜ୍ୟର ସମସ୍ତ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଏହି ଷ୍ଟଲକୁ ପ୍ରଦର୍ଶନ କରିଥିଲେ ଓ ଓଡ଼ିଶାର ବିଭିନ୍ନ ଆମ୍ବ କିସମ ଦେଖି ଭୂୟସୀ ପ୍ରଶଂସା କରିଥିଲେ। ଏଥିରୁ ଅନୁମାନ କରିହେଉଛି ଅନୁକୂଳ ଜଳବାୟୁ, ଚାଷୀଙ୍କ ପ୍ରୟାସ ଓ କୃଷି ଉତ୍ପାଦକ ସଂଗଠନ ଯୋଗୁଁ ରାଜ୍ୟରେ ଆମ୍ବ ଉତ୍ପାଦନ ଦିନକୁ ଦିନ ବଢ଼ି ଚାଲିଛି। ଗୁଣାତ୍ମକ ମାନର ଆମ୍ବ ଏଫ୍‌ପିଓମାନଙ୍କ ଦ୍ୱାରା ଏକତ୍ରିକରଣ କରି ବାହାର ରାଜ୍ୟ ଓ ଦେଶକୁ ରପ୍ତାନୀ କରି ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## ଲକ୍ଷାଧିକ ଡ୍ରଗ୍ସ ସହ ୪ଙ୍କୁ ଗିରଫ କରିଲା ପୁଲିସ



**କୋଲକାତା,୧୯।୫(ସଂଚାର ବ୍ୟୁରୋ)ଃ** ଜଲପାଇଗୁଡ଼ି ଜିଲ୍ଲାର ଭୋଟପଛି ଫାଣ୍ଡିର ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ସୋମବାର ରାତିରେ ପୁଲିସ ପ୍ରାୟ ଅଢେଇ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରିବା ସହିତ ଚାରି ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଦୁଇଜଣ ବୋଲବାଡି ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ମାଲବଜାରର ବାସିନ୍ଦା ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ କୋଚବିହାର ଜିଲ୍ଲାର ହଳଦିବାଡିରୁ ବ୍ରାଉନସୁଗାର ପରିବହନ କରୁଥିଲେ ଏବଂ ଏହାକୁ ହେଲାପାକାଡି ଏବଂ ମୌଲାନି ଅଞ୍ଚଳରେ ବିକ୍ରୟ କରିବାକୁ ଯୋଜନା କରୁଥିଲେ। ଏକ ଗୁପ୍ତ ସୂତ୍ରରୁ ସୂଚନା ପାଇ ଭୋଟପଛି ଫାଣ୍ଡିର ପୁଲିସ ହେଲାପାକାଡି ଅଞ୍ଚଳରେ ଚଢାଉ କରିଥିଲା। ଏହି ଅଭିଯାନ ସମୟରେ ସନ୍ଦେହଜନକ ଭାବରେ ଚାରି ଜଣ ଯୁବକଙ୍କୁ ଅଟକ ରଖାଯାଇଥିଲା। ପରବର୍ତ୍ତୀ ସମୟରେ, ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ଉପସ୍ଥିତିରେ, ସେମାନଙ୍କ ତଲାସୀ ନିଆଯାଇଥିଲା, ଯାହା ଫଳରେ ବ୍ରାଉନସୁଗାର ଉଦ୍ଧାର କରାଯାଇଥିଲା। ଏହା ସହିତ, ପୁଲିସ ଦୁଇଟି ମୋଟରସାଇକେଲ ଏବଂ ତିନୋଟି ମୋବାଇଲ ଫୋନ ଜବତ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ଦୀପଙ୍କର ମୁର୍ମୁ, ପୀୟୁଷ ରାୟ, ଶୁଭଜିତ ଚନ୍ଦ୍ର ଏବଂ ଅମିତ ସରକାର। ଭୋଟପଛି ଫାଣ୍ଡିର ଭାରପ୍ରାପ୍ତ ଅଧିକାରୀ (ଓସି) ଅରିଜିତ କୁଣ୍ଡୁ କହିଛନ୍ତି ଯେ ଏହି ର୍ୟାକେଟ ପଛରେ କୌଣସି ପ୍ରମୁଖ ମାଷ୍ଟରମାଇଣ୍ଡ କାର୍ଯ୍ୟ କରୁଛନ୍ତି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ବର୍ତ୍ତମାନ ତଦନ୍ତ ଚାଲିଛି।

## ଦାଦାବଟି ଆଦାୟ ଅଭିଯୋଗରେ କାଉନସିଲର ଗିରଫ

**କୋଲକାତା,୧୯।୫(ସଂଚାର ବ୍ୟୁରୋ)ଃ** ବିଧାନନଗର ପୌରସଭାର ୨୬ ନମ୍ବର ୱାର୍ଡର ପୌର ପ୍ରତିନିଧି ସୁଶୋଭନ ମଣ୍ଡଳ ଓରଫ 'ମାଇକେଲ'ଙ୍କୁ ସୋମବାର ସନ୍ଧ୍ୟାରେ ଦାଦାବଟି ଆଦାୟ ଅଭିଯୋଗରେ ଗିରଫ କରାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ଜଣେ ଦୋକାନୀ ତାଙ୍କ ପ୍ରତିଷ୍ଠାନରେ ନବୀକରଣ କାର୍ଯ୍ୟ କରିଥିଲେ। ପୌର ପ୍ରତିନିଧି ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଦାଦାବଟି ଦାବି କରିଥିବା ଅଭିଯୋଗ ହୋଇଛି। ଦୋକାନୀଙ୍କୁ ଚେତାବନୀ ଦିଆଯାଇଥିବା ଜଣାପଡ଼ିଛି ଯେ ଦାବି କରାଯାଇଥିବା ଟଙ୍କା ନ ଦେଲେ ନବୀକରଣ କାର୍ଯ୍ୟ ଆଗକୁ ବଢ଼ିବାକୁ ଦିଆଯିବ ନାହିଁ। ଶେଷରେ, ଦାବି କରାଯାଇଥିବା ଟଙ୍କା ହ୍ରାସ କରାଯାଇଥିଲା ଏବଂ ଏକ ସମାଧାନ ହୋଇଥିଲା। ପରବର୍ତ୍ତୀ ସମୟରେ ବ୍ୟକ୍ତି ଜଣକ ବାଗୁଇଆଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଜଣାଇଛି ଯେ ଏହି ଅଭିଯୋଗ ଆଧାରରେ କାଉନସିଲରଙ୍କୁ ଗିରଫ କରାଯାଇଛି।

## ଚାକିରି ଯୋଗାଇ ଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ, ତୃଣମୂଳ ନେତା ଗିରଫ



**କୋଲକାତା,୧୯।୫ (ସଂଚାର ବ୍ୟୁରୋ)ଃ** ହେମତାବାଦ ବ୍ଲକ ମଧ୍ୟରେ ଜଳସେଚନ ବିଭାଗରେ ଚାକିରି ଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ପୁଲିସ ତୃଣମୂଳ କଂଗ୍ରେସର ଉପାଧ୍ୟକ୍ଷ ମୁଜିବୁର ରହମାନ ଓରଫ ଦୁଲାଲଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ବିଳମ୍ବିତ ରାତିରେ ମିରିକରୁ ଗିରଫ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୪୦୬ ଏବଂ ୪୨୦ ସମେତ ଅନେକ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତାଙ୍କୁ ମଙ୍ଗଳବାର ରାୟଗଞ୍ଜ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା। ଅଭିଯୋଗକାରୀ ଆଲାଉଦ୍ଦିନ ସରକାର ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅକୁ ଚାକିରି ଦେବା ପାଇଁ ସେ ଅଭିଯୁକ୍ତଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ। କିନ୍ତୁ ଚାରି ବର୍ଷ ବିତି ଯାଇଥିଲେ ସୁଦ୍ଧା ଚାକିରି ଏପର୍ଯ୍ୟନ୍ତ ହୋଇପାରିନାହିଁ। ଅଭିଯୁକ୍ତ ଜଳସେଚନ ବିଭାଗରେ ପଦବୀ ପାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରାୟ ଆଠ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏହି ପାଣ୍ଠି ସଂଗ୍ରହ କରିବା ପାଇଁ, ଅଭିଯୋଗକାରୀ ତାଙ୍କ ଜମି ବିକ୍ରୟ କରିବାକୁ ମଧ୍ୟ ଯାଇଥିଲେ। ତେବେ, ତାଙ୍କୁ ଚାକିରି କିମ୍ବା ତାଙ୍କ ଟଙ୍କା ଫେରସ୍ତ କରାଯାଇ ନାହିଁ। ପ୍ରଥମେ ଏହି ମାମଲା ଅଧିକାରୀ ପ୍ରଭାସ ସିଂହଙ୍କ ଦ୍ୱାରା ତଦନ୍ତ କରାଯାଉଥିଲା, ଅନ୍ୟପକ୍ଷ ସୁଜିତ ଲାମା ବର୍ତ୍ତମାନ ତଦନ୍ତ ତଦାରଖ କରୁଛନ୍ତି। ପୁଲିସ ଜଣାଇଛି ଯେ କୋଟି କୋଟି ଟଙ୍କାର ଠକେଇ, ଚାନ୍ଦା ଆଦାୟ, ଜଳଭଣ୍ଡାରକୁ ଅନଧିକୃତ ଭାବରେ ପୂରଣ କରିବା ଏବଂ ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଉଲ୍ଲଂଘନ ସହିତ ଜଡିତ ମାମଲା ମଧ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ରୁଜୁ କରାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି।

# ଶାସନ ପରିବର୍ତ୍ତନ ପରେ କ୍ଷୀର ଓ ଗଙ୍ଗା ଜଳରେ 'ଶୁଦ୍ଧିକରଣ'



**କୋଲକାତା,୧୯।୫(ସଂଚାର ବ୍ୟୁରୋ)ଃ** ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ପରଠାରୁ, ବୀରଭୂମର ଏକ ପ୍ରମୁଖ ଶକ୍ତିପୀଠ କଙ୍କାଳୀତଲା ମନ୍ଦିରକୁ ନେଇ ଅନେକ ବିବାଦ ଦେଖାଦେଇଛି। ଏହା ପୂର୍ବରୁ, ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ଧର୍ମର ବ୍ୟକ୍ତିବିଶେଷଙ୍କ ପ୍ରବେଶ ନିଷେଧ କରିବା ପାଇଁ ବିଜେପି କର୍ମୀ ଏବଂ ସମର୍ଥକମାନଙ୍କ ଦ୍ୱାରା ଉଠାଯାଇଥିବା ଦାବି ଉପରେ ଏକ ଉଷ୍ମ ବିତର୍କ ଆରମ୍ଭ ହୋଇସାରିଛି। ଏହି କାର୍ଯ୍ୟକ୍ରମ ମଧ୍ୟରେ, ମଙ୍ଗଳବାର ସକାଳେ ମନ୍ଦିର ପରିସରରେ ଏକ ଶୁଦ୍ଧିକରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯାହା କଙ୍କାଳୀତଲା ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମରେ ଆୟୋଜିତ ହୋଇଥିଲା। କ୍ଷୀର ଏବଂ ପବିତ୍ର ଗଙ୍ଗା ଜଳରେ ମନ୍ଦିର ପରିସର ଧୋଇବା ସହିତ, ଏକ 'ହୋମ ଯଜ୍ଞ' ଏବଂ ବିଶେଷ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳରୁ ମନ୍ଦିର ପରିସରରେ ଭକ୍ତ ଏବଂ ସ୍ଥାନୀୟ ଲୋକଙ୍କ ଉପସ୍ଥିତି ଉଲ୍ଲେଖନୀୟ ଭାବରେ ପ୍ରମୁଖ ଥିଲା। ସମଗ୍ର ଅଞ୍ଚଳ ମନ୍ତ୍ର ଜପ, ଧୂପର ସୁଗନ୍ଧ ଏବଂ ପୂଜାର ଧ୍ୱନିରେ ପ୍ରତିଧ୍ୱନିତ ହୋଇଥିଲା। ସ୍ଥାନୀୟ ଲୋକଙ୍କର ଏକ ଅଂଶ ଦାବି କରିଛନ୍ତି ଯେ କଙ୍କାଳିତଲା ଏକ ପବିତ୍ର ତୀର୍ଥସ୍ଥଳ। ସେଠାରେ କୌଣସି ରାଜନୈତିକ ପ୍ରଭାବ ଯେମିତି ନପଡେ। ସେମାନଙ୍କ ମତରେ, ମନ୍ଦିରରେ ରାଜନୀତିକୁ ପ୍ରବେଶ କରିବାକୁ ଦିଆଯିବା ଉଚିତ୍ ନୁହେଁ। ମନ୍ଦିର ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଆଧ୍ୟାତ୍ମିକ କ୍ଷେତ୍ର ମଧ୍ୟରେ ରହିବା ଉଚିତ। ତେବେ, ସ୍ଥାନୀୟ ବାସିନ୍ଦାଙ୍କ ସହିତ ଏଦିନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଜେପି କର୍ମୀ ଏବଂ ସମର୍ଥକ ଯୋଗ ଦେଇଥିବାର ଦେଖାଯାଇଥିଲା। ତେବେ, ଆୟୋଜକମାନେ କହିଛନ୍ତି ଯେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ଏକ ଧାର୍ମିକ ଏବଂ ସାମାଜିକ ପଦକ୍ଷେପ ଥିଲା।

## ଜୀ ସାର୍ଥକରେ 'ମନ ମୋର କାଗଜ ଗୁଡ଼ି'

● ମେ' ୨୪, ସନ୍ଧ୍ୟା ୬ଟା ୩୦

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ)ଃ** ଆସନ୍ତା ୨୪ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ରୋମାଣ୍ଟିକ୍ ଡ୍ରାମାମୁଭି 'ମନ ମୋର କାଗଜ ଗୁଡ଼ି' ଜୀ ସାର୍ଥକ ଟିଭିରେ ଟେଲିକାଷ୍ଟ ହେବ। ଏହି ଚଳଚ୍ଚିତ୍ରର କାହାଣୀ ଏମିତି ଜଣେ ଯୁବକକୁ ନେଇ ଗତିଶୀଳ ଯାହା ଜୀବନକୁ ଜଣେ ସରଳ, ସ୍ପଷ୍ଟବାଦୀ ଏବଂ ଜୀବନକୁ ଭଲଭାବେ ବୁଝିଥିବା ଝିଅର ପ୍ରବେଶ ହେଉଛି। ଦୁହିଁଙ୍କ ଚିନ୍ତାଧାରା ଓ ଜୀବନଶୈଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିଲେ ମଧ୍ୟ ପ୍ରେମ ସେମାନଙ୍କୁ ନିକଟତର କରିଛି। ତେବେ ଏହି ସମ୍ପର୍କର ଗତିଶୀଳତାରେ ଆସୁଥିବା ଭୁଲ ବୁଝାମଣା, ବାଧାବିଘ୍ନ ଏବଂ ଶେଷରେ କାହାଣୀରେ ଆସୁଥିବା ଅଚାନକ ଟୁଇଷ୍ଟ ଏହି କାହାଣୀର ମୁଖ୍ୟ ଆକର୍ଷଣ। ଚଳଚ୍ଚିତ୍ରର ଗୀତଗୁଡିକ ରୋମାଣ୍ଟିକ ହେବା ସହିତ ଯୁବ ପିଢ଼ିଙ୍କ ମନଲାଖି ହୋଇଛି। ଶିବ କୁମାର ପରିଡ଼ା ଏବଂ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଦେବଜ୍ୟୋତି ପାତ୍ର। କାହାଣୀ ଲେଖିଛନ୍ତି ମାନସ ପଡ଼ିଆରୀ ଓ ଦିବ୍ୟସିଂହ ରାୟ। ମୁଖ୍ୟ ଓ ସହକାରୀ କଳାକାର ଭାବରେ ରାକେଶ ଦେଓ, ଭୂମିକା ଦାଶ, ଐଶ୍ୱର୍ଯ୍ୟା ବେହେରା, ପ୍ରୀତିରାଜ ଶତପଥୀ, ବିରେନ ମିଶ୍ର, ତପି ମିଶ୍ର, ମମତା ଦାସ, ଗୁଡୁ ଏବଂ ଜ୍ଞାନ ପ୍ରମୁଖ ନିଜର ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କ ମନ ଜିତିବେ ବୋଲି ଆଶା କରାଯାଇଛି।

## 'ମନ୍ତ୍ର ମୁଗ୍ଧ'ର ଧମାକା | ୧୫ ଦିନରେ ୩ କୋଟିରୁ ଉର୍ଦ୍ଧ୍ୱ କଲେକ୍ସନ




**ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ)ଃ** ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ବକ୍ସ ଅଫିସରେ ସଫଳ ହୋଇଛି। କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କ ଭଲପାଇବା ଜିତିଛି। ମେ ୧ରେ ରିଲିଜ୍ ହୋଇଥିବା ଏହି ସିନେମା ୧୫ ଦିନ ମଧ୍ୟରେ ୩ କୋଟିରୁ ଅଧିକ ଆୟକରି ଏକ ନୂଆ ରେକର୍ଡ ସୃଷ୍ଟି କରିଥିବା ସୋସିଆଲ ମିଡିଆରେ ନିର୍ମାତା ଫିଲ୍ମର କଲେକ୍ସନ ସମ୍ପର୍କରେ ସୂଚନା ଦେଇଛନ୍ତି।

ସୋସିଆଲ ମିଡ଼ିଆରେ ସେୟାର ହୋଇଥିବା ତଥ୍ୟ ଅନୁଯାୟୀ, 'ମନ୍ତ୍ରମୁଗ୍ଧ' ରିଲିଜ୍‌ର ଦୁଇ ସପ୍ତାହ ମଧ୍ୟରେ ଏହା ୩.୦୬ କୋଟି ଟଙ୍କା ଆୟ କରିଛି। ଫିଲ୍ମଟି ଏବେ ତୃତୀୟ ସପ୍ତାହରେ ପ୍ରବେଶ କରିଛି। ଦର୍ଶକମାନଙ୍କୁ ଧନ୍ୟବାଦ ଦେଇ ନିର୍ମାତା ପୋଷ୍ଟର କ୍ୟାପସନରେ ଲେଖିଛନ୍ତି ଯେ, ଦୁଇ ସପ୍ତାହର ସମ୍ପୂର୍ଣ୍ଣ ମନୋରଞ୍ଜନ। ବକ୍ସ ଅଫିସରେ ୩.୦୬ କୋଟି ଟଙ୍କା ରୋଜଗାର କରିଛି। ପାଗଳାମି ଆହୁରି ବଢ଼ିବାରେ ଲାଗିଛି। ସୋସିଆଲ ମିଡିଆରେ ଦର୍ଶକମାନେ ଫିଲ୍ମଟିକୁ ଭରପୂର ପ୍ରଶଂସା କରିଛନ୍ତି। କେହିକେହି ଏହାକୁ 'ସୁପର ଡୁପର ହିଟ୍' ବୋଲି ଲେଖିଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ଶ୍ରେଷ୍ଠ ମନୋରଞ୍ଜନଧର୍ମୀ ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି।

## ୧୨ରେ ବିବାହ, ୧୨ରେ ମୃତ୍ୟୁ



**ନୂଆଦିଲ୍ଲୀ ୧୯।୫ଃ** ଭୋପାଳର ୩୩ ବର୍ଷୀୟା ଦ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ଅନେକ ପ୍ରଶ୍ନ ଉଠାଇଛି। ଗ୍ଲାମର ଇଣ୍ଡଷ୍ଟ୍ରି, କର୍ପୋରେଟ୍ ସେକ୍ଟର ଏବଂ ଆଧ୍ୟାତ୍ମିକତାର କ୍ଷେତ୍ରରେ ଯୋଡି ହୋଇଥିଲା ଦ୍ୱିଶାଙ୍କ ଜୀବନ। ଯେତିକି ପ୍ରେରଣାଦାୟକ ଭାବରେ ବିବେଚିତ ହେଉଥିଲା ତାଙ୍କ ମୃତ୍ୟୁ ସମାନ ଭାବରେ ରହସ୍ୟମୟ ହୋଇଗଲା। ତାଙ୍କ ବିବାହର ମାତ୍ର ପାଞ୍ଚ ମାସ ପରେ, ଭୋପାଳର କଟାରା ହିଲ୍ସ ଅଞ୍ଚଳରେ ତାଙ୍କ ଘରେ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ସେବେଠାରୁ ଏହି ମାମଲା ନିରନ୍ତର ଆଲୋଚନାର ବିଷୟ ହୋଇ ରହିଛି। ଦ୍ୱିଶା ୨୦୨୫ ମସିହା ଡିସେମ୍ବର ୧୨ ତାରିଖରେ ବିବାହ କରିଥିଲେ। ହେଲେ ଭାଗ୍ୟର ଏକ ଅଜବ ମୋଡ଼ରେ ତାଙ୍କ ମୃତ୍ୟୁ ତାରିଖ ମଧ୍ୟ ୧୨ ତାରିଖ ହୋଇଥିଲା।

ନୋଏଡାର ମୂଳ ବାସିନ୍ଦା, ଦ୍ୱିଶା ଶର୍ମା ତାଙ୍କ ପାଠପଢ଼ା ଜାରି ରଖି ମଡେଲିଂ ଏବଂ ଗ୍ଲାମର ଜଗତରେ ପ୍ରବେଶ କରିଥିଲେ। ସେ ୨୦୧୪ରେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟରୁ ତାଙ୍କର ବିବିଏ ଶେଷ କରିଥିଲେ। ଏହି ସମୟ ମଧ୍ୟରେ, ସେ 'ମିସ୍ ପୁଣେ' ଟାଇଟଲ୍ ଜିତିଥିଲେ ଏବଂ ଅନେକ ବିଜ୍ଞାପନରେ କାମ କରିଥିଲେ। ଦ୍ୱିଶା ଅଭିନୟ ଜଗତରେ ମଧ୍ୟ ପ୍ରବେଶ କରିଥିଲେ। ଏହା ସହ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ତାଙ୍କର ପ୍ରଦର୍ଶନ କଳା, ଚଳଚ୍ଚିତ୍ର ନିର୍ମାଣ ଏବଂ ବିଭିନ୍ନ ସୃଜନଶୀଳ କାର୍ଯ୍ୟରେ ଗଭୀର ଆଗ୍ରହ ଥିଲା।

# ସ୍ୱଚ୍ଛ ସର୍ବେକ୍ଷଣ - ବିଏମ୍‌ସି ନିଜେ କରୁଛି

**ଭୁବନେଶ୍ୱର,୧୯।୫ଃ** ରାଜଧାନୀରେ ସ୍ୱଚ୍ଛ ସର୍ବେକ୍ଷଣର ମଙ୍ଗ ଧରିଛି ଏବେ ଖୋଦ୍ ବିଏମସି। ବିଏମସିର କର୍ମଚାରୀମାନେ ଘରକୁ ଘର ବୁଲି ଲୋକଙ୍କ ମୋବାଇଲ୍ ଫୋନ୍‌ରେ ସର୍ଭେ କରୁଛନ୍ତି ଓ ନମ୍ବର ଦେଉଛନ୍ତି। ଯେଉଁ କାମ ସାଧାରଣ ଲୋକେ କରିବାକଥା ତାହା ବିଏମସି ନିଜଆଡୁ ବାଧ୍ୟ ହୋଇ କରୁଛି।

ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ରହିଛି ସ୍ୱତନ୍ତ୍ର ଆପ୍। ସହରବାସୀ ଏଥିରେ ନିଜ ମୋଇଲ୍ ନମ୍ବର ଦେଇ ସର୍ଭେରେ ଭାଗ ନେଇପାରିବେ। ନିଜ ନିଜ ଅଞ୍ଚଳ କେତେ ସଫା ସୁତୁରା ରହୁଛି ସେହି ଅନୁଯାୟୀ ସେମାନେ ନମ୍ବର ଦେବେ ଓ ତାହାରି ଆଧାରରେ ଭୁବନେଶ୍ୱର କେତେ ସଫା ରହୁଛି ତାହା ଜଣାପଡ଼ିବ। ଜାତୀୟ ସ୍ତରର ପ୍ରତିଯୋଗିତାରେ ମଧ୍ୟ ଏହି ନମ୍ବର ଅନୁଯାୟୀ ସହରକୁ ସ୍ଥାନ ମିଳିବ। ତେବେ ସାଧାରଣ ଲୋକଙ୍କ ବଦଳରେ ବିଏମସିର କର୍ମଚାରୀମାନେ ଏବେ ହାତରେ ମୋବାଇଲ ଧରି ଘରକୁ ଘର ବୁଲୁଛନ୍ତି। ଲୋକଙ୍କ ମୋବାଇଲ୍ ନମ୍ବର ପଚାରି ଦରଜ କରୁଛନ୍ତି। ଏହାପରେ ଲୋକଙ୍କ ମୋବାଇଲ୍‌କୁ ଆସୁଥିବା ଓଟିପିକୁ ସଂଗ୍ରହକରି ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ନମ୍ବର ଦେଉଛନ୍ତି। ଲୋକଙ୍କ ମତାମତ ଲୋଡୁ ନାହାନ୍ତି। ତେବେ ଯେଉଁମାନେ ଏହି ସର୍ବେକ୍ଷଣ ବିଷୟରେ ପଚାରୁଛନ୍ତି ସେମାନଙ୍କୁ ଘରକୁ ଘର ଅଳିଆ ଉଠୁଛି କି ନାହିଁ ସେ ସଂକ୍ରାନ୍ତରେ ସର୍ଭେ ହେଉଥିବା କହୁଛନ୍ତି। ଯଦି କେଉଁମାନେ ନିଜ ନିଜ ଘର ଆଗରେ ପଡ଼ିଥିବା ଅଳିଆକୁ ଦେଖାଉଛନ୍ତି ତେବେ ସେହି ଅଞ୍ଚଳର ସାନିଟାରୀ ଇନ୍ସପେକ୍ଟରଙ୍କୁ ଜଣାଇବେ ବୋଲି କହି କର୍ମଚାରୀମାନେ ପଳାଇ ଯାଉଛନ୍ତି। ସବୁଠାରୁ ମଜାର କଥା ହେଲା ଗୋଟିଏ ମୋବାଇଲରେ ଓଟିପି ଆସି ସର୍ବେକ୍ଷଣ କାର୍ଯ୍ୟ ସାରିବାପରେ ଘରେ ଆଉ କାହାର ମୋବାଇଲ ଅଛି କି ନାହିଁ ପଚାରୁଛନ୍ତି। ଯଦି କିଏ ହଁ ମାରିଲା ତେବେ ଘରପିଛା ଏକାଧିକ ମୋବାଇଲ୍ ନମ୍ବରରେ ସର୍ବେକ୍ଷଣ କାର୍ଯ୍ୟ ସାରିଦେଉଛନ୍ତି। ବିଏମସିର ଏଭଳି ଘରକୁ ଘର ବୁଲି ସ୍ୱଚ୍ଛ ସର୍ବେକ୍ଷଣ ଚଳାଇବା ଏବେ ସହରର ପରିମଳ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। କାରଣ ସ୍ୱଚ୍ଛ ସର୍ବେକ୍ଷଣ ହେଉଥିବାନେଇ ବିଏମସି ପକ୍ଷରୁ ବ୍ୟାପକ ପ୍ରଚାର କରାଯାଇଥିବାବେଳେ ସାଧାରଣ ଲୋକେ ଏଥିରେ ଭାଗନେଇ ସେମାନଙ୍କର ମତାମତ ରଖିବାକଥା। କିନ୍ତୁ ତାହା ବଦଳରେ ବିଏମସି କର୍ମଚାରୀମାନେ ଘରକୁ ଘର ବୁଲି ନିଜକୁ ନିଜେ ସାବାସୀ ଦେବାରେ ଲାଗିଛନ୍ତି।

ବିଏମସିର ୬୭ଟି ୱାର୍ଡ ମଧ୍ୟରୁ ଅଧିକାଂଶର ସଫେଇ ଦାୟିତ୍ୱ ରହିଛି ଘରୋଇ ସଂସ୍ଥା ହାତରେ। ଏହି ସଂସ୍ଥାଗୁଡିକ ହିଁ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଯେଉଁଠି ସଫେଇ କାର୍ଯ୍ୟ ପାଇଁ ୪ଜଣ ଝାଡୁଦାର ଆବଶ୍ୟକ ସେଠାରେ ଜଣକରେ କାମ ଚଳାଇ ନେଉଛନ୍ତି। ରାସ୍ତାଘାଟରୁ ଅଳିଆ ଉଠାଇବା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ଅଧିକ କାମ ଯୋଗୁଁ ବହୁ ଅଞ୍ଚଳରେ ସବୁଦିନ ରାସ୍ତାଘାଟରେ ଝାଡୁ ମରାଯାଉ ନାହିଁ କିମ୍ବା ଅଳିଆ ଉଠୁନାହିଁ। ସହରର ପରିମଳ ବ୍ୟବସ୍ଥା ତଦାରଖ ପାଇଁ ପ୍ରତ୍ୟେକ ୱାର୍ଡରେ ଗୋଟିଏ ୱାର୍ଡ ଅଫିସ, ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନେ ରହିଛନ୍ତି। ଏହା ସତ୍ତ୍ୱେ ବି ବିଭିନ୍ନ ସ୍ଥାନରେ ଦିନ ଦିନ ଧରି ଅଳିଆ ଗଦାହୋଇ ରହୁଛି। ସହରରେ କେବଳ ଘରକୁ ଘର ଅଳିଆ ସଂଗ୍ରହ କାର୍ଯ୍ୟଟି ସୁଚାରୁରୂପେ ହେଉଥିବାବେଳେ ରାସ୍ତାଘାଟ ସଫା ଓ ଅଳିଆ ଉଠା ଠିକାନେଇଥିବା ସଂସ୍ଥାଙ୍କ ମର୍ଜିରେ ଚାଲିଥିବା ଲକ୍ଷ୍ୟ କରାଯାଇଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ପୂର୍ବୋଦୟ' ମିଶନର...

ବ୍ୟବହାର କରାଯାଉଛି। ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାସହ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିସମର ପାରମ୍ପରିକ ଖାଦ୍ୟ ଶସ୍ୟଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଉଥିବା ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୋହରାଇ ସେ ରସାୟନିକ ସାରର ବ୍ୟବହାର କମାଇବାକୁ ରାଜ୍ୟର ଚାଷୀଙ୍କୁ ଅନୁରୋଧ କରିଛନ୍ତି। 'ସମୃଦ୍ଧ କୃଷକ ଯୋଜନା'ରେ ଚାଷୀଙ୍କୁ ବଡ଼ ଆଶ୍ୱାସନା ଦେଇ ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ କିଣାଯାଉଛି, ଯାହାଦ୍ୱାରା ଗତ ଖରିଫ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀ ସିଧାସଳଖ ଉପକୃତ ହୋଇଛନ୍ତି। ଏହା ବ୍ୟତୀତ 'ସିଏମ କିଷାନ' ଯୋଜନା ମାଧ୍ୟମରେ ୫୧ ଲକ୍ଷରୁ ଅଧିକ ଚାଷୀଙ୍କୁ ବାର୍ଷିକ ୪,୦୦୦ ଟଙ୍କା ଦିଆଯାଉଛି, ଯାହାଦ୍ୱାରା କେନ୍ଦ୍ର ସରକାରଙ୍କ ପିଏମ କିଷାନ ସହିତ ମିଶି ଚାଷୀଙ୍କ ହାତରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପହଞ୍ଚୁଛି। ଚାଷୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ଅଂଶର ସମ୍ପୂର୍ଣ୍ଣ ପ୍ରିମିୟମ ରାଜ୍ୟ ସରକାର ନିଜେ ବହନ କରୁଥିବା ସେ କହିଛନ୍ତି। ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ କୃଷି ଉତ୍ପାଦକତା କମ ଥିବାରୁ ଏହି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସୁଯୋଗ ରହିଛି। ଏହି ସମ୍ମିଳନୀ ପୂର୍ବ ଭାରତର ୫ଟି ରାଜ୍ୟକୁ ପରସ୍ପରର ଶ୍ରେଷ୍ଠ ପ୍ରଣାଳୀ ଓ ଅନୁଭୂତିରୁ ଶିଖିବାରେ ଏକ ବଡ଼ ସୁଯୋଗ। କୃଷି ସମ୍ମିଳନୀରୁ ବାହାରିବାକୁ ଥିବା ନିଷ୍କର୍ଷ ପୂର୍ବ ଭାରତର ସମସ୍ତ ରାଜ୍ୟକୁ କୃଷି କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବ ଏବଂ ଏହି ରୋଡମ୍ୟାପ୍ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନକୁ ସଫଳ କରିବାରେ ଏକ ଐତିହାସିକ ମାଇଲଖୁଣ୍ଟ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ୫ ଦିନରେ...

ହୋଇପଡିଲାଣି। ପେଟ୍ରୋଲ ଓ ଡିଜେଲ ବଢ଼ିଲେ ଆଗକୁ ପରିବହନ ଖର୍ଚ୍ଚ ବଢ଼ିବାର ଆଶଙ୍କା ରହିଛି। ତେଣୁ ଗତଥର ଭଳି ଏଥର ବି ସରକାର ତେଲ ଉପରୁ ଟିକସ କମାଇବାକୁ ଦାବି କରୁଛନ୍ତି ଲୋକ। ତେବେ ତେଲ ଦର ବଢ଼ିବା ପରେ ବି ଟାଙ୍କିଗୁଡ଼ିକରେ ଆଉ ଆଗ ଭଳି ଭିଡ଼ ନାହିଁ। କାରଣ ତିନି ଚାରି ଦିନ ତଳେ ଦେଶରେ ପେଟ୍ରୋଲ ଡିଜେଲ୍ ମିଳିବନି ବୋଲି ଗୁଜବ ପ୍ରଚାର ପରେ ରାଜ୍ୟସାରା ତେଲ ଟାଙ୍କିରେ ହାଉଜାଉ ସ୍ଥିତି ହୋଇଥିଲା। ଅସମ୍ଭାଳ ଭିଡ଼, ଘଣ୍ଟାଘଣ୍ଟା ଲାଇନ୍ ଆଉ ଅପେକ୍ଷା କରୁଥିଲେ ଲୋକେ। ବହୁ ଲୋକ ନିଜର ବାଇକ୍ ଓ କାରରେ ଟାଙ୍କି ଫୁଲ୍ କରି ତେଲ ପକାଇଥିଲେ। ସେତେବେଳେ ଯେଉଁ ସେଲ ତିନି ଦିନ ଚାଲିବା କଥା ତାହା କେବଳ କିଛି ଘଣ୍ଟାରେ ଶେଷ ହୋଇଥିଲା। କିନ୍ତୁ ଏବେ ଦୃଶ୍ୟ ପୁରା ଓଲଟା। ଟାଙ୍କି ଫାଙ୍କା, ଗ୍ରାହକ ବି କମ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢୁଛି। ବ୍ୟାରେଲ୍ ପିଛା ଅଶୋଧିତ ତୈଳ ଦର ବଢୁଥିବାରୁ ଭାରତରେ ଜଳୁଛି ଖାଉଟିଙ୍କ ପକେଟ୍। ସେହିପରି ହର୍ମୁଜ ପ୍ରଣାଳୀ ବନ୍ଦ ପରେ ତୈଳ ଯୋଗାଣ ବି ବାଧାପ୍ରାପ୍ତ ହୋଇଛି। ଆଗକୁ ମଧ୍ୟ ତେଲ ଦର ଆହୁରି ବଢ଼ିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଅର୍ଥନୀତି ବିଶେଷଜ୍ଞ।

### ଏବେ ତାତିରୁ...

ରହିଥିବାବେଳେ ତା'ପଛକୁ ସମ୍ବଲପୁର ଓ ଅନୁଗୁଳ (୪୩.୬ ଡିଗ୍ରି) ରହିଛନ୍ତି। ସେହିଭଳି ବୌଦ୍ଧ, ତାଳଚେର ଏବଂ ସୋନପୁରର ପାରଦ ୪୩.୦ ଡିଗ୍ରିକୁ ସ୍ପର୍ଶ କରିଛି। ଟିଟିଲାଗଡ଼ର ତାପମାତ୍ରା ୪୨.୬ ଡିଗ୍ରି ସେଲସିଅସ ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ବଲାଙ୍ଗିର ୪୨.୩ ଡିଗ୍ରି, ନୟାଗଡ଼ ୪୨.୨ ଡିଗ୍ରି, ସୁନ୍ଦରଗଡ଼ ୪୧.୯ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଛି। ଆଜି ଦିନ ଶେଷ ବେଳକୁ ଭୁବନେଶ୍ୱରର ତାପମାତ୍ରା ୪୦.୨ ଡିଗ୍ରି ଥିବା ଜଣାପଡ଼ିଛି। ସାରା ରାଜ୍ୟରେ ଜାରି ରହିଥିବା ଉର୍ଦ୍ଧ୍ୱମୁଖୀ ତାପମାତ୍ରାକୁ ନେଇ ଲୋକମାନଙ୍କ ମଧ୍ୟରେ ଚିନ୍ତା ବଢୁଥିବା ବେଳେ ଆଗାମୀ ଦିନରେ ପାରଦ ଆହୁରି ଉପରମୁହାଁ ହେବ ବୋଲି ପାଣିପାଗ କହିଛି। ଏଥିସହ, ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଗ୍ରୀଷ୍ମ ଲହରୀ ନେଇ ଝାରସୁଗୁଡ଼ା, ବୌଦ୍ଧ ଓ ମୟୂରଭଞ୍ଜକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ତାତି ଓ ଗୁଳୁଗୁଳି ପାଇଁ ୧୩ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ ତାରିଖରେ ତାତିର ପ୍ରକୋପ ବଢ଼ିବ। ହିଟୱେଭ ପାଇଁ ୬ ଜିଲ୍ଲା ଝାରସୁଗୁଡ଼ା, ବୌଦ୍ଧ, ଅନୁଗୁଳ, ସମ୍ବଲପୁର, କଳାହାଣ୍ଡି ଓ ନବରଙ୍ଗପୁରରୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ।

### ଦେଶ ଏବେ...

ଶାନ୍ତି ଓ ଦ୍ରୁତ ବିକାଶ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ଏଥିସହ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଏଠାକାର ଆଦିବାସୀ ଅଧ୍ୟୁଷିତ କ୍ଷେତ୍ରଗୁଡ଼ିକ ଦେଶର ସବୁଠାରୁ ବିକଶିତ ଅଞ୍ଚଳରେ ପରିଣତ ହେବେ ବୋଲି ସେ ବସ୍ତର ଏକାଡେମୀ ଅଫ୍ ଡ୍ୟାନ୍ସକୁ ଉଦବୋଧନ ଦେବା ଅବସରରେ କହିଛନ୍ତି। ଶାହ ଆହୁରି କହିଛନ୍ତି ଯେ, ବାମପନ୍ଥୀ ଗୋଷ୍ଠୀଗୁଡ଼ିକ ଦେଶର ତିନିପିଢ଼ିକୁ ପ୍ରଭାବିତ କରି ରଖିଥିଲେ ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସଫଳତାର ସହ ସମାଧାନ କରିଛନ୍ତି। ବିଶେଷକରି, ରାଜ୍ୟରେ ୩ହଜାରରୁ ଅଧିକ ନକ୍ସଲ କଠୋରପନ୍ଥା ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ଥଇଥାନ କରାଯିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ମୋଦିଙ୍କ ସରକାର କୌଣସି ଅବହେଳା କରିନାହାନ୍ତି। ନକ୍ସଲ ବିଲୋପ ଲାଗି ଏଠାରେ ସ୍ଥାପନ କରାଯାଇଥିବା ୨୦୦ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଶିବିର ମଧ୍ୟରୁ ୭୦ଟି ଶିବିରକୁ ଜନସେବା କେନ୍ଦ୍ରରେ ପରିଣତ କରିବାକୁ ଶାହ ଘୋଷଣା କରିଛି। ଏଗୁଡ଼ିକ ଦୂରଦୂରାନ୍ତ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

### ସୋସିଆଲ ମିଡିଆ...

ବୋଲି ସେ ପଦାଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ସୋସିଆଲ ମଡିଆ ନେଇ ସମସ୍ୟା ସୃଷ୍ଟି ହେଉଥିଲେ ତଳ ସ୍ତରରେ ସେନେଇ ଆଲୋଚନା ଓ ସମାଲୋଚନା କରିବା ପରିବର୍ତ୍ତେ ଉପରସ୍ଥ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପୂର୍ବରୁ ରାଜ୍ୟ ବିଜେପି ଆଇଟି ସେଲ ଯେଭଳି କାମ କରୁଥିଲା, ସେହିଭଳି ବର୍ତ୍ତମାନ ବିଜେପି ସରକାରଙ୍କ ଛବିକୁ ବିରୋଧୀ ସୋସିଆଲ ମିଡିଆରେ ମଳିନ କରିବାକୁ ପ୍ରୟାସ କଲେ ତାକୁ କଠୋର ଜବାବ ଦେବାକୁ କହିଛନ୍ତି ନୀତିନ। ସୋସିଆଲ ମିଡିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ଜୋରଦାର ପ୍ରଚାର ପ୍ରସାର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆ ବର୍ତ୍ତମାନ ପାରମ୍ପାରିକ ଗଣମାଧ୍ୟମ ଠାରୁ ଅଧିକ ପ୍ରଭାବଶାଳୀ ହୋଇଥିବାରୁ ଏହାର ବ୍ୟବହାର କରି ସରକାରଙ୍କ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କହିଛନ୍ତି। ସେହିଭଳି ମନ୍ତ୍ରୀମାନେ ନିଜ ନିଜ ବିଭାଗ ଉପରେ ଅଧିକ ନଜର ରଖି ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରିବାକୁ ସେ କହିଛନ୍ତି।

### ବ୍ରହ୍ମପୁରରୁ...

ରାଜଧାନୀରେ ଏହି କେବିଏନ୍ ଗୋଷ୍ଠି ପୁଲିସ୍ ସ୍କାନରରେ ରହିଛି। ତେବେ ବ୍ରହ୍ମପୁର ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବା କେବିଏନ୍ ଗୋଷ୍ଠି ପଛରେ କେଉଁ କେଉଁମାନେ ରହିଛନ୍ତି ଓ ଏଥିରେ ସାମିଲ ହେଉଥିବା ଯୁବକମାନଙ୍କୁ କିଏ ସୁରକ୍ଷା ଦେଉଛନ୍ତି ତାହା ବଡ ପ୍ରଶ୍ନବାଚୀ ହୋଇଛି। କାରଣ ଏହି ଗୋଷ୍ଠିର ଏକାଧିକ ଯୁବକ ବିଭିନ୍ନ ଗଣ୍ଡଗୋଳ ଘଟାଇବାପରେ ସହଜରେ ଜାମିନରେ ମୁକୁଳି ଯାଉଛନ୍ତି । ଏମାନଙ୍କୁ କିଏ ଜାମିନରେ ଆଣୁଛି ଓ ଏମାନଙ୍କ ଲାଗି କିଏ ପଇସା ଖର୍ଚ୍ଚ କରୁଛି ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ପୁଲିସ୍ ଗୁଇନ୍ଦା ବ୍ୟବସ୍ଥା ଆଖିରେ ଧୂଳିଦେଇ ବ୍ରହ୍ମପୁରରୁ ରାଜଧାନୀ ପର୍ଯ୍ୟନ୍ତ ଗୋଟିଏ ଗୋଷ୍ଠି ସକ୍ରିୟ ରହିବା, ନିଜର ବ୍ରାଣ୍ଡ ତିଆରି କରିବା, ଦଳରେ ଏକାଧିକ ଯୁବକଙ୍କୁ ସାମିଲ କରିବା ଆଦି ଏବେ ଖୋଦ୍ ପୁଲିସ୍ ପାଇଁ ବଡ ଆହ୍ୱାନ ହୋଇଛି। ବ୍ରହ୍ମପୁର ଢାଞ୍ଚାରେ ରାଜଧାନୀରେ ଯେ କେତେବେଳେ ରାସ୍ତା ମଝିରେ ଗ୍ୟାଙ୍ଗୱାର ସୃଷ୍ଟି ନହେବ ତାହା କହିହେବ ନାହିଁ। ପୁରୁଖା ପୁଲିସ୍ ଅଧିକାରୀମାନେ କହୁଛନ୍ତି ଯେ ପୁଲିସ୍‌ର ଢିଲାପଣ ଯୋଗୁଁ ଏହି ଯୁବକମାନେ ମୁଣ୍ଡ ଟେକିବାକୁ ସାହସ କରୁଛନ୍ତି। ଏମାନଙ୍କୁ ଦମନ ନକଲେ ଆଗାମୀ ଦିନରେ ବଡ ଧରଣର ବିପଦ ସୃଷ୍ଟି ହେବ।

### ଆଜି ସବୁ...

ସାଧାରଣ ଲୋକ ଯେପରି ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୁଲିସ ସହଯୋଗରେ ଆବଶ୍ୟକ ମେଡିକାଲ୍ ଷ୍ଟୋର ଖୋଲା ରଖିବାକୁ ମଧ୍ୟ ପଦକ୍ଷେପ ନେବାକୁ କୁହାଯାଇଛି। ବନ୍ଦ ଯୋଗୁଁ ଉପୁଜିଥିବା ଜରୁରୀକାଳୀନ ପରିସ୍ଥିତିରେ ଔଷଧ ନିରବଚ୍ଛିନ୍ନ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯାଇଛି। ଗୁରୁତର ରୋଗୀଙ୍କୁ ଆଗୁଆ ମେଡିସିନ୍ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଅପରାଧୀଙ୍କ...

ନେଇ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବୋଲି ଦାବି କରିଛନ୍ତି ନବୀନ। ଏହି ଘଟଣାରେ ନବୀନଙ୍କ ଟୁଇଟ ନେଇ ବିଜେପି ବିଧାୟକ ସରୋଜ ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି କାଲି ଯାହା ହେଇଛି ବ୍ୟକ୍ତିଗତ ଘଟଣା। ୨୫ ବର୍ଷ ଶାସନରେ ଗୁଣ୍ଡାଙ୍କୁ ପୋଷି ଥିଲା ବିଜେଡି। ଟିକେ ସମୟ ଲାଗିବ ସଜାଡ଼ିବାକୁ। ଏବେ ଏନକାଉଣ୍ଟର ହେଉଛି। ବିଜେଡି ସମୟରେ ହତ୍ୟା, ଦୁଷ୍କର୍ମ, ଗୁଣ୍ଡାଗିରି କଲେ ସବୁ ଅଭିଯୁକ୍ତଙ୍କ ଆଶ୍ରୟଦାତା ଥିଲା ବିଜେଡି। ଏବେ ଯାହା ଘଟିଲେ ସାଙ୍ଗେ ସାଙ୍ଗେ ଆକ୍ସନ ନେଉଛି ବିଜେପି ସରକାର।

## ୮୫୦ ଲିଟର ଚୋରା ଡିଜେଲ ଜବତ, ୨ କୋର୍ଟ ଚାଲାଣ



**ନାଉଗାଁ,୧୯।୫ (ସଂଚାର ବ୍ୟୁରୋ):** ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶରେ ତେଲ ସଙ୍କଟ ଦେଖାଦେଇଛି। ଏହାର ସୁଯୋଗ ନେଇ ଅସାଧୁ ଚୋରା ବେପାରୀମାନେ ତେଲ କଳା ବଜାରରେ ବିକ୍ରି କରୁଥିବା ଜଣାଯାଇଛି। କିଛି ଦିନ ତଳେ ତେଲ ସଙ୍କଟକୁ ଏଡାଇବାକୁ ଜଗତସିଂହପୁର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିଭିନ୍ନ ପେଟ୍ରୋଲ ପମ୍ପ ବୁଲି ଥିଲେ। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ବ୍ଲକରେ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ ଦ୍ୱାରା ଯେଉଁ ସ୍ଥାନରେ ଅସାଧୁ ଉପାୟରେ ତେଲ ବିକ୍ରି କରାଯାଇଛି ତାହା ଉପରେ ତୀକ୍ଷଣ ନଜର ରଖାଯାଇଥିଲା । ନାଉଗାଁ ଥାନା ପକ୍ଷରୁ ୨ ଟି ସ୍ଥାନରେ ଚଢ଼ାଉ କରାଯାଇ ୮ ଶହ ୫୦ ଲିଟର ତେଲ ଜବତ କରାଯାଇଛି।

ନାଉଗାଁ ଥାନାଧିକାରୀ ଦେବାଶୀଷ ପଣ୍ଡାଙ୍କ ନେତୃତ୍ୱରେ ସୋମବାର ଏକ ବିଶେଷ ସୂତ୍ରରୁ ଖବର ପାଇ ବ୍ଲକ୍ ଯୋଗାଣ ଅଧିକାରୀ ପ୍ରଦିପ୍ତ ପ୍ରସନ୍ନ ନାୟକଙ୍କ ସମେତ ଏକ ଟିମ ନୂଆଗାଁ ପଂଚାୟତ ସରିଆବର ପାଟଣା ଗ୍ରାମର ରବିନ୍ଦ୍ର ନାରାୟଣ ସାହୁ ଓ ଗଜରାଜପୁର ପଂଚାୟତ ଭାତପଡା ଗ୍ରାମର ପଦ୍ମନାଭ ଆଚାର୍ଯ୍ୟଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା । ଉଭୟ ୧ ହଜାର ଲିଟର ଲେଖାଁଏ ଡିଜେଲ ଆଣିଥିବା ଚଢ଼ାଉ ବେଳେ ଜଣାପଡିଥିଲା । ନଗେନ୍ଦ୍ର ଏକ ହଜାର ଲିଟର ଡିଜେଲରୁ ୪ ଶହ ଲିଟର ତେଲ ବିକ୍ରି କରିଥିବା ବେଳେ ଅନ୍ୟ ୬ ଶହ ଲିଟର ତେଲ ଡ୍ରମ ସହ ତେଲ ମାପ କରିବା ପାଇଁ ବ୍ୟବହୃତ ସାମଗ୍ରୀ ଓ ବିକ୍ରି କରିଥିବା ୪ ଶହ ଲିଟର ତେଲର ଟଙ୍କା ଜବତ କରାଯାଇଥିଲା। ସେହିପରି ପଦ୍ମନାଭ ଆଣିଥିବା ୧ ହଜାର ଲିଟରରୁ ୭ଶହ ୫୦ ଲିଟର ବିକ୍ରି କରିଥିବା ବେଳେ ୨ ଶହ ୫୦ ଲିଟର ଡିଜେଲ ସମେତ ବ୍ୟବହୃତ ଉପକରଣ ମାନ ଜବତ କରାଯାଇଥିଲା । ଏହି ତେଲକୁ ସେମାନେ ଜଗତସିଂହପୁର ଜଗଦ୍ଧାତ୍ରୀ ଓ ଗଙ୍ଗଦାରେ ଥିବା ମଉଳା ଭଣଜା ଫିଲିଙ୍ଗ ଷ୍ଟେସନରୁ ଅଣାଯାଇଥିବା ତଦନ୍ତ ବେଳେ ଜଣାଯାଇଛି। ଏହି ଦୁଇ ଜଣଙ୍କ ବ୍ୟତୀତ ଉକ୍ତ ଥାନା ଅଂଚଳରେ ଆଉ କେହି ବ୍ୟକ୍ତି ତେଲ ଚୋରା ବେପାରରେ ସଂପୃକ୍ତି ରହିଛନ୍ତି ସେ ବିଷୟରେ ତଦନ୍ତ ଜାରି ରହିଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାସ ସୂଚନା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ୧୩୬/ ୨୬ ଓ ୧୩୭ / ୨୬ ମାମଲା। ରୁଜୁ କରାଯିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ।

## ବେଆଇନ ମାଟି ଖନନ ଉପରେ ମାଇନ୍ସ ବିଭାଗର ଚଢ଼ାଉ, ଜେସିବି ଜବତ



**ଛତ୍ରପୁର,୧୯।୫ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବୋରିଗାଁ ଗ୍ରାମରେ ଇଟା ଭାଟି ପାଇଁ ବେଆଇନ ଭାବେ ମାଟି ଖନନ କରାଯାଉଥିବା ଅଭିଯୋଗରେ ମାଇନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ଜେସିବି ମେସିନ୍‌କୁ ଜବତ କରାଯାଇଛି। ମାଇନ୍ସ ବିଭାଗର ଅଧିକାରୀ ସନ୍ତୋଷ କୁମାରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉ ସମୟରେ ଅନୁମତି ବିନା ମାଟି ଖୋଲାଯାଉଥିବା ଘଟଣା ସମ୍ମୁଖକୁ ଆସିଥିଲା।

ସୂଚନା ଅନୁସାରେ, ଅଞ୍ଚଳରେ ବେଆଇନ ଇଟା ଭାଟିଗୁଡ଼ିକ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ବେଳେ ଏଥିପାଇଁ ବ୍ୟାପକ ଭାବେ ମାଟି ଖନନ କରାଯାଉଛି। ଦୀର୍ଘଦିନ ଧରି ସରକାରୀ ନିୟମକୁ ଅବହେଳା କରି ଇଟା ଭାଟି କାମ ପାଇଁ ମାଟି ଖୋଲାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରୁ ଅଭିଯୋଗ ଆସୁଥିଲା। ଏହା ଯୋଗୁଁ କୃଷି ଜମି ଓ ପରିବେଶର କ୍ଷତି ହେଉଥିବା ନେଇ ମଧ୍ୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଭିଯୋଗ ପାଇବା ପରେ ମାଇନ୍ସ ବିଭାଗ ଟିମ୍ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ମାଟି ଖନନ କାମରେ ବ୍ୟବହୃତ ହେଉଥିବା ଓଡିଠ୭ଏକେ୧୩୦୯ ନମ୍ବର ବିଶିଷ୍ଟ ଜେସିବି ମେସିନ୍‌କୁ ଜବତ କରାଯାଇଥିଲା। ସେହିପରି କିଛି ଟ୍ରାକ୍ଟର କୌଶଳକ୍ରମେ ଘଟଣାସ୍ଥଳରୁ ଖସିଯାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ପରେ ଜବତ ହୋଇଥିବା ଜେସିବିକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ହୁମା ଫାଣ୍ଡିକୁ ହସ୍ତାନ୍ତର କରାଯାଇଛି। ମାଇନ୍ସ ବିଭାଗୀୟ ଅଧିକାରୀ ସନ୍ତୋଷ କୁମାର ସୂଚନା ଦେଇଛନ୍ତି ଯେ, ବେଆଇନ ଖନନ, ମୋରମ ବେପାର ଓ ଅନୁମତି ବିନା ଚାଲୁଥିବା ଇଟା ଭାଟି ବିରୋଧରେ ଆଗାମୀ ଦିନରେ ଆହୁରି କଡ଼ା ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ ଜାରି ରହିବ।

**କାଗଜପତ୍ରରେ ଗାଁ କଲ୍ୟାଣ ସମିତି**

# ମିଥ୍ୟା ବିଲ୍ ଓ ଫଟୋ ଉଠାଇ ଅନୁଦାନ ହରିଲୁଟ୍

**କାକଟପୁର/ଅସ୍ତରଙ୍ଗ,୧୯।୫ (ସଂଚାର ବ୍ୟୁରୋ):** ସରକାରୀ ଅନୁଦାନକୁ ହଡପ କରିବା ପାଇଁ ମିଥ୍ୟା ବିଲ୍ ଏବଂ ଫଟୋ ସର୍ବସ୍ୱ କାର୍ଯ୍ୟକ୍ରମ ଏବେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଗଠିତ "ଗାଁ କଲ୍ୟାଣୀ ସମିତି "ଏବଂ ରୋଗୀ କଲ୍ୟାଣୀ ସମିତି "ନିଜର ଲକ୍ଷ୍ୟ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୱାର୍ଡ ମେମ୍ବର, ଅଙ୍ଗନବାଡି କର୍ମୀ ଏବଂ ଆଶା କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଅନ୍ତଃ କନ୍ଦଳ ତଥା ସମନ୍ୱୟ ଅଭାବ ଯୋଗୁଁ ବିଭିନ୍ନ ପଂଚାୟତ ରେ ସରକାରୀ ଯୋଜନା ବାଟବଣା ହେଉଥିବା ବେଳେ ସାଧାରଣ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି।




ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଗାଁ କଲ୍ୟାଣ ସମିତିରେ କୌଣସି ବାସ୍ତବ କାର୍ଯ୍ୟ ହେଉନାହିଁ। କେବଳ କେତୋଟି ସ୍ଥାନରେ ଫଟୋ ଉଠାଇ ଏବଂ ନକଲି କାଗଜ ପତ୍ର ପ୍ରସ୍ତୁତ କରି ବାର୍ଷିକ ୧୦ହଜାର ଟଙ୍କାର ଅନୁଦାନ ହରିଲୁଟ କରାଯାଉଛି। ଗାଁର ନାଳ ନର୍ଦ୍ଦମା ସଫା କିମ୍ବା ବ୍ଲିଚିଂ ପାଉଡର ପକାଇବା ପାଇଁ ଉଦିଷ୍ଟ ଅର୍ଥକୁ କେବଳ ଚା' ଜଳଖିଆ ଏବଂ ମିଥ୍ୟା ବୈଠକ କାଗଜ ପତ୍ରରେ ଦର୍ଶାଇ ଖର୍ଚ୍ଚ କରାଯାଉଛି। ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡି କର୍ମୀଙ୍କ ମଧ୍ୟରେ ପଡୁ ନଥିବାରୁ ବୈଠକ ବସୁନାହିଁ। ଏପରିକି ୱାର୍ଡ ମେମ୍ବର ହେଉ କି ଆଶା ଅଜଣାତରେ ବିଲ ପାସ କରାଯାଉଥିବା ବେଳେ କେଉଁଠି ଅଙ୍ଗନବାଡି କର୍ମୀ ନଚେତ ୱାର୍ଡ ମେମ୍ବର ଅନୁଦାନ ଅର୍ଥ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି। ଏହି ତ୍ରିକୋଣୀୟ ଲଢେଇ ଯୋଗୁଁ ଗାଁର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି।

ସେହିପରି ଡାକ୍ତରଖାନା ଗୁଡିକରେ "ରୋଗୀ କଲ୍ୟାଣ ସମିତି "ମଧ୍ୟ ନାମକୁ ମାତ୍ର ଚାଲିଛି। ଅନେକ ଦିନ ତଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ରାଜନୈତିକ କନ୍ଦଳ ଯୋଗୁଁ ବୈଠକ ବନ୍ଦ ମଧ୍ୟ ରହିଥିଲା। ଡାକ୍ତରଖାନାର ଭିତ୍ତିଭୂମି ବିକାଶ, ବିଶୁଦ୍ଧ ପାନୀୟ ଜଳ ଏବଂ ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ରହିଥିଲେ ମଧ୍ୟ ରୋଗୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ନେଇ ଜିଲ୍ଲାମୁଖ୍ୟ ଚିକିତ୍ସାଅଧିକାରୀ କହିଛନ୍ତି ଏହି ସମସ୍ୟା ଉପରେ ତଦନ୍ତ କରିବେ ବୋଲି କହୁଥିଲେ ମଧ୍ୟ ବାସ୍ତବରେ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ପଂଚାୟତରେ ଥିବା କୌଣସି ସମିତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯଦି ତୁରନ୍ତ ଏହି ମିଥ୍ୟା ବିଲ୍ କାରବାର ଅଡିଟ କରାଯାଏ ଏବଂ ନିଷ୍କ୍ରିୟ ସମିତି ଗୁଡିକୁ ଭଙ୍ଗ କରାଯାଏ, ତେବେ ହିଁ ସରକାରୀ ଅର୍ଥକୁ ସଠିକ ବିନିଯୋଗ ହୋଇପାରିବ।

## ତୈଳ ସଙ୍କଟ ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

**ଯାଜପୁର,୧୯।୫ (ସଂଚାର ବ୍ୟୁରୋ):** ଜିଲ୍ଲାରେ ପେଟ୍ରୋଲ, ଡିଜେଲ ତୈଳ ଯୋଗାଣର ସମୀକ୍ଷା ପାଇଁ ଏକ ଜିଲ୍ଲା ସ୍ତରୀୟ ବିପତ୍ତି ପରିଚାଳନା କମିଟିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ମାର୍କେଟ ଇନ୍ସପେକ୍ଟର ଏବଂ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଜିଲ୍ଲାରେ ତୈଳ ଯୋଗାଣର ବର୍ତ୍ତମାନ ସ୍ଥିତି, କେତେ ଷ୍ଟକ୍ ଉପଲବ୍ଧ ରହିଛି, କେତୋଟି ପେଟ୍ରୋଲ ପମ୍ପ ବନ୍ଦ ରହିଛି, ମାସିକ ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ରାତି ୮ଟା ପରେ ପେଟ୍ରୋଲ ପମ୍ପ କାହିଁକି ବନ୍ଦ ରହୁଛି ବୋଲି ଜିଲ୍ଲାପାଳ ପ୍ରଶ୍ନ କରିଥିଲେ। ଗତ ମାସରେ ଚାହିଦା ବୃଦ୍ଧି ଯୋଗୁଁ ଯୋଗାଣରେ ବାଧା ଉପୁଜିଥିଲା। ଯାଜପୁର ଏକ ଖଣି ଏବଂ ଶିଳ୍ପ ଅଞ୍ଚଳ ହୋଇଥିବାରୁ ଡିଜେଲ ଚାହିଦା ମଧ୍ୟ ଅଧିକ ରହିଛି। ତୈଳ କମ୍ପାନୀଙ୍କ କହିବା ଅନୁଯାୟୀ ଗତ କିଛି ଦିନ ପେଟ୍ରୋଲ ଯୋଗାଣରେ ଅସୁବିଧା ହେବା ପରେ ଜିଲ୍ଲାରେ ବର୍ତ୍ତମାନ ପେଟ୍ରୋଲ ଯୋଗାଣ ସ୍ଥିତି ସ୍ୱାଭାବିକ ରହିଛି। କିନ୍ତୁ ଡିଜେଲ ଯୋଗାଣରେ ସୁଧାର ଆସିବା ପାଇଁ ଆଉ କିଛି ସମୟ ଲାଗିପାରେ ବୋଲି ସେମାନେ ମତାମତ ରଖିଥିଲେ। ଏହାସହ ଆମ୍ବୁଲାନ୍ସ, ଜରୁରୀକାଳୀନ ଯାନବାହାନଗୁଡ଼ିକୁ ପେଟ୍ରୋଲ ଏବଂ ଡିଜେଲ ଦିଆଯାଉଛି ବୋଲି କମ୍ପାନୀ ପ୍ରତିନିଧିମାନେ କହିଥିଲେ। ପ୍ର

ତ୍ୟେକ ଫିଲିଙ୍ଗ ଷ୍ଟେସନ୍ ଏବଂ ପେଟ୍ରୋଲ ପମ୍ପଗୁଡିକୁ ପରିଦର୍ଶନ କରି ଯାଞ୍ଚ କରିବା ସହ ସ୍ଥିତି ସମୀକ୍ଷା କରିବା ପାଇଁ ମାର୍କେଟ ଇନ୍ସପେକ୍ଟର ଏବଂ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲୋକେ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେନେଇ ଜିଲ୍ଲା ପ୍ରଶାସନର ଗୁରୁତ୍ୱ ରହିଛି।

**ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗ**

## ନୟାହାଟ ମଣ୍ଡଳ ପକ୍ଷରୁ ତିନି କାର୍ଯ୍ୟକର୍ତ୍ତା ବହିଷ୍କୃତ

**ଗୋପ,୧୯।୫ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିରେ ଶୃଙ୍ଖଳା ଓ ସଂଗଠନୀୟ ମୂଲ୍ୟବୋଧକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ, ନୟାହାଟ ମଣ୍ଡଳ ପକ୍ଷରୁ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଥିବା ଅଭିଯୋଗରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି।

ନୟାହାଟ ମଣ୍ଡଳ ସଭାପତି ରକ୍ତୋତ୍ପଳ ନାୟକଙ୍କ ଜାରି କରାଯାଇଥିବା ପ୍ରେସ ବାର୍ତ୍ତା ଅନୁଯାୟୀ, "ବାରମ୍ବାର ଦଳୀୟ ଶୃଙ୍ଖଳା ଭଙ୍ଗ କରୁଥିବାରୁ ଉପରିସ୍ଥ ନେତୃତ୍ୱଙ୍କ ପରାମର୍ଶ କ୍ରମେ" ତିନିଜଣ କାର୍ଯ୍ୟକର୍ତ୍ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ବହିଷ୍କୃତ କାର୍ଯ୍ୟକର୍ତ୍ତାମାନେ ହେଲେ ଭାଗୀରଥି ଦଳାଇ (ପୂର୍ବତନ ସାଧାରଣ ସମ୍ପାଦକ), ବାବୁଲାଲ ସ୍ୱାଇଁ (ସଦସ୍ୟ ଓ ପୂର୍ବତନ ସରପଞ୍ଚ, ସୋରଭା), ବିଶ୍ୱରଞ୍ଜନ ଦଳାଇ (ପୂର୍ବତନ ବାଉଳାଙ୍ଗ ପ୍ରମୁଖ)।

୧୪ ନଂ କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ନୟାହାଟ ମଣ୍ଡଳରେ ଏହି ପଦକ୍ଷେପକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଦଳୀୟ କର୍ମୀମାନଙ୍କ ମତରେ, ସଂଗଠନ ଓ ଶୃଙ୍ଖଳାକୁ ସୁଦୃଢ଼ ରଖିବା ପାଇଁ ଏପରି କଡ଼ା ନିଷ୍ପତ୍ତି ଆବଶ୍ୟକ ଥିଲା। ସଭାପତି ରକ୍ତୋତ୍ପଳ ନାୟକଙ୍କ ଏହି ଦୃଢ଼ ପଦକ୍ଷେପ ଦଳୀୟ ମହଲରେ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ଦଳୀୟ ନୀତି ଓ ଶୃଙ୍ଖଳା ବିରୋଧରେ କୌଣସି କାର୍ଯ୍ୟକୁ ସହନ କରାଯିବ ନାହିଁ।

## ବାଲିଘାଟ ବନ୍ଦକୁ ନେଇ ବଢୁଛି ସନ୍ଦେହ

**କାଗଜପତ୍ରରେ ଅଛି କି ଗଡ଼ବଡ଼**



**ଆନନ୍ଦପୁର,୧୯।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତ ବୈତରଣୀ ନଦୀର ତଙ୍ଖୋ ବାଲି ଘାଟକୁ ନେଇ ପୁଣି ବଢୁଛି ସନ୍ଦେହ। ନିଲାମ ସରିଥିଲେ ମଧ୍ୟ ଦୀର୍ଘ ଦଶ ଦିନ ଧରି ଘାଟ ବନ୍ଦ ରହିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ଏହି ବାଲି ଘାଟ ଯାଜପୁର ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ବେଳେ ଘଷିପୁରାର ଜଣେ ପ୍ରଭାବଶାଳୀ ବ୍ୟକ୍ତି କୁଆଡେ ସମସ୍ତ ବୁଝାବୁଝି କରୁଥିବା ଚର୍ଚ୍ଚା ହେଉଛି। ସ୍ପେସିଆଲ ସ୍କ୍ୱାଡର ଚଢ଼ାଉ ପରେ ହଠାତ୍ ଘାଟ ବନ୍ଦ ହୋଇଯିବା ଘଟଣା ସାଧାରଣ ଲୋକଙ୍କ ସନ୍ଦେହକୁ ଆହୁରି ଗଭୀର କରିଛି।

ସରକାରୀ ତଥ୍ୟ ଅନୁଯାୟୀ, ଘାଟର ଲିଜ୍ ଅବଧି ୨୩.୦୪.୨୦୨୫ ଠାରୁ ୨୨.୦୪.୨୦୩୦ ପର୍ଯ୍ୟନ୍ତ ରହିଛି। ସୌରତ ଉତ୍ସର କ୍ଷେତ୍ରଫଳ ୧୨.୫୦ ଏକର ଥିବା ବେଳେ ବାର୍ଷିକ ଅନୁମୋଦିତ ବାଲି ପରିମାଣ ୨୫୫୪୫ ଘନମିଟର ରହିଛି। କିନ୍ତୁ ଅଭିଯୋଗ ହେଉଛି ଯେ, ଲିଜ୍ ଧାରୀ ଅନୁମତି ଠାରୁ ଅଧିକ ବାଲି ଉଠାଇ ନେଇଛନ୍ତି। କେବଳ ସେତିକି ନୁହେଁ, ଯେଉଁ ସ୍ଥାନ ପାଇଁ ଅନୁମତି ମିଳିଥିଲା ସେଥିରୁ ବାହାରେ ମଧ୍ୟ ଖନନ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଆବଶ୍ୟକ ଠାରୁ ଅଧିକ ବାଲି ଉଠାଣ ପରେ ବର୍ତ୍ତମାନ ଘାଟ ବନ୍ଦ କରି ମାମଲାକୁ ଚାପି ଦେବାକୁ ଚେଷ୍ଟା ଚାଲିଛି। ଅନ୍ୟପଟେ ଘାଟ ଚଳାଉଥିବା ପ୍ରଭାବଶାଳୀ ବ୍ୟକ୍ତି କୁଆଡେ ଲୁଚିଯାଇଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଛି।

ଏହି ସମସ୍ତ ଘଟଣାକୁ ନେଇ ଅଞ୍ଚଳବାସୀ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଯଦି କାଗଜପତ୍ରରେ କିମ୍ବା ବାଲି ଉଠାଣରେ କୌଣସି ଅନିୟମିତତା ହୋଇଥାଏ, ତେବେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର ଧରିଛି।

## ଫାଣ୍ଡି ଅଧିକାରୀ ନିଯୁକ୍ତି ଦାବିରେ ୨୫ରୁ ସିପିଆଇ(ଏମ୍) ପକ୍ଷରୁ ଗଣଧାରଣା



**ନୀଳଗିରି,୧୯।୫ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡରେ ତିନୋଟି ଥାନା ଓ ଦୁଇଟି ଫାଣ୍ଡି ରହିଛି। ଦୁଇଟି ଫାଣ୍ଡି ମଧରୁ ଇଶ୍ୱରପୁର ଫାଣ୍ଡିରେ ଦୀର୍ଘ ଦିନରୁ ଫାଣ୍ଡି ଅଫିସର ନାହାଁନ୍ତି। ଯାହାଦ୍ୱାରା ଉକ୍ତ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଚୋରି, ରାହାଜାନି, ବଳାତ୍କାର, ଖଣିଜ ସମ୍ପଦ ଲୁଟ୍ ଅହରହ ଚାଲିଛି। ଲୋକମାନେ ଭୟରେ ଇତଃସ୍ତତଃ ହେଉଛନ୍ତି। ବିଭିନ୍ନ ଦଳ ଓ ସଂଗଠନ ପକ୍ଷରୁ ବାରମ୍ବାର ପ୍ରଶାସନ ଠାରେ ଦାବି କରାଯାଇଥିବାବେଳେ କୌଣସି ସୁଫଳ ମିଳିନାହିଁ। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଂଚଳିକ କମିଟି ପକ୍ଷରୁ ଫାଣ୍ଡି ଅଫିସର ଯଥା ଶୀଘ୍ର ନିଯୁକ୍ତି ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ନୀଳଗିରିଙ୍କୁ ଏକ ଦାବୀ ପତ୍ର ଦିଆଯାଇଛି। ଯଦି ୭ ଦିନ ଭିତରେ ନୂତନ ଭାବେ ଫାଣ୍ଡି ଅଫିସର ନିଯୁକ୍ତି ନ ହୁଏ ଦଳ ପକ୍ଷରୁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ନୀଳଗିରିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ କରାଯିବ ବୋଲି ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଯୁବ ନେତା ଗଙ୍ଗାଧର ମହାନ୍ତି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ନୀଳଗିରିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## କୁମୁଲି ଜଗନ୍ନାଥ ମନ୍ଦିର ଚୋରି ମାମଲାରେ ଜଣେ ମହିଳାଙ୍କ ସମେତ ୩ ଗିରଫ

**ବୋରିଗୁମ୍ମା,୧୯।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି. ସିଂହପୁର ଥାନା ପୁଲିସ ଦୁଇଟି ପୃଥକ ପୃଥକ ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। କୁମୁଲି ଜଗନ୍ନାଥ ମନ୍ଦିର ଚୋରି ଘଟଣାରେ ଗିରଫ ଅଭିଯୁକ୍ତ ହେଲେ କୋରାପୁଟ ଟାଉନଥାନା ଅଧିନସ୍ଥ ମୂଷାପୁଟ ଅଞ୍ଚଳର ହେବଲ ଖୋସଲା (୩୨) ଓ ସେହିପରି



ଦ୍ୱିତୀୟ ବୋଡିଗାଁ ଚୋରି କେସରେ ସମ୍ପୃକ୍ତ ନନ୍ଦିନୀ ଦାଶ ଅରଫ ଲକ୍ଷ୍ମୀ ସାଗର (୨୫) ଓ ନନ୍ଦିନୀଙ୍କ ସ୍ୱାମୀ ସୁରେଶ ଦାସ (୨୯), ଘର ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କେନାଲ ସାହି ବୋଲି ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ୫ ରୁ ୬ ଜଣ ଏବେବି ଫେରାର ରହିଛନ୍ତି। ପ୍ରକାଶ ଥାଉକି ଗତ ୧୪.୦୪.୨୦୨୬ ତାରିଖ ରାତିରେ କୁମୁଲି ଜଗନ୍ନାଥ ମନ୍ଦିରର ତାଲାଭାଙ୍ଗି ମହାପ୍ରଭୁଙ୍କ ସୁନା, ରୂପା ଚୋରୀ ହେବା ସହ ହୁଣ୍ଡି ଭାଙ୍ଗି ଟଙ୍କା ନେଇଥିଲେ।



## ବିଡ୍ରି ମନ୍ଦିର ଚୋରି ଘଟଣାରେ ଦୁଇ ସନ୍ଦିଗ୍ଧ ଗିରଫ

**ଉମରକୋଟ/ନବରଙ୍ଗପୁର,୧୯।୫ (ସଂଚାର ବ୍ୟୁରୋ):** ଗତ ୭.୦୫.୨୦୨୬ ତାରିଖରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ବିଡ୍ରିଗୁଡା ଗ୍ରାମରେ ଅବସ୍ଥିତ ଥିବା ମା' ବିଡ୍ରି ମନ୍ଦିରୁ ଚୋରି ହୋଇଥିବା ଘଟଣାରେ ମନ୍ଦିର ପୂଜକ କୃଷ୍ଣ ପୂଜାରୀ ଉମରକୋଟ ଥାନାରେ ଏକ ଏତଲା ଦେଇଥିଲେ। ଏହି ଘଟଣାକୁ ଅତି ଗୁରୁତ୍ୱ ଦେଇ ନବରଙ୍ଗପୁର ପୁଲିସ ଆରକ୍ଷୀ ଅଧିକାରୀ ଏକ ଟିମ ଗଠନ କରି ଚୋରି ଘଟଣାର ଛାନ ଭିନ ଆରମ୍ଭ କରିଥିଲେ। ଏହି ଚୋରି ଘଟଣାର ତଦନ୍ତ ଭାର ଉମରକୋଟ ଥାନାର ଏଏସ୍ଆଇ ମଳୟ ମିଶ୍ରଙ୍କ ସହ ହୋମଗାର୍ଡ ବିମଲ ସାହା, ତିଳ ଭତ୍ରା ଓ ଅନ୍ୟ ସହଯୋଗୀଙ୍କ ସହାୟତାରେ ସଂପୃକ୍ତ ୨ ଜଣ ବକୋଡାବେଡା ସ୍ଥିତ ଭଗବାନ ଗୌଡ଼(୨୨) ଓ ଉମରକୋଟ ଡ଼ଙ୍ଗରି ସାହିର ରାହା କୁଶବାକୁ ଗିରଫ କରିବାରେ ସଫଳ ହୋଇଥିଲା ପୁଲିସ୍ । ଗିରଫ ସମୟରେ ସନ୍ଦିଗ୍ଧଙ୍କ ଠାରୁ ୧୫ ଗୋଟି ରୁପା କୋଇନ, ୦୪ଗୋଟି ରୁପା ଛତା, ୦୩ ଗୋଟି ପିତ୍ତଳ ଥାଳି, ୨ ଗୋଟି ପିତ୍ତଳ ଘଣ୍ଟ, ୦୪ ଗୋଟି ପିତ୍ତଳ ଢାଳ, ଗୋଟିଏ ସାଉଣ୍ଡ ଏମ୍ପ୍ଲିପାଇର, ନଗଦ ୫୦୦୦/- ଟଙ୍କା ସହ ଚୋରିରେ ବ୍ୟବହୃତ ହୋଇଥିବା ଗୋଟିଏ ଲୁହା ରୋଡ଼ ଏବଂ ଗୋଟିଏ କାତି ଜବତ ହୋଇଥିଲା। ଏ ନେଇ ଉମରକୋଟ ଥାନାରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଆଦିତ୍ୟ ସେନ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ସୂଚନା ପ୍ରଦାନ କରିଥିଲେ।

## ହାଇଦ୍ରାବାଦଠାରେ ସୋଆ ପକ୍ଷରୁ 'ଆଲିସିପ୍ ++ ୨.୦' ଅନୁଷ୍ଠିତ




**ଭୁବନେଶ୍ୱର,୧୯।୫ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଶୁକ୍ରବାର ହାଇଦ୍ରାବାଦ ଠାରେ ଆୟୋଜିତ ନେତୃତ୍ୱ କୈନ୍ଦ୍ରିକ ସମ୍ମିଳନୀ 'ଆଲିସିପ୍ ++ ୨.୦' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଶିଳ୍ପ, ମାନବ ସମ୍ବଳ ଓ ଶିକ୍ଷା କ୍ଷେତ୍ରର ବରିଷ୍ଠ ନେତୃବର୍ଗ ସାମିଲ ହୋଇ ବୃତିଗତ କ୍ଷେତ୍ରରେ ଜେନ୍-ଜି ବର୍ଗର ସମ୍ପୃକ୍ତି ଓ ନେତୃତ୍ୱ ଦକ୍ଷତାକୁ ନେଇ ଆଲୋଚନା କରାଯାଇଥିଲା।

ଏହି ସମ୍ମିଳନୀରେ 'ପ୍ରାକ୍ଟାଇଜିଂ ଆଲିସିପ୍ ଇନ୍ ଜେନ୍-ଜି' ପ୍ରସଙ୍ଗରେ ଆଲୋଚନା କରାଯାଇଥିବା ବେଳେ ଏକ ୱାନ୍ ଟୁ ୱାନ୍ ମଧ୍ୟ କରାଯାଇଥିଲା। ଭାରତୀୟ ଆଥଲେଟିକ୍ ସଂଘର ସମ୍ପାଦକ ଡକ୍ଟର ଜି. ଶ୍ରୀନିବାସ ପଟ୍ଟନାୟକ ଯୋଗ ଦେଇ ଯୁବବର୍ଗଙ୍କ କ୍ଷେତ୍ରରେ ନେତୃତ୍ୱ, ଶୃଙ୍ଖଳା, ମାର୍ଗଦର୍ଶନ ଏବଂ ବିଶ୍ୱାସ ଓ ସହନଶୀଳତାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ।

କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଯୋଗ ଦେଇ ବିଶ୍ୱବିଦ୍ୟାଳୟର ସଫଳତା ବଖାଣିବା ସହ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ।

ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସହଭାଗିତା ଏବଂ ନେତୃତ୍ୱ, ନବୀକରଣ ଏବଂ ମିଳିତ ଅଗ୍ରଗତିକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ସୋଆର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇବା ହିଁ ଆଲିସିପ୍ ++ ୨.୦ର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଅନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକ ଜେନ୍-ଜି ବୃତିଧାରୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ କିଭଳି କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଆଲୋଚନାକୁ ଆଇଆଇଟି ଦିଲ୍ଲୀର ପ୍ରଫେସର ତଥା ସୋଆର ପୁରାତନ ଛାତ୍ର ପ୍ରଫେସର ସଞ୍ଜୟ ଧୀର ପରିଚାଳନା କରିଥିବା ବେଳେ ଏମର୍ଜିଂ ଟ୍ୟାଲେଂଟ ଲିଡ୍- ଇଣ୍ଡିଆ ଆଣ୍ଡ ଏପିଜେ ଅଫ୍ ଆକାମାଇ ଟେକ୍ନୋଲୋଜିସ୍ ପକ୍ଷରୁ ରଚିତା ମହାଦେବ, ଏନ୍‌ସିସି ଲିମିଟେଡ୍‌ର ଉପସଭାପତି (ମାନବ ସମ୍ବଳ) ବିକ୍ରମ କେ. ନାୟକ, ହାଇଦ୍ରାବାଦ ସ୍ଥିତ କେଓଲିସ୍‌ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଡକ୍ଟର ରୀନା ଦାସ ଏବଂ ରେକିଟର ମାନବ ସମ୍ବଳ ମୁଖ୍ୟ (ଗ୍ଲୋବାଲ ହବ୍) ଶ୍ରୀମତି ଇଷାଦର୍ଶୀ ପି. ମିଶ୍ର ସାମିଲ ହୋଇ ନିଜର ମତ ରଖିଥିଲେ।

# ଅଭାବି ବିକ୍ରିର ସମ୍ମୁଖୀନ ହେବେ ବାଲିଆପାଳର ବାଦାମ ଚାଷୀ

**ମଣ୍ଡି ଅଭାବରୁ ଚାଷୀ ହତାଶ, ବେପାରୀ ମାଲେମାଲ / ମାଙ୍କଡ଼ ଉପଦ୍ରବର ପ୍ରତିକାର ଦାବି**

**ବାଲିଆପାଳ,୧୯।୫ (ସଂଚାର ବ୍ୟୁରୋ):** ମଧ୍ୟ ପ୍ରାଚୀର ଯୁଦ୍ଧ ପାଇଁ ସାରା ବିଶ୍ୱ ଉପରେ ପ୍ରଭାବ ପଡ଼ିଥିବା ବେଳେ ଏହି ଯୁଦ୍ଧର ପ୍ରଭାବ ବାଲିଆପାଳ ବ୍ଲକରେ ଥିବା ଚିନାବାଦାମ ଚାଷୀଙ୍କ ଉପରେ ପଡ଼ିଛି । ବାଲିଆପାଳ ବ୍ଲକର ଚିନାବାଦାମ ଓଡ଼ିଶା, ମହାରାଷ୍ଟ୍ର, କର୍ଣାଟକ, ରାଜସ୍ଥାନ, ଛତିଶଗଡ଼ ପ୍ରମୁଖ ରାଜ୍ୟ ମାନଙ୍କୁ ରପ୍ତାନି ହେଉଥିବା ବେଳେ ବିଦେଶକୁ ମଧ୍ୟ ରପ୍ତାନୀ ହୋଇଥାଏ। ତେବେ ଚଳିତବର୍ଷ ଚିନାବାଦାମ ଅମଳ ମେ ମାସ ଠାରୁ ଆରମ୍ଭ ହୋଇଥିବା ବେଳେ ଲଗାତାର କାଳବୈଶାଖୀ ବର୍ଷା ଅମଳରେ ଏକ ପ୍ରକାର ବାଧକ ସାଜିଛି। ସେହିପରି ସ୍ଥାନୀୟ ବେପାରୀମାନେ ଯୁଦ୍ଧକୁ ଆଳକରି କମ୍ ଦାମରେ ଚାଷୀମାନଙ୍କ ଠାରୁ ଚିନାବାଦାମ କିଣିବାକୁ ଚେଷ୍ଟା କରୁଛନ୍ତି। ଯାହା ଫଳରେ ଚଳିତ ବର୍ଷ ଚିନାବାଦାମ ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ତୀର୍ଥ କୁମାର



ନାଗ, ସମ୍ଭୁନାଥ ମଣ୍ଡଳ, ଶିବ ଚରଣ ଜେନା, ରମେଶ ଖଟୁଆ,ବିଦ୍ୟାଧର ଜେନା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।

ଚିନାବାଦାମ ଚାଷ ପାଇଁ ବାଲେଶ୍ୱର ଜିଲ୍ଲା, ବାଲିଆପାଳ ବ୍ଲକର ସ୍ୱତନ୍ତ୍ର ପରିଚୟ ରହିଛି। ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ଓ ସମୁଦ୍ର ତଟ ଅଞ୍ଚଳ ପଞ୍ଚାୟତଗୁଡିକରେ ଚିନାବାଦାମ ବହୁଳ ଭାବରେ ଚାଷ ହୋଇଥାଏ। ପ୍ରତି ବର୍ଷ ବ୍ଲକର ପ୍ରାୟ ୩ ହଜାର ହେକଟର ଜମିରେ ଏହି ଅର୍ଥକରୀ ଫସଲ ଚାଷ ହେଉଥିବା ବେଳେ ଚଳିତ ବର୍ଷ ୫ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ଜଣାପଡିଛି ଓ ୮୦ ହଜାରରୁ ଅଧିକ କୁଇଣ୍ଟାଲ ଅମଳ ହେବା ଆଶା କରାଯାଉଛି।

କେବଳ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟ ପଶ୍ଚିମ ବଙ୍ଗର ବିଭିନ୍ନ ସ୍ଥାନ ନୁହେଁ, ସୌଦି ଆରବ ଓ ମାଲେସିଆ ଆଦି ଦେଶକୁ ମଧ୍ୟ ବାଲିଆପାଳର ବାଦାମ ରପ୍ତାନୀ ହେଉଛି। ମାତ୍ର ସରକାରୀ ମଣ୍ଡି ଓ ପ୍ରକ୍ରିୟାକରଣ କେନ୍ଦ୍ର ଅଭାବରେ ଚାଷୀ ବେଶି ଲାଭ ପାଉ ନ ଥିବାବେଳେ ବେପାରୀ ମାଲେ ମାଲ ହେଉଛନ୍ତି । ଏହା ସାଙ୍ଗକୁ ମାଙ୍କଡ଼ ଫସଲ ନଷ୍ଟ କରୁଥିବାରୁ ଚାଷୀ ବେଶ କ୍ଷତି ସହୁଛନ୍ତି। ଫଳରେ ବାଦାମ ଚାଷ ପ୍ରତି ଚାଷୀ କ୍ରମେ ଉଦାସୀନ ହେଉଥିବା ଲକ୍ଷ୍ୟ କରାଯାଇଛି।

ବାଲିଆପାଳ ବ୍ଲକରେ ୫୦ ହଜାର କୁଇଣ୍ଟାଲରୁ ଅଧିକ ଚିନାବାଦାମ ପ୍ରତି ବର୍ଷ ଅମଳ ହେଉଥିଲେ ମଧ୍ୟ ପ୍ରକ୍ରିୟାକରଣର କୌଣସି ବ୍ୟବସ୍ଥା ନାହିଁ । ତେଣୁ ଚାଷୀମାନେ ଶାଗ ମାଛ ଦରରେ ସ୍ଥାନୀୟ ବ୍ୟବସାୟୀଙ୍କୁ ତାଙ୍କର ଉତ୍ପାଦିତ ଫସଲ ବିକ୍ରି କରିଥାନ୍ତି । ଏହିସବୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଗଲେ ଚାଷୀମାନେ ଆହୁରି ଅଧିକ ପରିମାଣରେ ଚିନାବାଦାମ ଚାଷ ପ୍ରତି ଆକୃଷ୍ଟ ହୋଇପାରନ୍ତେ।

## ସ୍ୱାସ୍ଥ୍ୟସେବାରେ ତ୍ରୁଟି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

# ରୋଗୀ କଲ୍ୟାଣ ସମିତି ବୈଠକରେ ଅପରାଜିତାଙ୍କ ତାଗିଦ୍




ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ଉତ୍ତମ ସ୍ୱାସ୍ଥ୍ୟସେବା ସୁଶାସନର ମେରୁଦଣ୍ଡ। ସ୍ୱାସ୍ଥ୍ୟସେବା ତ୍ରୁଟି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଗିଦ୍ କରିଛନ୍ତି। ମଙ୍ଗଳବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତିର ବୈଠକରେ ଆସନ୍ତାମାସ ସୁଦ୍ଧା ସ୍ଥିତି ସୁଧାରିବାକୁ କଡ଼ା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବ୍ଲକ ଚେୟାରମେନ ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଗଭର୍ଣ୍ଣିଂ ବଡି ଭାବେ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ରାୟ ଓ ତାଙ୍କ ସହଯୋଗୀଙ୍କ କାର୍ଯ୍ୟଦକ୍ଷତା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୨୦ମାସ ପୂର୍ବର ସମୀକ୍ଷା ବୈଠକରେ ହୋଇଥିବା ତ୍ରୁଟି ସୁଧୁରିବା ପରିବର୍ତ୍ତେ ପୂର୍ବଭଳି ଥିବା ଜାଣିବା ପରେ ଉଭୟ ସାଂସଦ ଓ ବିଧାୟକ ଦୁଃଖ ପ୍ରକାଶ କରିଥିଲେ। ଏଥିସହ ମାତୃ ଶିଶୁ ବିଭାଗ ହେଉ ଅଥବା ଅନ୍ୟାନ୍ୟ ବିଭାଗ ସବୁଠି ଅବହେଳା ଓ ତ୍ରୁଟି ପରିଲକ୍ଷିତ ହୋଇଥିବା ଦେଖି ବୈଠକକୁ ଅଧାରୁ ରଖି ଭୁବନେଶ୍ୱର ସାଂସଦ ଓ ବିଧାୟକ କକ୍ଷତ୍ୟାଗ କରିଥିଲେ। ଏହି ବୈଠକ ଆସନ୍ତା ଜୁନ ୩୦ରେ ହେବାକୁ ସ୍ଥିରୀକୃତ ହୋଇଥିବା ବେଳେ ଖୋର୍ଦ୍ଧା ମୁଖ୍ୟଜିଲ୍ଲା ଚିକିତ୍ସା ଅଧିକାରୀ ସଞ୍ଜୟ ରାୟ ଏବଂ ତାଙ୍କ ସହଯୋଗୀମାନେ ନିଜ କାର୍ଯ୍ୟଦକ୍ଷତାରେ ସୁଧାର ଆଣିବେ ବୋଲି ସାଂସଦ ଆଶାବ୍ୟକ୍ତ କରିଛନ୍ତି।

# ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଛଅସୂତ୍ରୀ ରଣନୀତି

- ଜୁନ ୧ରୁ ଆରମ୍ଭ ହେବ 'କ୍ଷେତ ବଚାଓ ଅଭିଯାନ'
- କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ସମନ୍ୱିତ କୃଷିକୁ ଗୁରୁତ୍ୱ




ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଭୁବନେଶ୍ୱରରେ ପୂର୍ବାଞ୍ଚଳ ଖରିଫ କୃଷି ଜୋନାଲ ସମ୍ମିଳନୀ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି ଯେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ଦ୍ୱାରା ମିଳିତ ଭାବେ ବିକଶିତ ହୋଇଥିବା ବିଷୟ-ନିର୍ଦ୍ଦିଷ୍ଟ, ଅଞ୍ଚଳ-ନିର୍ଦ୍ଦିଷ୍ଟ ଏବଂ ରାଜ୍ୟ-ନିର୍ଦ୍ଦିଷ୍ଟ ରୋଡମ୍ୟାପ୍ ମାଧ୍ୟମରେ ପୂର୍ବ ଭାରତର କୃଷି କ୍ଷେତ୍ର ନୂତନ ଶିଖର ହାସଲ କରିପାରିବ। ସେ କହିଥିଲେ ଯେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ନେଇ ଗଠିତ ଏହି କ୍ଷେତ୍ରୀୟ ସମ୍ମିଳନୀ ଖାଦ୍ୟ ସୁରକ୍ଷା, ପୁଷ୍ଟିସାଧନ, କୃଷକଙ୍କ ଆୟ, ଫସଲର ବିବିଧକରଣ, ସମନ୍ୱିତ କୃଷି, ସନ୍ତୁଳିତ ସାର ବ୍ୟବହାର, କୃଷକ ପରିଚୟ ପତ୍ର, ଡାଲି ଏବଂ ତୈଳବୀଜ, ପ୍ରାକୃତିକ ଚାଷ, ଉଦ୍ୟାନ କୃଷି ଏବଂ କୃଷି ଭିତ୍ତିଭୂମି ଉପରେ ବିସ୍ତୃତ ବିଚାରବିମର୍ଶ ପାଇଁ ଏକ ପ୍ରମୁଖ ମଞ୍ଚ ଭାବେ ଉଭା ହୋଇଛି।

ଗଣମାଧ୍ୟମ ସହ ଆଲୋଚନା କରି ସେ କହିଛନ୍ତି ଯେ ଚାଷିଙ୍କ ପାଇଁ ଏକ ଛଅ ସୂତ୍ରୀ ରଣନୀତି ଗ୍ରହଣ କରିଛନ୍ତି। ଧାନ ଏବଂ ଗହମ ଉତ୍ପାଦନ କ୍ଷେତ୍ରରେ ଭାରତ ଆଜି ଏକ ସୁଦୃଢ଼ ସ୍ଥିତିରେ ରହିଛି, କିନ୍ତୁ ଡାଲି ଏବଂ ତୈଳବୀଜ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବେ ବାକି ରହିଛି। ସେ ସ୍ପଷ୍ଟ କରିଛନ୍ତି ଯେ ବିବିଧତା କେବଳ ଅନ୍ୟ ଫସଲର ସମ୍ପ୍ରସାରଣ ନୁହେଁ, ବରଂ ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା କରିଥାଏ। କୃଷକମାନଙ୍କୁ ଅଧିକ ପ୍ରଭାବୀ ଋଣ ବିତରଣ ସୁନିଶ୍ଚିତ କରିବା ଲାଗି ରାଜ୍ୟ ଅନୁକୂଳ ମଡେଲ ବିକଶିତ କରାଯିବ। ସନ୍ତୁଳିତ ସାର ବ୍ୟବହାର, ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଏବଂ କୃଷକ ଶିକ୍ଷା ଉପରେ ଧ୍ୟାନ ଦେଇ ଜୁନ୍ ୧ ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ 'କ୍ଷେତ ବଚାଓ ଅଭିଯାନ' ଆରମ୍ଭ କରାଯିବ। ମାଟିର ଅବସ୍ଥାକୁ ନ ବୁଝି ସାରର ଅତ୍ୟଧିକ ବ୍ୟବହାର ହେଉଛି ଏବଂ ଏହା ମୃତ୍ତିକା, ଫସଲ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି।

## ରବି ଧାନ ସଂଗ୍ରହ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସମ୍ବଲପୁର ଓ ବରଗଡ଼ ବିଧାୟକଙ୍କ ସହ ଆଲୋଚନା



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ବିଧାୟକମାନଙ୍କ ସହିତ ରବିଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ମଣ୍ଡି ଭିତ୍ତିଭୂମି, ଟୋକନ ପ୍ରଦାନ, ମିଲରମାନଙ୍କ ଧାନ ଉଠାଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସରକାରଙ୍କ ପ୍ରକ୍ରିୟା ଜାରି ରହିଛି। ଚାଷୀମାନଙ୍କ ଯେପରି କୌଣସି ଅସୁବିଧା ହେବ ନାହିଁ ଏବଂ ମିଲର୍‌ମାନେ ଠିକ୍ ସମୟରେ ଧାନ ଉଠେଇବେ, ତା'ଉପରେ ସ୍ୱତନ୍ତ୍ର ଫୋକସ ରଖାଯାଇଛି। ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଚାଷୀମାନଙ୍କର ଯାହାକିଛି ସମସ୍ୟା ରହିଛି, ତାହା ନିଶ୍ଚିତ ଦୂର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ସଞ୍ଜୟ ସିଂହ ବୈଠକରେ ଉପସ୍ଥିତ ଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ପ୍ରମୁଖ ମଧ୍ୟ ଏହି ଆଲୋଚନାରେ ଯୋଗଦେଇଥିଲେ।

## ବିସ୍ଥାପିତ ଅଞ୍ଚଳର ଯୁବକ ଯୁବତୀଙ୍କୁ ଅଗ୍ରାଧିକାରଭିତ୍ତିକ ନିଯୁକ୍ତି ଦାବି




ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ): ପ୍ରସ୍ତାବିତ ଚଣ୍ଡିଖୋଲ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପରେ ବିସ୍ଥାପିତ ଅଞ୍ଚଳର ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଦେବା ଲାଗି ପ୍ରଦେଶ କଂଗ୍ରେସ ବରିଷ୍ଠ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ କଂଗ୍ରେସ ଭବନରେ ଏକ ପ୍ରେସ ବିବୃତି ଜରିଆରେ ଦାବି କରିଛନ୍ତି। ଚଣ୍ଡିଖୋଲରେ ପ୍ରସ୍ତାବିତ ଅଶୋଧିତ ତୈଳ ସଂରକ୍ଷଣ ପ୍ରକଳ୍ପରେ ୩୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ସଂରକ୍ଷଣ କରାଯିବାକୁ କୁହାଯାଇଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୫ ହଜାର ଲୋକ ନିଯୁକ୍ତି ସୁଯୋଗ ପାଇବେ ବୋଲି ସରକାର କହୁଥିବାବେଳେ ପ୍ରକୃତପକ୍ଷେ ୮ ହଜାରରୁ ୧୦ ହଜାର ଲୋକ ନିଯୁକ୍ତି ପାଇବା କଥା। ପ୍ରକଳ୍ପ ପ୍ରତିଷ୍ଠା ହେଲେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ନିଯୁକ୍ତି ଓ ଥଇଥାନ ବ୍ୟବସ୍ଥା ପାଇଁ କି ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି।



ତ୍ରିପୁରାର ବାଚସ୍ପତି ରାମପଦ ଜମାଟିଆ ଓଡିଶା ଗସ୍ତ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଉପସ୍ଥିତ ଅଛନ୍ତି ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଚିବ ସତ୍ୟବ୍ରତ ରାଉତ।

## ଆଉ ୯ ସହରକୁ ସମ୍ପ୍ରସାରିତ ହେବ କ୍ରୁଟ

# ସଡ଼କ ସୁରକ୍ଷା ଓ ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ଖୁବ୍ ଶୀଘ୍ର କ୍ରୁଟ ବସ ସେବା ରାଜ୍ୟର ଆଉ ୯ ସହରକୁ ସମ୍ପ୍ରସାରିତ ହେବ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୁଳ, ଝାରସୁଗୁଡା ଓ ବାଲେଶ୍ୱରକୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର, ରାୟଗଡା, କୋରାପୁଟ, ଭଦ୍ରକ ଓ ବଲାଙ୍ଗୀରରେ ଚାଲିବ କ୍ରୁଟ ବସ। ଆଜି ଓଡ଼ିଶା ସହରାଞ୍ଚଳରେ ଗମନାଗମନର ସମ୍ପ୍ରସାରଣ, ଭିତ୍ତିଭୂମି ବିକାଶ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ଏହି ସମୀକ୍ଷାରେ 'ପିଏମ୍ ଇ-ବସ୍ ସେବା' ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜ୍ୟରେ ଆଗାମୀ ଡିପୋ ଏବଂ ବୈଦ୍ୟୁତିକ ପରିବହନ ଭିତ୍ତିଭୂମିକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବାକି ଥିବା ଭିତ୍ତିଭୂମି ଏବଂ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାର୍ବଜନୀନ ପରିବହନ କାର୍ଯ୍ୟକଳାପରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାର ଗୁରୁତ୍ୱ ଉପରେ ଆଲୋକପାତ କରି, ବ୍ୟବସ୍ଥିତ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୁଟର ଅଣ-ଭଡ଼ା ବକ୍ସ ରାଜସ୍ୱ ଉତ୍ସକୁ ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଥିଲେ। ବସ, ବସ କ୍ୟୁ ସେଲ୍ଟର ଏବଂ ଡିପୋ-ସଂଯୁକ୍ତ ବାଣିଜ୍ୟିକ ଭିତ୍ତିଭୂମି ଉପରେ ବିଜ୍ଞାପନ ଅଧିକାର ସମ୍ବନ୍ଧୀୟ ଚାଲୁ ରହିଥିବା ପ୍ରୟାସଗୁଡ଼ିକର ନଗର ଉନ୍ନୟନ ମନ୍ତ୍ରୀ ସମୀକ୍ଷା କରିଥିଲେ। ବ୍ୟବସ୍ଥିତ ବାଣିଜ୍ୟିକ ପଦକ୍ଷେପ ଯୋଗୁଁ ୨୦୨୫ ମସିହାରେ କ୍ରୁଟର ଅଣ-ଭଡ଼ା ବକ୍ସ ରାଜସ୍ୱ ଅବଦାନ ୨୨.୦୫ ପ୍ରତିସତକୁ ବୃଦ୍ଧି ପାଇଛି। ସହରାଞ୍ଚଳ ପରିବହନ ସେବା ପାଇଁ ସ୍ଥାୟୀ ରାଜସ୍ୱ ଉତ୍ସ ସୃଷ୍ଟି କରିବାକୁ ଆଗାମୀ ସମସ୍ତ ଡିପୋ ଏବଂ ପରିବହନ ଭିତ୍ତିଭୂମିକୁ ସମନ୍ୱିତ ବାଣିଜ୍ୟିକ ବ୍ୟବହାର ମଡେଲ ସହିତ ବିକଶିତ କରାଯିବ ବୋଲି ସେ କହିଛନ୍ତି। ଯାତ୍ରୀ ଏବଂ ଡ୍ରାଇଭରଙ୍କ ସୁରକ୍ଷାମାନକୁ ଆହୁରି ବଢ଼ାଇବା ପାଇଁ ନୂତନ ଭାବେ କ୍ରୟ କରାଯାଉଥିବା ବୈଦ୍ୟୁତିକ ବସ ଗୁଡ଼ିକରେ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ ଲାଗୁ କରାଯିବ। ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା, ବୈଦ୍ୟୁତିକ ପରିବହନ ବ୍ୟବସ୍ଥାର ଉନ୍ନତିକରଣ, ସଡ଼କ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ନାଗରିକ-କୈନ୍ଦ୍ରିକ ତଥା ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ସହରାଞ୍ଚଳ ପରିବହନ ସେବା ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଧାନ କୁଇଣ୍ଟାଲ ପିଛା ୩୨୪୧ ଟଙ୍କା ଦେବାକୁ ଦାବି



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବ ଭାରତ କୃଷି ସମ୍ମିଳନୀ ପରିପ୍ରେକ୍ଷୀରେ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଏକ ଚିଠି ଲେଖାଯାଇ ଧାନର ଏମଏସପି ବଢ଼ାଇବାକୁ ଦାବି କରାଯାଇଛି। ପରିଷଦର ଆବାହକ ରବି ବେହେରା ଲେଖିଥିବା ଚିଠିରେ କହିଛନ୍ତି ଯେ, ଓଡିଶା ସରକାର କେନ୍ଦ୍ର ଦ୍ୱାରା ସ୍ଥିର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଧାନ କୁଇଣ୍ଟାଲ ପିଛା ଆଠ ଶହ ଟଙ୍କା ସବସିଡି ଦେବାକୁ ଘୋଷଣା କରିଥିଲେ। ଗତ ବର୍ଷ ଧାନ କୁଇଣ୍ଟାଲ ଥିଲା ୨୩୬୯ଟଙ୍କା। ଓଡିଶା ସରକାରଙ୍କ ଇନପୁଟ ସବସିଡି ୮୦୦ଟଙ୍କା ମିଶିଲେ ଚାଷୀ ଧାନ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା କଥା। ମାତ୍ର ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଚାଷୀଙ୍କୁ ବର୍ଦ୍ଧିତ ୬୯ଟଙ୍କା ଦେଲେ ନାହିଁ। ଫଳରେ ଓଡିଶା ଚାଷୀ ଗତ ବର୍ଷ ପାଖାପାଖି ୬୦୦ କୋଟି ଟଙ୍କା ହରେଇଲେ। ସେହିଭଳି ଏ ବର୍ଷ କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପିଛା ୭୨ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ବଢାଇବାକୁ ନିଷ୍ପତି ନେଇଛନ୍ତି। ଅର୍ଥାତ ରାଜ୍ୟରେ ଚାଷୀମାନେ ଇନପୁଟ ସବସିଡି ୮୦୦ଟଙ୍କା ମିଶାଇଲେ କୁଇଣ୍ଟାଲ ପିଛା ଧାନରେ ୩୨୪୧ଟଙ୍କା ପାଇବେ। କିନ୍ତୁ ଓଡିଶା ସରକାର ଏହା ଦେବେ କି ନ ଦେବେ ତାକୁ ନେଇ ସନ୍ଦେହ ରହିଛି। ତେଣୁ ଆପଣ ଓଡିଶା ସରକାରଙ୍କୁ ଏନେଇ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି।

## ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ତାଳଚେର ମେଡିକାଲ କଲେଜ

# ଅଗ୍ରଗତିର ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲର କାର୍ଯ୍ୟକ୍ଷମତା ଆରମ୍ଭ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ. ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି, ଏକାଡେମିକ ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରାଯାଇଥିଲା। ସଚିବ ଯଥା ଶୀଘ୍ର ରୋଗୀ ସେବା ପାଇଁ ବିଭିନ୍ନ ବିଭାଗ ଗୁଡ଼ିକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ହସ୍ପିଟାଲ ଓ କଲେଜ ପାଇଁ ଆବଶ୍ୟକ ଆଧୁନିକ ଚିକିତ୍ସା ଉପକରଣ, କର୍ମଚାରୀ ନିଯୁକ୍ତି, ବ୍ୟବସ୍ଥିତ ରୋଗୀ ସେବା ବ୍ୟବସ୍ଥା, ଏମବିବିଏସ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ, ଖେଳ ପଡିଆ, କ୍ୟାମ୍ପସ ଆଲୋକିକରଣ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ହସ୍ପିଟାଲରେ ପରୀକ୍ଷାଗାର, ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ପ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ନିରବଚ୍ଛିନ୍ନ ବିଦ୍ୟୁତ, ଜଳ ଯୋଗାଣ ସହ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଥିଲେ। ତାଳଚେର ଅଞ୍ଚଳ ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ରାଜ୍ୟରେ ଚିକିତ୍ସା ଶିକ୍ଷାର ବିକାଶ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ବୋଲି ବୈଠକରେ ସମସ୍ତେ ଆଶା ବ୍ୟକ୍ତ କରିଥିଲେ। ଏହି ବୈଠକରେ ଓଡିଶା ରାଜ୍ୟ ଔଷଧ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶିକା ଡ଼. ପୋମା ଟୁଡୁ, ଅନୁଗୁଳ ଜିଲ୍ଲାପାଳ ଅବ୍ଦାଲ ମ. ଅଖତର, ଅତିରିକ୍ତ ଶାସନ ସଚିବ ବିଜୟ ଦାଶଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ପିଡବ୍ଲୁଡି ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ



ଭବାନୀପାଟଣା,୧୯।୫(ସଂଚାର ବ୍ୟୁରୋ): ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲା ପିଡବ୍ଲୁଡି ଅଧୀନ ଧର୍ମଗଡ଼ ରାସ୍ତା ଓ ଗୃହ ଉପ-ବିଭାଜନରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ଭୁବନେଶ୍ୱର ଶବରଙ୍କ ୬ଟି ସ୍ଥାନ ଉପରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଏକସଙ୍ଗେ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଭୁବନେଶ୍ୱରଙ୍କ ନିକଟରେ ଥିବା ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ତଦନ୍ତକାରୀ ଅଧିକାରୀମାନେ ଠାବ କରିଛି। ସେସବୁ ମଧ୍ୟରେ ରହିଛି ୪ଟି ବହୁତଳ କୋଠା ସହିତ ମୋଟ୍ ୫ଟି ଘର, ୬୮ଟି ପ୍ଲଟ୍ ବିଶିଷ୍ଟ ୬୫ ଏକର ସ୍ଥାବର ଭୂମି, ୧୭ ଏକର ବିଶିଷ୍ଟ ଦୁଇଟି ଫାର୍ମ ହାଉସ୍ ଏବଂ ୮ କ୍ୟାବିନ୍ ବିଶିଷ୍ଟ ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ। ତେବେ କୌତୂହଳର ବିଷୟ, ଏଭଳି ବିପୁଳ ସମ୍ପତ୍ତିର ଅଧିକାରୀ ଭୁବନେଶ୍ୱର ଶବର ମାତ୍ର ୬ ହଜାର ଟଙ୍କାରେ ୧୯୯୯ ମସିହାରେ ସୁନାବେଡା ସେକ୍ସନରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବରେ ଚାକିରି ଆରମ୍ଭ କରିଥିଲେ। ଭୁବନେଶ୍ୱରଙ୍କ ଭବାନୀପାଟଣା ବ୍ଲକ ଗୋଷାଣୀମୁଣ୍ଡାରେ ୪୫୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, କୁସୁମଖୁଣ୍ଟିରେ ୨୬୨୫ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, ସେଠାରେ ୧୩୦୦ ବର୍ଗଫୁଟରେ ଆଉ ଏକ ଦୁଇ ମହଲା କୋଠା ଏବଂ କୋକସରା ମୋଟର ଛକରେ ୪୨୨୮ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି କୋକସରା ମୋଟର ଛକରେ ୮ଟି କ୍ୟାବିନ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କିଟପଦରରେ ଥିବା ଫାର୍ମ ହାଉସ ଠାବ ହୋଇଛି।

## ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିକୁ କାର୍ଯ୍ୟକ୍ଷମ ଦାବି

- ବ୍ରହ୍ମପୁର ବିମାନବନ୍ଦର ନାମରେ ନାମିତ ହେଉ



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପକୁ ପୂର୍ଣ୍ଣକାଳୀନ ବାଣିଜ୍ୟିକ ବିମାନ ବନ୍ଦର ଭାବେ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର। ଏଥିସହତ ଏହାକୁ ବ୍ରହ୍ମପୁର ବିମାନ ବନ୍ଦର ନାମରେ ନାମିତ କରିବାକୁ ସେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ଭେଟି ଦାବି କରିଛନ୍ତି। ଆଞ୍ଚଳିକ ଯୋଗାଯୋଗକୁ ବୃଦ୍ଧି କରିବା ସହ ଅର୍ଥନୈତିକ ସମୃଦ୍ଧି ଦୃଷ୍ଟିରୁ ସେ ପୂର୍ବରୁ ସଂସଦ ଓ ସଂସଦ ବାହାରେ ମଧ୍ୟ ଏହି ପ୍ରସ୍ତାବ ଦେଇଥିବା କହିଛନ୍ତି। ଦକ୍ଷିଣ ଓଡିଶା ବ୍ୟବସାୟ, ଶିକ୍ଷା ଓ ଅର୍ଥନୈତିକ କାରବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। କିନ୍ତୁ ବିମାନ ଚଳାଚଳ କ୍ଷେତ୍ରରେ ଓଡିଶାର ଏହି ଭାଗ ସବୁବେଳେ ଅବହେଳିତ ହୋଇଛି। ଦକ୍ଷିଣ ଓଡିଶା ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, କନ୍ଧମାଳ ଓ ମାଲକାନଗିରି ସହ ପଡୋଶୀ ଆନ୍ଧ୍ରପ୍ରଦେଶ ପାଇଁ ବ୍ରହ୍ମପୁର ଏକ ପ୍ରମୁଖ ବ୍ୟବସ୍ଥାୟୀକ ପେଣ୍ଠସ୍ଥଳୀ। ଉଡାନ ଯୋଜନାରେ ୨୦୧୮ରେ ଏହି ଏୟାରଷ୍ଟ୍ରିପର ବିକାଶ ପାଇଁ ଚିହ୍ନଟ କରାଯାଇଥିଲା। ଏନେଇ ସଂସଦରେ ବାରମ୍ବାର ଦାବି ପରେ କେନ୍ଦ୍ର ସରକାର ଏହାକୁ ଗ୍ରୀନଫିଲ୍ଡ ଏୟାରପୋର୍ଟ କରିବା ପାଇଁ ପ୍ରସ୍ତାବ ଦେବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୁପାରିଶ କରିଥିଲେ।

## ଜରୁରୀକାଳୀନ ଏବଂ ଟ୍ରମା କେୟାର ବ୍ୟବସ୍ଥାର ସୁଦୃଢ଼ୀକରଣ

# ଦିଲ୍ଲୀ ଏମ୍ସର ସହଯୋଗ ଲୋଡିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ଆଜି ନୂଆଦିଲ୍ଲୀ ସ୍ଥିତ ଏମ୍ସର ଜରୁରୀକାଳୀନ ଚିକିତ୍ସା ବିଭାଗ, ଜେ.ପି. ଏନ୍. ଆପେକ୍ସ ଟ୍ରମା ସେଣ୍ଟର ପରିଦର୍ଶନ କରିବା ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସେଠାକାର ଅତ୍ୟାଧୁନିକ ଚିକିତ୍ସା ଶୈଳୀ, ଜରୁରୀକାଳୀନ ରୋଗୀ ପରିଚାଳନା ଏବଂ ଭିତ୍ତିଭୂମିକୁ ଅନୁଧ୍ୟାନ କରିବା ସହ 'ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତାରେ ଓଡିଶାର ଏକ ଜିଲ୍ଲାକୁ ସାମିଲ କରିବାର ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶାରେ ଆପାତକାଳୀନ ଓ ଟ୍ରମା କେୟାର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ (ଆଇସିଏମଆର୍)ର ମହାନିର୍ଦ୍ଦେଶକ ଡ଼ଃ ରାଜୀବ ବାହଲ ଏବଂ ଏମ୍ସର ପ୍ରଫେସର ସଞ୍ଜୀବ ଭୋଇଙ୍କୁ ଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ଆପାତକାଳୀନ ଓ ଟ୍ରମା ବ୍ୟବସ୍ଥା ସୁଦୃଢ଼ୀକରଣର ଆବଶ୍ୟକତା ଅଛି। ଇଣ୍ଡିଆ ଷ୍ଟେଟ୍-ଲେଭେଲ ଡିଜିଜ୍ ବର୍ଡେନ ଇନିସିଏଟିଭ୍-୨୦୧୯ ଅନୁସାରେ ରାଜ୍ୟ ମୃତ୍ୟୁହାରରେ ଦେଶରେ ଅଷ୍ଟମ ସ୍ଥାନରେ ରହିଛି। ରାଜ୍ୟର ସଡ଼କ ଦୁର୍ଘଟଣା, ହୃଦ୍‌ଘାତ, ଷ୍ଟ୍ରୋକ୍ ଏବଂ ସର୍ପାଘାତ ଭଳି ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସମନ୍ୱିତ ଜରୁରୀକାଳୀନ ଏବଂ ଟ୍ରମା କେୟାର ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଗୋଟିଏ ଜିଲ୍ଲାକୁ 'ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତା ପ୍ରକଳ୍ପ' ଅଧୀନରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି। ଏହା ମାଧ୍ୟମରେ ସମ୍ବନ୍ଧିତ ଜିଲ୍ଲାରେ ସମନ୍ୱିତ ଆପାତକାଳୀନ ଓ ଟ୍ରମା ସେବା ମଡେଲ୍ ସଫଳ ଭାବେ କାର୍ଯ୍ୟକାରୀ ହୋଇପାରିବ।

## ରହସ୍ୟ, ନୀରବତା ଏବଂ ଛାୟା

# ଭାଇରାଲ୍ ହେଲା 'ଦି ମିଡନାଇଟ୍ ଥେରାପିଷ୍ଟ'ର ପ୍ରଥମ ଲୁକ୍



ମୁମ୍ବାଇ,୧୯।୪: ଆଗାମୀ କ୍ଷୁଦ୍ର ଚଳଚ୍ଚିତ୍ର ଦି ମିଡନାଇଟ୍ ଥେରାପିଷ୍ଟର ପ୍ରଥମ ଲୁକ୍ ପୋଷ୍ଟର ଅନଲାଇନରେ ବ୍ୟାପକ କୌତୁହଳ ସୃଷ୍ଟି କରିଛି, ସିନେପ୍ରେମୀ ଏବଂ ବିଜ୍ଞାପନ ପ୍ରେମୀମାନେ ଏହାର ଭୟଙ୍କର ଦୃଶ୍ୟ ଭାଷା ଏବଂ ରହସ୍ୟମୟ ଆଧାର ଦ୍ୱାରା ଆକର୍ଷିତ ହୋଇଛନ୍ତି। ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଟାଇଟସ୍ ଉପ୍ପୁତୁରୁ ଏବଂ କେଶବ ଭରଦ୍ୱାଜ ଅଭିନୟ କରିଛନ୍ତି ଏବଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି ନିଜେ ଟାଇଟସ୍। ଏହି ସପ୍ତାହରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରକାଶିତ ଏହି ପୋଷ୍ଟରଟି ଏହାର ପରିବେଶ ଏବଂ ଭାବପ୍ରବଣ ଚିତ୍ର ପାଇଁ ଶୀଘ୍ର ତୀବ୍ର ଆଲୋଚନାର ବିଷୟ ପାଲଟିଛି। ବିଶେଷ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ଯେ ଟାଇଟସ୍ ଉପ୍ପୁତୁରୁ ଜଣେ କୃଷକ ଭୂମିକାରେ ଦେଖାଯାଉଛନ୍ତି। ସେ ସାଧାରଣତଃ ଯେଉଁ ସୃଜନଶୀଳ ଦୁନିଆ ସହିତ ଜଡ଼ିତ ଥିବା ବେଳେ ଏହି ଚଳଚ୍ଚିତ୍ରରେ ସେ ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଗଭୀର ଭାବରେ କ୍ଷୟ ହୋଇଥିବା ଲୁକ୍ ସହିତ ମାଟିର ସ୍ୱରରେ ସଜ୍ଜିତ ହୋଇ ଟାଇଟସ୍ ପ୍ରାୟ ଅଚିହ୍ନା ଦେଖାଯାଉଛନ୍ତି, ଯାହା ଏକ ଭାବପ୍ରବଣ ଚରିତ୍ରକୁ ଇଙ୍ଗିତ କରୁଛନ୍ତି। ସମାନ ଭାବରେ ଆକର୍ଷଣୀୟ ହେଉଛି ତାଙ୍କ ପଛରେ ଅନ୍ଧାରରେ ଠିଆ ହୋଇଥିବା ଆଉ ଜଣେ ବ୍ୟକ୍ତିଙ୍କ ଛାୟାମୟ ଛବି, ଯାହା ଫିଲ୍ମର କାହାଣୀକୁ ଘେରି ରହିଥିବା ରହସ୍ୟକୁ ଆହୁରି ବୃଦ୍ଧି କରୁଛି। ପୋଷ୍ଟରରେ ଏକ ଶୀତଳ ଟ୍ୟାଗଲାଇନ୍ ଅଛି: 'ରାତି ସବୁକିଛି ଶୁଣେ'। ଏହି ଧାଡିଟି ପୂର୍ବରୁ ଅନଲାଇନରେ ବ୍ୟାପକ ଭାବରେ ପ୍ରସାରିତ ହେବା ଆରମ୍ଭ କରିଛି, ଦର୍ଶକମାନେ ଅନୁମାନ କରୁଛନ୍ତି ଯେ ଫିଲ୍ମଟି ଏକ ମନସ୍ତାତ୍ତ୍ୱିକ ଥ୍ରୀଲର, ଏକ ଭାବପ୍ରବଣ ଡ୍ରାମା, କିମ୍ବା ଆହୁରି ଭୟଙ୍କର କିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ମାନକ ବିଜ୍ଞପ୍ତି ଜାରି କଲା ବିଆଇଏସ୍

# ଇଥାନଲ ମିଶା ପେଟ୍ରୋଲ୍ ଆସିବ




ନୂଆଦିଲ୍ଲୀ, ୧୯।୫: ସବୁବେଳେ ଆମଦାନି ଜରିଆରେ ତେଲ ଆବଶ୍ୟକତା ପୂରଣ କରିବା କେତେ କଷ୍ଟକର ଓ ବିପଦପୂର୍ଣ୍ଣ ତାହା ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଜଣାପଡ଼ିଛି। ତେଣୁ ଆଗାମୀ ଦିନରେ ସେଭଳି ସଙ୍କଟକୁ ଏଡ଼ାଇବା ପାଇଁ ସରକାର ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅଧିକରୁ ଅଧିକ ଇଥାନଲ ମିଶା ତେଲ ବିକ୍ରି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଇ-୩୦ ପେଟ୍ରୋଲ ଆଣିବା ବିଷୟରେ ସରକାର ବିଚାର କରୁଛନ୍ତି। ସେଥିପାଇଁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ବିଜ୍ଞପ୍ତି ଜାରି କରିଛି।ଦେଶରେ ଏବେ ଇ-୨୦ ପେଟ୍ରୋଲ ବିକ୍ରି ହେଉଛି। ସେଥିରେ ୮୦ ପ୍ରତିଶତ ପେଟ୍ରୋଲ ଓ ୨୦ ପ୍ରତିଶତ ଇଥାନଲ୍ ରହୁଛି। ୨୦୩୦ ସୁଦ୍ଧା ଇ-୨୦ ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ସେହି ଲକ୍ଷ୍ୟ ପାଞ୍ଚ ବର୍ଷ ପର୍ବରୁ ୨୦୨୫-୨୬ରେ ହାସଲ ହୋଇପାରିଛି। ସେଥିରେ ଉତ୍ସାହିତ ହୋଇ ସରକାର ଇ-୩୦ ପେଟ୍ରୋଲ ଆଣିବାକୁ ଚିନ୍ତା କରୁଛନ୍ତି। ସରକାର ଏକାସଙ୍ଗେ ଇ-୨୦ରୁ ଇ-୩୦ ଯିବାକୁ ଚାହୁନାହାନ୍ତି। ଇ-୨୨, ଇ-୨୫ ଓ ଇ-୨୭ ମାନର ପେଟ୍ରୋଲ ମଧ୍ୟ ଆଣିବାକୁ ଚାହୁଁଛନ୍ତି। କେନ୍ଦ୍ର ସରକାର ଇ-୮୫ ପେଟ୍ରୋଲ ଆଣିବା ସମ୍ପର୍କରେ ମଧ୍ୟ ବିଚାର କରୁଛନ୍ତି। ସେଥିପାଇଁ କେଉଁ ଭଳି ଭିତ୍ତିଭୂମି ଦରକାର ତାହା ଜାଣିବା ପାଇଁ ଅଧ୍ୟୟନ ଆରମ୍ଭ ହୋଇଛି। ଅଧିକ ଇଥାନଲ ମିଶା ପେଟ୍ରୋଲ ବିକ୍ରି ପାଇଁ ଦେଶର ତୈଳ ବିପଣନ ଓ ଗାଡ଼ି ନିର୍ମାଣ ବ୍ୟବସ୍ଥା ସମାନ୍ତରାଳ ଭାବେ ପ୍ରସ୍ତୁତ ରହିବା ଦରକାର। ପ୍ରଥମଟି ହେଉଛି ତେଲ ଟାଙ୍କିଗୁଡ଼ିକରେ ସେହି ଧରଣର ତେଲ ରଖିବାକୁ ସଂରକ୍ଷଣ, ପରିବହନ ଓ ବିକ୍ରି ପାଇଁ ସ୍ୱତନ୍ତ୍ର ଡିସ୍‌ପେନ୍‌ସର୍ ଆବଶ୍ୟକ। ସେଥିପାଇଁ ବିପୁଳ ନିବେଶ କରିବାକୁ ପଡ଼ିବ। ଦ୍ୱିତୀୟ ବିଷୟଟି ହେଉଛି ଅଧିକ ଇଥାନଲ ମିଶା ପେଟ୍ରୋଲ ଉପଯୋଗୀ ଗାଡ଼ି ନିର୍ମାଣ। ଦେଶରେ ଅଟୋମୋବାଇଲ୍ କମ୍ପାନିଗୁଡ଼ିକ ଫ୍ଲେକ୍ସ-ଫୁଏଲ୍ ଇଞ୍ଜିନ ବିକାଶ କରି ତାହାର ପରୀକ୍ଷଣ କରିଛନ୍ତି। କିଛି ସଂସ୍ଥା ବଜାରରେ ସେଭଳି ମଡେଲ୍‌କୁ ମଧ୍ୟ ଉନ୍ମୋଚନ କରିସାରିଛନ୍ତି। ତେଣୁ ଅଧିକ ଇଥାନଲ୍ ମିଶା ଗାଡ଼ି ବିକାଶ କରିବା ବଡ଼ ସମସ୍ୟା ହେବନାହିଁ। କିନ୍ତୁ ତାହାର ଦାମ୍ ଗ୍ରାହକଙ୍କୁ ସୁହାଇବା ଭଳି ରହିବ ନା ନାହିଁ ତାହା ଆକଳନ କରିବା କଷ୍ଟକର।

କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି ପେଟ୍ରୋଲରେ ଯେତେ ଅଧିକ ଇଥାନଲ ମିଶାଯିବ ତାହା ଦେଶ ପାଇଁ ସେତେ ଭଲ। ଗୋଟିଏ ପଟେ ଅଶୋଧିତ ତୈଳ ଆମଦାନିରେ ହେଉଥିବା ଖର୍ଚ୍ଚ କମିଯିବ ଓ ଅନ୍ୟପଟେ ଚାଷୀମାନେ ଲାଭବାନ ହେବେ। ଇଥାନଲ ଉତ୍ପାଦନ ପାଇଁ ଆବଶ୍ୟକ କୃଷିଜାତ ସାମଗ୍ରୀ ଯୋଗାଇ ସେମାନେ ନିଜର ଆୟ ବଢ଼ାଇପାରିବେ। କିନ୍ତୁ ବିଶେଷଜ୍ଞମାନେ ସତର୍କ କରାଇ କହିଛନ୍ତି ଯେ ଭାରତରେ ଜଳବାୟୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର। ସେହି ଅନୁସାରେ ଅଧିକ ଇଥାନଲ ମିଶା ତେଲ ବିକ୍ରି କରିବା ପାଇଁ ପ୍ରଥମେ ସବୁ ବ୍ୟବସ୍ଥା କରିବାକୁ ପଡ଼ିବ।

# ହ୍ୱାଟସ୍‌ଆପ୍‌ରେ ଅଭିଯୋଗ କରିପାରିବେ ଇପିଏଫ୍‌ଓ ସଦସ୍ୟ

ନୂଆଦିଲ୍ଲୀ, ୧୯।୫: ଆପତ୍ତି ଅଭିଯୋଗ ଦାଖଲ କରିବା ଲାଗି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟମାନଙ୍କୁ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟାଳୟ ଯିବାକୁ ପଡ଼ିବ ନାହିଁ କିମ୍ବା କଲ୍ ସେଣ୍ଟର୍‌କୁ ମଧ୍ୟ କଲ୍ କରିବାକୁ ପଡ଼ିବନି। ସେମାନେ ଯେକୌଣସି ସ୍ଥାନରୁ ହ୍ୱାଟସ୍‌ଆପ୍ ଜରିଆରେ ସେହି କାମ କରିପାରିବେ। ସଦସ୍ୟମାନଙ୍କ ନିମନ୍ତେ ଏକ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ଆଣିବାକୁ ଇପିଏଫ୍‌ଓ ଯୋଜନା ରଖିଥିବା ସମ୍ପର୍କରେ ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ସୂଚନା ଦେଇଛନ୍ତି। ଇପିଏଫ୍‌ଓ ସଦସ୍ୟମାନେ ନିଜର ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ପରିଚାଳିତ ହେଉଥିବା ହ୍ୱାଟସ୍‌ଆପ୍ ଜରିଆରେ 'ହେଲୋ' କହି ନିଜର ବାର୍ତ୍ତାଳାପ ଆରମ୍ଭ କରିପାରିବେ। ସଦସ୍ୟମାନଙ୍କ ସୁରକ୍ଷା ପାଇଁ ସେହି ଆକାଉଣ୍ଟ୍‌କୁ ଗ୍ରିନ୍ ଟିକ୍ ଚିହ୍ନ ପ୍ରଦାନ କରାଯାଇଛି। ଫଳରେ ସେମାନେ ତାହାକୁ ସହଜରେ ଚିହ୍ନଟ କରିପାରିବେ। ଦେଶରେ ବହୁ ସଂଖ୍ୟାରେ ଲୋକ ବ୍ୟବହାର କରୁଥିବାରୁ ହ୍ୱାଟସ୍‌ଆପ୍‌କୁ ଏଥିପାଇଁ ଚୟନ କରାଯାଇଥିବା ମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ କହିଛନ୍ତି। ଏହି ସେବା ଆଞ୍ଚଳିକ ଭାଷାରେ ମଧ୍ୟ ଉପଲବ୍ଧ ହେବ। କେତେକ ସାଧାରଣ ପ୍ରଶ୍ନର ଉତ୍ତର ସ୍ୱୟଂକ୍ରିୟ ଭାବେ ଚାଟ୍‌ବଟ୍‌ରୁ ମିଳିଯିବ। ଚବିଶ ଘଣ୍ଟା ସେହି ସେବା ଉପଲବ୍ଧ ହେବ। ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ଆସିଥିବା ମୋଟ୍ ଆପତ୍ତି ଅଭିଯୋଗର ୧୫.୫ ପ୍ରତିଶତ କେବଳ ଶ୍ରମ ମନ୍ତ୍ରଣାଳୟ ବିରୋଧରେ ଆସିଥିଲା। ସେଥିରୁ ଅଧିକାଂଶ ଅଭିଯୋଗ ଇପିଏଫ୍‌ଓର ବିଭିନ୍ନ ସେବା ଯଥା ପିଏଫ୍ ଉଠାଣ, ପେନ୍‌ସନ୍ ଓ ମଜୁରି ସଂକ୍ରାନ୍ତରେ ଥିଲା।

ପ୍ରାରମ୍ଭିକ ପର୍ଯ୍ୟାୟରେ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍‌ରେ ଅସମ୍ପୂର୍ଣ୍ଣ ଆଧାର ପ୍ରମାଣୀକରଣ ଓ ଅଚଳ ଡିବିଟି ବ୍ୟାଙ୍କ ଖାତା ସମସ୍ୟାର ସମାଧାନ ପ୍ରଦାନ କରାଯିବ। ଏହା ସହିତ ପିଏଫ୍ ଖାତା ବାଲାନ୍ସ ଜାଣିବା, ନିକଟରେ ହୋଇଥିବା କାରବାର ଓ ଦାବିର ସ୍ଥିତି ସମ୍ପର୍କିତ ସୂଚନା ମିଳିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶକ୍ତିକୁ ବ୍ୟବହାର କରି ଇପିଏଫ୍‌ଓ ଡାଟାବେସ୍‌ରୁ ଏହି ଚାଟ୍‌ବଟ୍ ଉତ୍ତର ଖୋଜି ସଦସ୍ୟଙ୍କୁ ପ୍ରଦାନ କରିବ।



# ଗ୍ଲୋବାଲ ଇନଭେଷ୍ଟମେଣ୍ଟ ଫ୍ଲୋ ବଦଳାଇ ଦେଇଛି ଏଆଇ ଟ୍ରେଣ୍ଡ୍

ନୂଆଦିଲ୍ଲୀ, ୧୯।୫: ଗ୍ଲୋବାଲ୍ ଇନଭେଷ୍ଟମେଣ୍ଟ ବା ବୈଶ୍ୱିକ ପୁଞ୍ଜିନିବେଶ ପ୍ରବାହକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟ୍ରେଣ୍ଡ୍ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି। ଏହି ପରିବର୍ତ୍ତନ ମଧ୍ୟରେ ଭାରତ ଅନ୍ୟ ପଡୋଶୀ ଦେଶଗୁଡିକ ଠାରୁ ପଛରେ ପଡିଯାଇଛି। ଏ ଦିଗରେ ସବୁଠାରୁ ବଡ଼ କ୍ଷତି ସହିଛି ଭାରତ। ଏକ ବଡ଼ଧରଣର ବିପର୍ଯ୍ୟୟ କ୍ରମେ, ବିଗତ ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଭାରତୀୟ ଶେୟାର ବଜାର ବିଶ୍ୱର ଶୀର୍ଷ ୫ଟି ବୃହତ୍ତମ ବଜାର ତାଲିକାରୁ ବାଦ୍ ପଡ଼ିବା ସ୍ଥିତିକୁ ଚାଲି ଆସିଛି। ଅନ୍ୟପକ୍ଷରେ ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ଦେଶଗୁଡ଼ିକରେ ଏଆଇ କାରଣରୁ ଶେୟାର ବଜାର ବେଶ୍ ଆଗକୁ ବଢ଼ୁଥିବା ବେଳେ, ଭାରତ ପାଖରେ ସେଭଳି କୌଣସି ବୃଦ୍ଧି ଦେଖିବାକୁ ମିଳୁନାହିଁ। ଫଳରେ ଭାରତ ପୂର୍ବ ସ୍ଥିତି ଫେରିପାଇବା ବଦଳରେ ଆହୁରି ପଛକୁ ପଡ଼ିଯିବାର ଆଶଙ୍କା ଦେଖାଦେଇଛି। ଏନେଇ ଜାପାନ ଟାଇମ୍ସରେ ଖବର ପ୍ରକାଶ ପାଇଛି। ଏହାର କାରଣ କେବଳ ଭାରତୀୟ ଶେୟାରଗୁଡ଼ିକର ମୂଲ୍ୟ ଅଧିକ (expensive) ହେବା କିମ୍ବା କମ୍ପାନୀଗୁଡ଼ିକର ଆୟ (corporate earnings) ହ୍ରାସ ପାଇବା ମଧ୍ୟରେ ସୀମିତ ନାହିଁ। ଦିନେ ଯେଉଁ ବୈଶ୍ୱିକ ନିବେଶକମାନେ ଭାରତକୁ ଚୀନ୍ ସହ ସମକକ୍ଷ କରିବା ପାଇଁ ପୋର୍ଟଫୋଲିଓ ପ୍ରସ୍ତୁତ କରୁଥିଲେ, ସେମାନେ ଏବେ ଚିପ୍ ନିର୍ମାଣ କମ୍ପ୍ୟୁଟିଂ ଇନଫ୍ରାଷ୍ଟ୍ରକ୍ଚର ଏବଂ ଏଆଇ ମଡେଲ୍ ଭଳି କ୍ଷେତ୍ରକୁ ପସନ୍ଦ କରୁଛନ୍ତି, ଯାହା ଭାରତୀୟ ବଜାରରେ ପ୍ରାୟତଃ ନାହିଁ। ଯଦିଓ ଭାରତ ପାଖରେ ପ୍ରତିଭା, ଚାହିଦା ଏବଂ ଡିଜିଟାଲ୍ ସ୍କେଲ୍ ଅଛି, ତଥାପି ଏଠାକାର ପ୍ରମୁଖ କମ୍ପାନୀଗୁଡ଼ିକ ଏହି ଏଆଇ ଭିତ୍ତିଭୂମି ନିର୍ମାଣ ସହ ଜଡ଼ିତ ନୁହନ୍ତି। ଫଳରେ ଭାରତୀୟ ବଜାର ଏବେ କେବଳ ଘରୋଇ ବ୍ୟବହାର ବା କଞ୍ଜମ୍ପସନ ଉପରେ ନିର୍ଭର କରି ରହିଯାଇଛି। ଏହା ଏମିତି ଏକ ମାନ୍ଦାବସ୍ଥା ନୁହେଁ ଯେ ଆପଣ କମ୍ ଦାମରେ ଶେୟାର କିଣି ନେବେ। ତେବେ ଏହା କେବଳ ଭାରତର ଆୟ କମିବାର କାହାଣୀ କି ଏହା ଏକ 'ଟର୍ମିନାଲ୍ ଭାଲ୍ୟୁ' (terminal value) ର କାହାଣୀ, ବଜାର ଏପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଆକଳନ କରିପାରି ନାହିଁ। ଆସନ୍ତା ୧୦ ବର୍ଷ ମଧ୍ୟରେ ଏହି ବ୍ୟବସାୟଗୁଡ଼ିକ କେଉଁ ସ୍ଥିତିରେ ଥିବେ, ସେହି ଧାରଣାକୁ ଏବେ ବଦଳାଇବାକୁ ପଡ଼ିବ।" ଏମଏସସିଆଇ ଇଣ୍ଡେକ୍ସରେ ହ୍ରାସ: MSCI ଇମର୍ଜିଂ ମାର୍କେଟ୍ସ ଇଣ୍ଡେକ୍ସରେ ଭାରତର ଅଂଶଧନ ଗତ ବର୍ଷର ୧୯% ରୁ ହ୍ରାସ ପାଇ ଏବେ ପ୍ରାୟ ୧୨% ରେ ପହଞ୍ଚିଛି। ଗତ ୧୨ରୁ ୧୮ ମାସ ମଧ୍ୟରେ ଭାରତରୁ ପ୍ରତ୍ୟାହାର ହୋଇଥିବା ପୁଞ୍ଜିର ପ୍ରାୟ ଦୁଇ-ତୃତୀୟାଂଶ କେବଳ ଏଆଇ କ୍ଷେତ୍ରରେ ନିବେଶ ପାଇଁ ଯାଇଛି। ୧୪ ବର୍ଷର ସର୍ବନିମ୍ନ ସ୍ତରରେ ବିଦେଶୀ ମାଲିକାନା: ଗୋଲ୍ଡମ୍ୟାନ୍ ସାକ୍ସ ଗ୍ରୁପର ହିସାବ ଅନୁସାରେ, ଭାରତୀୟ ବଜାରରେ ବିଦେଶୀ ନିବେଶକଙ୍କ ଅଂଶଧନ ଏବେ ୧୪ ବର୍ଷର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ବିଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଘରୋଇ ସଂସ୍ଥାଗୁଡ଼ିକ ତୁଳନାରେ ବିଦେଶୀ ନିବେଶକଙ୍କ ପାଖରେ କମ୍ ସେୟାର ରହିଛି। ମାର୍କେଟ୍ ଭାଲ୍ୟୁ ହ୍ରାସ: ସେପ୍ଟେମ୍ବର ୨୦୨୪ ରେ ଭାରତୀୟ ଶେୟାର ବଜାର ୫.୭୩ ଟ୍ରିଲିୟନ୍ ଡଲାରର ସର୍ବୋଚ୍ଚ ସ୍ତର ଛୁଇଁଥିଲା ଏବଂ NSE Nifty 50 ବିଶ୍ୱର ସର୍ବୋତ୍ତମ ପ୍ରଦର୍ଶନକାରୀ ବଜାର ଥିଲା। କିନ୍ତୁ ସେହି ସର୍ବୋଚ୍ଚ ସ୍ତର ପରଠାରୁ ଏପର୍ଯ୍ୟନ୍ତ ପ୍ରାୟ ୯୨୪ ବିଲିୟନ ଡଲାରର ବଜାର ମୂଲ୍ୟ ଧୂଳିସାତ ହୋଇଯାଇଛି। ପୁଞ୍ଜି ପ୍ରତ୍ୟାହାର ଓ ମୁଦ୍ରାସ୍ଫୀତି: ଚଳିତ ବର୍ଷ ଅଶୋଧିତ ତେଲ ଦର ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ଆଶଙ୍କା ବଢ଼ିଛି ଏବଂ ଟଙ୍କାର ମୂଲ୍ୟ ହ୍ରାସ ପାଉଛି। ୨୦୨୪ ଶେଷ ସୁଦ୍ଧା ବିଦେଶୀ ନିବେଶକମାନେ ପ୍ରାୟ ୪୨ ବିଲିୟନ ଡଲାରର ନେଟ୍ ପୁଞ୍ଜି ପ୍ରତ୍ୟାହାର କରିସାରିଛନ୍ତି। ନିବେଶକମାନେ ଏବେ ଦକ୍ଷିଣ କୋରିଆ ଏବଂ ତାଇୱାନ ଆଡ଼କୁ ମୁହାଁଉଛନ୍ତି। ଚଳିତ ବର୍ଷ ଏହି ଦୁଇ ଦେଶର ଏଆଇ-ଚାଳିତ ଇକ୍ୱିଟି ବେଞ୍ଚମାର୍କ ଯଥାକ୍ରମେ ୭୮% ଏବଂ ୪୨% ବୃଦ୍ଧି ପାଇଛି। ଅପରପକ୍ଷରେ, ଭାରତର ଶେୟାର ସୂଚକାଙ୍କ ପ୍ରାୟ ୯% ରୁ ଅଧିକ ହ୍ରାସ ପାଇଛି, ଯାହା ଗତ ଏକ ଦଶନ୍ଧିର କ୍ରମାଗତ ବୃଦ୍ଧି ପରେ ପ୍ରଥମ ବାର୍ଷିକ ହ୍ରାସ ଆଡ଼କୁ ଗତି କରୁଛି। ବର୍ତ୍ତମାନ ଏହି ଦୁଇ ଉତ୍ତର ଏସୀୟ ବଜାର ଭାରତର ମୋଟ୍ ଇକ୍ୱିଟି ବଜାର ମୂଲ୍ୟକୁ ଅତିକ୍ରମ କରିବା ପାଇଁ ମାତ୍ର ୫୦୦ ବିଲିୟନ ଡଲାର ପଛରେ ଅଛନ୍ତି।



# ଜିଡିପି ଅଭିବୃଦ୍ଧି ୬.୨%କୁ ଖସିବ: ଇକ୍ରା

ନୂଆଦିଲ୍ଲୀ, ୧୯।୫: ୨୦୨୬-୨୭ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୨ ପ୍ରତିଶତକୁ ହ୍ରାସ ପାଇବ। ରେଟିଂ ଏଜେନ୍ସି ଇକ୍ରା ନୂଆ ଆକଳନରେ ଏହା ଦର୍ଶାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଉଚ୍ଚସ୍ତରରେ ରହିବ। ଏହାର ପ୍ରଭାବରେ ଭାରତର ଜିଡିପି ଅଭିବୃଦ୍ଧି ବ୍ୟାହତ ହେବ। ପୂର୍ବରୁ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ଇକ୍ରା ଆକଳନ କରିଥିଲା। ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୭.୫ ପ୍ରତିଶତ ରହିବ, ଯାହାକି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ କରାଯାଇଥିବା ଆକଳନ ତୁଳନାରେ ୦.୧ ପ୍ରତିଶତ କମ୍। ୨୦୨୫-୨୬ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ଏନ୍‌ଏସ୍‌ଓ ଏହାର ଦ୍ୱିତୀୟ ଅଗ୍ରିମ ଆକଳନରେ ଦର୍ଶାଇଥିଲା। ଅଶୋଧିତ ତେଲ ଦର ୨୦୨୬-୨୭ ଆର୍ଥିକବର୍ଷରେ ବ୍ୟାରେଲ ପିଛା ହାରାହାରି ୯୫ ଡଲାର ରହିବ ବୋଲି ଆକଳନ କରାଯାଇଛି। ପୂର୍ବ ଆକଳନରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୫ ଡଲାର ରହିବ ବୋଲି ଦର୍ଶାଯାଇଥିଲା। ଏଥିସହିତ ଭାରତର ଜିଡିପି ଅଭିବୃଦ୍ଧିକୁ ମଧ୍ୟ ୬.୫ ପ୍ରତିଶତରୁ ୬.୨ ପ୍ରତିଶତକୁ ହ୍ରାସ ପାଇବା ନେଇ ଆକଳନ କରାଯାଇଛି ବୋଲି ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି।




# ନାଲକୋରେ ନିଯୁକ୍ତି ସୁଯୋଗ

ନୂଆଦିଲ୍ଲୀ, ୧୯।୫: ନ୍ୟାସନାଲ ଆଲୁମିନିୟମ କମ୍ପାନି ଲିମିଟେଡ୍ (ନାଲକୋ) ଏକ ନୂତନ ନିଯୁକ୍ତି ବିଜ୍ଞପ୍ତିର ଘୋଷଣା କରିଛି। ଆଇଟିଆଇ ଡିପ୍ଲୋମା କିମ୍ବା ଅନ୍ୟାନ୍ୟ ବୈଷୟିକ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ଏହି ନିଯୁକ୍ତି ପାଇଁ ଆବେଦନ କରିବାର ସୁଯୋଗ ରହିଛି। ପ୍ରାର୍ଥୀଙ୍କ ଚୟନ କମ୍ପ୍ୟୁଟର-ଆଧାରିତ ପରୀକ୍ଷା ଏବଂ ଏକ ଟ୍ରେଡ ଟେଷ୍ଟ ଉପରେ ଆଧାରିତ ହେବ। ଏହି ନିଯୁକ୍ତିରେ ଅପରେଟର, ଟେକ୍ନିସିଆନ୍, ମାଇନିଂ ମେଟ ଏବଂ ଜୁନିଅର ଫୋରମ୍ୟାନ୍ ସମେତ ବିଭିନ୍ନ ପଦବି ଅନ୍ତର୍ଭୁକ୍ତ ରହିଛି। ନିର୍ଦ୍ଦିଷ୍ଟ ପଦବି ପାଇଁ ସର୍ବାଧିକ ବୟସ ସୀମା ୨୭ ବର୍ଷ ଧାର୍ଯ୍ୟ କରାଯାଇଛି। ସେହିପରି ଅଭିଜ୍ଞତା ଆବଶ୍ୟକ କରୁଥିବା ପଦବି ପାଇଁ ବୟସ ସୀମା ୩୫ ରୁ ୪୦ ବର୍ଷ ମଧ୍ୟରେ ସ୍ଥିର କରାଯାଇଛି। ସଂରକ୍ଷିତ ବର୍ଗର ପ୍ରାର୍ଥୀମାନଙ୍କୁ ପ୍ରଯୁଜ୍ୟ ନିୟମ ଅନୁଯାୟୀ ବୟସ ଛାଡ଼ ପ୍ରଦାନ କରାଯିବ। ପ୍ରାର୍ଥୀମାନଙ୍କ ପାଖରେ ଆଇଟିଆଇ, ଡିପ୍ଲୋମା କିମ୍ବା ପ୍ରାସଙ୍ଗିକ ଟ୍ରେଡର ପ୍ରମାଣପତ୍ର ଥିବା ବାଧ୍ୟତାମୂଳକ। କିଛି ପଦବି ପାଇଁ ପ୍ରାର୍ଥୀମାନେ ଦଶମ ଶ୍ରେଣୀ ପାସ୍ କରିଥିବାର ମଧ୍ୟ ଆବଶ୍ୟକ ରହିଛି। ସେହିପରି ଆଉ କିଛି ପଦବି ପାଇଁ ଦୁଇ ବର୍ଷର ପ୍ରାସଙ୍ଗିକ କାର୍ଯ୍ୟର ଅଭିଜ୍ଞତା ଥିବା ବାଧ୍ୟତାମୂଳକ କରାଯାଇଛି। ଏହି ନିଯୁକ୍ତି ପାଇଁ ସାଧାରଣ, ଓବିସି ଏବଂ ଇଡବ୍ଲୁଏସ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଆବେଦନ ଫି ୧୦୦ ଟଙ୍କା ରଖାଯାଇଛି। ଏହି କ୍ରମରେ ଏସସି, ଏସଟି ଏବଂ ଭିନ୍ନକ୍ଷମ ବ୍ୟକ୍ତି (ଦିବ୍ୟାଙ୍ଗ) ବର୍ଗର ପ୍ରାର୍ଥୀମାନଙ୍କ ସହିତ କିଛି ଅନ୍ୟ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଆବେଦନ ଫି ଛାଡ଼ କରାଯାଇଛି।




ପ୍ରାର୍ଥୀମାନଙ୍କୁ ଏକ କମ୍ପ୍ୟୁଟର-ଆଧାରିତ ପରୀକ୍ଷା ମାଧ୍ୟମରେ ଚୟନ କରାଯିବ। ପରୀକ୍ଷାରେ ୧୦୦ଟି ବହୁବିକଳ୍ପ ପ୍ରଶ୍ନ ରହିବ। କିଛି ପଦବି ପାଇଁ ଏକ ଟ୍ରେଡ ଟେଷ୍ଟ ମଧ୍ୟ କରାଯିବ।ପ୍ରାର୍ଥୀମାନେ **nalcoindia.com** କୁ ଯାଇ ଆବେଦନ କରିପାରିବେ। କ୍ୟାରିୟର ବିଭାଗରେ ଭର୍ତ୍ତି ଲିଙ୍କକୁ ଖୋଲି ଫର୍ମ ଭରିବାକୁ ହେବ। ଆବେଦନ ଫର୍ମ ଦାଖଲ କରିବା ପରେ ପ୍ରାର୍ଥୀମାନେ ଉକ୍ତ ଆବେଦନର ଏକ ପ୍ରିଣ୍ଟଆଉଟକୁ ନିଜ ପାଖରେ ସାଇତି ରଖନ୍ତୁ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନଶ୍ୱେରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ସୁନନ୍ଦନ ମେଧା ବୃତ୍ତି ସମ୍ମାନ ସମାରୋହ ଅନୁଷ୍ଠିତ




ବାରିପଦା,୧୯।୫ (ସଂଚାର ବ୍ୟୁରୋ):ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ "ସୁନନ୍ଦନ ମେଧା ବୃତ୍ତି ସମ୍ମାନ - ୨୦୨୬ " ସମାରୋହ ଅନୁଷ୍ଠିତ ହୋଇଯାଇଛି । ୧୯୭୫ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଦିବଂଗତ ପୁତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ର ବା ଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥାଏ । ଚଳିତ ବର୍ଷ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ସରସ୍ୱତୀ ବିଦ୍ୟାବିହାରର ଛାତ୍ର ପାର୍ଥସାରଥି ମହାନ୍ତ ରାଜ୍ୟରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି । ତାଙ୍କୁ ଉପଢୌକନ, ଫଳକ, କଲର କିଟ ଓ ସମ୍ବର୍ଦ୍ଧନା ପତ୍ର, ସହ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା । ତତସହିତ ପରିବାର ତରଫରୁ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଯୋଗଦେଇ ପୁରସ୍କାର ବିତରଣ କରିବା ସହ ବର୍ଷତମାମ ପରିବାର ଦ୍ୱାରା ଆୟୋଜିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।

### ବିବାଦର ପୂର୍ଣ୍ଣଛେଦ ମୃତ୍ୟୁରେ ଶେଷ

## ଚିକିତ୍ସାଧୀନ ଅବସ୍ଥାରେ ରାହୁଲର ମୃତ୍ୟୁ



ଅସ୍ତରଙ୍ଗ / କାକଟପୁର,୧୯।୫ (ସଂଚାର ବ୍ୟୁରୋ): ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ ନିଜ ମାଇଁର ଭଉଣୀକୁ ହତ୍ୟା କରିବା ପରେ ଭଣଜା କୀଟନାଶକ ଔଷଧ ପିଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ସ୍ମୃତିରଞ୍ଜନଙ୍କ ମୃତ୍ୟୁବରଣ କରିଛନ୍ତି ।

ପୁରୀ ଜିଲ୍ଲା କାକଟପୁର ଥାନା ଅଧିକ କାକଟପୁରରୁ କୋଣାର୍କ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଶଙ୍କେଶ୍ୱର ଠାରେ ମଲ୍ଲିକ କଲ୍ୟାଣୀ ମଣ୍ଡପ ନିକଟରେ ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ ହତ୍ୟାକାଣ୍ଡ ହୋଇଥିଲା। ଦୀର୍ଘ ଦିନ ହେବ ଅଲେଖ ମଲ୍ଲିକଙ୍କ ଘରେ ଭଣଜା ସ୍ମୃତିରଂଜନ ସ୍ୱାଇଁ ଓରଫ ରାହୁଲ ରହୁଥିବା ବେଳେ ଅଲେଖ ଶାଳୀ ମିଲିପ୍ରିୟା ବେହେରା ମଧ୍ୟ ରହୁଥିଲେ। କିନ୍ତୁ ବିବାଦ କାରଣ ସ୍ପଷ୍ଟ ହୋଇନଥିବା ବେଳେ ମାମୁ ଅଲେଖ ଓ ଭଣଜା ରାହୁଲଙ୍କ ମଧ୍ୟରେ ବିବାଦ ହେବାରୁ ରାହୁଲକୁ ମାମୁଁ ଘରୁ ବାହାର କରିଦେଇଥିଲେ। କିନ୍ତୁ ବିବାଦ ପଛର କାରଣ ଅନେକ ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ଏବେ ହତ୍ୟାକାଣ୍ଡ ପରେ ରାହୁଲ କିଛି ଦୂରରେ ପଡିବା ଓ ଏହା ପରେ ରାହୁଲଙ୍କୁ ପୁଲିସ ଉଦ୍ଧାର କରି ଚିକିତ୍ସା କରିବା ଘଟଣା ପରେ ଏବେ ସାମ୍ନାକୁ ଆସିଛି ହତ୍ୟାକାଣ୍ଡ ଘଟାଇବା ପରେ ରାହୁଲ ଘାସମରା ଔଷଧ ପିଇଥିବା ବେଳେ ପ୍ରାଥମିକ ଅବସ୍ଥାରେ ଚିକିତ୍ସା ପାଇଁ ବାଙ୍ଗୁରିଗାଁ ମେଡିକାଲ ପରେ ପୁରୀ ମେଡିକାଲ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ରାହୁଲକୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କାକଟପୁର ଥାନା ଅଧିକାରୀ ଶ୍ରୀ ବସନ୍ତ କୁମାର ସାହୁ କହିଛନ୍ତି। ଯାହା ସାଧରଣନାରେ ଚର୍ଚ୍ଚା ହେଉଛି ପ୍ରେମ ପାଇଁ ଯୁବକ ଯୁବତୀଙ୍କ ମୃତ୍ୟୁ ହୋଇଗଲା ପ୍ରେମ ଏଠି ଅଧା ରହିଗଲା ।

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା 'ମୟୂରଭଞ୍ଜ ବେଷ୍ଟ ଡ୍ୟାନ୍ସର ସିଜିନ ୪' କାର୍ଯ୍ୟକ୍ରମ ଅନୁଷ୍ଠିତ




ବେତନଟୀ,୧୯।୫ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନାଛକ ନିକଟରେ ଭୂମି ଡାନ୍ସ ଷ୍ଟୁଡ଼ିଓ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା "ମୟୂରଭଞ୍ଜ ବେଷ୍ଟ ଡ୍ୟାନ୍ସର ସିଜିନ ୪" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୂମି ଡାନ୍ସ ଷ୍ଟିଡ଼ିଓର ଫାଉଣ୍ଡର ସିପୁନ କୁମାର ସାମଲଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ୪ ବର୍ଷ ଧରି ଧୁମଧାମରେ ହୋଇ ଆସୁଥିବା ବେଳେ ଏଥିରେ ମୟୂରଭଞ୍ଜ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ନାମୀ ଦାମୀ ଡ୍ୟାନ୍ସର ମାନେ ଭାଗ ନେଇଥାନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୋଲୋ, ଡୁଏଟ, ଗ୍ରୁପ ଡାନ୍ସ ପ୍ରତିଯୋଗିତା ପାଇଁ ସିନିଅର, ଜୁନିଅର, ସବ ଜୁନିଅର ବର୍ଗର ପ୍ରତିଯୋଗୀମାନେ ଭାଗ ନେଇଥିଲେ।

ପୁରୀ, ବ୍ରହ୍ମପୁର, ଜାମସେଦପୁର, ଭୁବନେଶ୍ୱର ସମେତ ଅନେକ ଜିଲ୍ଲାରୁ ପ୍ରତିଯୋଗୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତା ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବେତନଟୀ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ବରିଷ୍ଠ ସମାଜସେବୀ ଅମର ସେଠୀ, ବରିଷ୍ଠ ନେତା ଜ୍ୟୋତିକାନ୍ତ ସାମଲ ସମେତ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗ୍ରୁପ ଡାନ୍ସ ପ୍ରତିଯୋଗିତାରେ ଡିସ୍କୋ ଏଣ୍ଡ ଫୋଙ୍କ, ବ୍ରହ୍ମପୁର ଗ୍ରୁପ ଚମ୍ପିୟାନ ହୋଇଥିବା ବେଳେ ତାଙ୍କୁ ଟ୍ରଫି, ସାର୍ଟିଫିକେଟ ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ସବୁ ବର୍ଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି, ଟ୍ରଫି, ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା।

### ଅସ୍ତରଙ୍ଗ ବିଦ୍ୟୁତ ବିଭାଗ ଅଞ୍ଚଳରେ ବିଜୁଳି ଚୋରି

# ବେଆଇନ ଚିଙ୍ଗୁଡ଼ି ଘେରିକୁ ବିଦ୍ୟୁତ ସଂଯୋଗ

### ସୌଭାଗ୍ୟ ଯୋଜନାରେ ଘେରିକୁ ଦିଆଯାଇଛି ସଂଯୋଗ



କାକଟପୁର/ଅସ୍ତରଙ୍ଗ,୧୯।୫ (ସଂଚାର ବ୍ୟୁରୋ): ଯେଉଁ ଅଂଚଳରେ ଚିଙ୍ଗୁଡ଼ି ଘେରି କରିବା ଅପରାଧ ସେଠାରେ ଥିବା ଘେରିକୁ ବିଜୁଳି ସଂଯୋଗ ମିଳିଛି। ସାଧାରଣ ଲୋକଟିଏ ବିଦ୍ୟୁତ ସଂଯୋଗ ପାଇବାକୁ ଦହଗଞ୍ଜ ହେଉଥିବା ବେଳେ ବେଆଇନ ଚିଙ୍ଗୁଡ଼ି ଘେରି ସହ କରତ କଳ (କାଠ ମିଲ)କୁ ସହଜରେ ବିଜୁଳି ସଂଯୋଗ ମିଳିଯାଉଛି।

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେବା ସହ ଜୈବ ବିବିଧତା ଦୃଷ୍ଟିରୁ ଏହି ଅଂଚଳ ଗୁରୁତ୍ୱପୂର୍ଣ୍ଣ। ସରକାରୀ କଟକଣା ସହ ସିଆରଜେଡ ଆଇନକୁ ଉଲ୍ଲଙ୍ଘନ କରି ଅସ୍ତରଙ୍ଗ ତହସିଲ ଅଧୀନ ଅସ୍ତରଙ୍ଗ ଶିଶୁଅ, ଛୁରୀଆନା, ଝାଡ଼ଲିଙ୍ଗ, ନୂଆଗଡ, ନଗର ଓ ଆଳସାହି ପଂଚାୟତ ଅଂଚଳରେ ଗଢି ଉଠିଛି ଶତାଧିକ ବେଆଇନ ଚିଙ୍ଗୁଡ଼ି ଘେରି। ପ୍ରାୟ ୫୦ପ୍ରତିଶତ ବେଆଇନ ଚିଙ୍ଗୁଡ଼ି ଘେରିକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଏଠାରେ ଅନେକ ଚିଙ୍ଗୁଡି ମାଲିକ ମନଇଚ୍ଛା ଘେରିକୁ ବିଦ୍ୟୁତ ସଂଯୋଗ କରିଥିବା ବେଳେ ସୌଭାଗ୍ୟ ଯୋଜନାରେ ଘେରିକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି।

ପ୍ରତିଦିନ ଅତିକମ୍‌ରେ ୫ରୁ ୭ଥର ବିଦ୍ୟୁତ କାଟ କରାଯାଉଛି। ଦୁର୍ବଳ ଭିତ୍ତିଭୂମି ପାଇଁ ତାର ଛିଣ୍ଡିବା ନିତିଦିନିଆ ଘଟଣା। ବିଶେଷ କରି ଗ୍ରୀଷ୍ମ ଦିନରେ ଅନେକ ଥର ବିଦ୍ୟୁତ କାଟ ସମସ୍ୟା କାରଣ। ସ୍ଥାନୀୟ ଅଂଚଳରେ ଶତାଧିକ ଚିଙ୍ଗୁଡ଼ି ଘେରି ଥିବାରୁ ବିଦ୍ୟୁତ ଖର୍ଚ୍ଚ ହେଉଛି। ଯାହା ଚର୍ଚ୍ଚା ହେଉଛି ବିଦ୍ୟୁତ ବିଭାଗର କିଛି କର୍ମଚାରୀ ଚିଙ୍ଗୁଡି ମାଲିକଙ୍କ ଠାରୁ ଭିତିରି ବୁଝାମଣା କରି ବେଆଇନ ଭାବେ ବିଦ୍ୟୁତ ସଂଯୋଗ ଦେଇଛନ୍ତି। ସରକାର ବିଦ୍ୟୁତ ସଂଚୟ ପାଇଁ ସଚେତନ କରୁଥିବା ବେଳେ ଏଠାରେ ବିଦ୍ୟୁତର ଅପଚୟ କରାଯାଉଛି। ବରଫ ଫ୍ୟାକ୍ଟି କିମ୍ବା ଚିଙ୍ଗୁଡ଼ି ଘେରି ଅଥବା ବେଆଇନ ଭାବେ ଗଢି ଉଠିଥିବା କରତ କଳକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଇଛି। ଯାହା ଫଳରେ ସ୍ଥାନୀୟ ଅଂଚଳରେ ବିଦ୍ୟୁତ ସଙ୍କଟ ଦେଖାଦେଇଛି।

ଏ ସମ୍ପର୍କରେ ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି ସୌଭାଗ୍ୟ ଯୋଜନା କେବଳ ଘରୋଇ ହିତାଧିକାରୀ ଦେବାକୁ ଉଦ୍ଦିଷ୍ଟ। କର୍ମଚାରୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି ବିଭିନ୍ନ ଘେରି ପରିଦର୍ଶନ କରି ବିଦ୍ୟୁତ ବିଛିନ୍ନ କରିବେ ବୋଲି ଜଣାପଡିଛି। ସ୍ଥାନୀୟ ବାସିନ୍ଦା, ପରିବେଶବିତ୍ ଦାବି କରିଛନ୍ତି ବେଆଇନ ଚିଙ୍ଗୁଡି ଘେରି ଯୋଗୁଁ ପରିବେଶ ବିଗୁଡୁଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଉଚ୍ଛେଦ କରିବାକୁ।

## ମୋରଡ଼ା ଥାନାଧିକାରୀଙ୍କ ବିରୋଧରେ ବିଚାର ବିଭାଗୀୟ ତଦନ୍ତ ଦାବି



ବାରିପଦା,୧୯।୫ (ସଂଚାର ବ୍ୟୁରୋ): ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ କଂଗ୍ରେସ ନେତା ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୟୁରଭଞ୍ଜ ଜିଲ୍ଲା ମୋରଡା ଥାନା ଅଧିକାରୀଙ୍କ ଧମକରେ ପୀଡିତା ନାବାଳିକା ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ସମ୍ପର୍କରେ ବିଚାର ବିଭାଗୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ କିଛି ଦିନ ତଳେ ମୋରଡା ଥାନା ଅଞ୍ଚଳର ଜନୈକ ଯୁବକ, ଅଭିଯୋଗକାରିଣୀ ନାବାଳିକା ଛାତ୍ରୀଙ୍କୁ ବାରମ୍ବାର ପ୍ରେମ ନିବେଦନ ସହ ଅସଦାଚରଣ କରିବାକୁ ନେଇ ପିଡିତା ଛାତ୍ରୀ ଅତିଷ୍ଠ ହୋଇ ସଂପୃକ୍ତ ଥାନାରେ ଏତଲା ଦେବାକୁ ଯାଇଥିବା, ଥାନା ଏତାଲା ଫେରାଇବା ପରେ ବେତନଟୀ ଏସଡ଼ିପିଓକୁ ଘଟଣା ସମ୍ପର୍କରେ ଅବଗତ କରାଇ ପୁନଶ୍ଚ ଥାନାକୁ ଯିବା ପରେ ଥାନାବାବୁ କ୍ଷୁବ୍ଧ ଓ ପ୍ରତିଶୋଧ ପରାୟଣ ହୋଇ ତୁମକୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ କରାଇ ଦେବାରେ ଧମକ ଯୋଗୁଁ ଛାତ୍ରୀ ସଜ୍ଞାହୀନ ହେବା ଏବଂ ପରେ ଡାକ୍ତରଖାନାରେ ଭର୍ତ୍ତି ହେବା ସମ୍ବାଦ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଯାହାକୁ ନେଇ ଜିଲ୍ଲାର ବୁଦ୍ଧିଜୀବୀ, ଅଭିଭାବକ ପୁଲିସର ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିବା ସହ, ଆଇନ୍‌ର ରକ୍ଷକ ପୁଲିସ ରାଜନୈତିକ ଚାପରୁ ଉର୍ଦ୍ଧ୍ୱରେ ନ ରହିଲେ ମହିଳା, ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ବୋଲି ଉକ୍ତ ଦାବିପତ୍ର ରେ ଉଲେଖ କରାଯାଇଅଛି ।

ପ୍ରକାଶଥାଉକି, ଗତ ତା ୧୨.୫.୨୬ ରିଖରେ ବିଭିନ୍ନ ଥାନାରେ ମହିଳାମାନଙ୍କୁ ସଠିକ୍ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଏବଂ ଆରକ୍ଷୀ ଅଧିକ୍ଷକ, ମୟୂରଭଞ୍ଜକୁ ବିରୋଧୀ କଂଗ୍ରେସ, ସିପିଆଇ ଏବଂ ସିପିଏମ ପକ୍ଷରୁ ଅବଗତ କରାଇଥିଲେ ସୁଦ୍ଧା, ପୁନଶ୍ଚ ଘଟଣାର ପୁନରାବୃତ୍ତି ହେଉଛି।

ଏଣୁ, ଏଭଳି ସମ୍ବେଦନଶୀଳ ଘଟଣାର ସତ୍ୟତାକୁ ଲୋକଲୋଚନକୁ ଆଣିବା ଓ ଥାନାରେ କୁଲିସର କାର୍ଯ୍ୟଶୈଳୀକୁ ସୁଧାରିବାକୁ, ଜିଲ୍ଲାର ମାଜିଷ୍ଟ୍ରେଟ୍ ଭାବେ ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରାଯାଇଅଛି ।

## ବିନା ନୋଟିସରେ ଛଟେଇ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ



ଯାଜପୁର,୧୯।୫ (ସଂଚାର ବ୍ୟୁରୋ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକ ଆନ୍ଦୋଳନ ନୀତିଦିନିଆ ଘଟଣା ପାଲଟିଛି। ଏପରିକି କାରଖାନା ପଦାଧିକାରୀମାନେ ଶ୍ରମ ନିୟମ ଉଲ୍ଲଙ୍ଘନ କରି ଶ୍ରମିକ ଛଟେଇକୁ ଆପଣେଇଛନ୍ତି। ଯାହାକି କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଜଟିଆ ଷ୍ଟିଲରେ ଏଭଳି ଘଟଣା ଦେଖିବାକୁ ମିଳିଛି । କାରଣ ବିନା ନୋଟିସରେ ଜଟିଆ ଷ୍ଟିଲ ଷ୍ଟିଲରେ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ପ୍ରାୟ ୩୫ଜଣ ଶ୍ରମିକଙ୍କୁ ବିନା ନୋଟିସରେ ଛଟେଇ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଦିନ ଜଟିଆ ଷ୍ଟିଲ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଛି । ଏହି ଶ୍ରମିକମାନେ ଦୀର୍ଘ ଏକ ବର୍ଷ ଧରି ଠିକାଦାର ମଦନ ମୋହନ ଶର୍ମାଙ୍କ ଅଧୀନରେ କାମ କରୁଥିବା ବେଳେ, ଏପରି ହଠାତ ଛଟେଇକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

## ପୂର୍ବ ଶତ୍ରୁତାରୁ ଦୁଇ ଗୋଷ୍ଠୀ ମଧ୍ୟରେ ଖଣ୍ଡଯୁଦ୍ଧ, ୫ରୁ ଉର୍ଦ୍ଧ୍ୱ ଆହତ



ହିଞ୍ଜିଳିକାଟୁ, ୧୯।୫ (ସଂଚାର ବ୍ୟୁରୋ): ହିଞ୍ଜିଳି ପୌରାଞ୍ଚଳସ୍ଥିତ ୬ ନଂ ୱାର୍ଡ ଫାୟାର ଷ୍ଟେସନ ରୋଡରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡା କାତି ଓ ମାରଣାସ୍ତ୍ର ଯୋଗେ ଆକ୍ରମଣ ଓ ପ୍ରତିଆକ୍ରମଣରେ ୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗତ ବିଳମ୍ବିତ ରାତ୍ରୀରେ ଅନ୍ୟ ଏକ ସାହିରୁ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆସି ଏଭଳି କାଣ୍ଡ ଭିଆଇଥିବା ଜଣାପଡିଛି। ଆହତଙ୍କୁ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଯୋଗେ ଭର୍ତ୍ତି କରାଯାଇଥିବା ବେଳେ ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଉଭୟ ଗୋଷ୍ଠୀର କିଛି ଯୁବକ ବ୍ରହ୍ମପୁର ସ୍ଥାନାନ୍ତର ହୋଇଥିବା ବେଳେ ପରିଚୟ ମିଳି ପାରିନାହିଁ। ଅନ୍ୟପଟେ ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ଈଶ୍ୱରପୁର ସେବା ସମବାୟ ସମିତି ସଭାପତିଙ୍କ ପୁନଃଯୋଗଦାନ



ନୀଳଗିରି,୧୯।୫ (ସଂଚାର ବ୍ୟୁରୋ): ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ସେବା ସମବାୟ ସମିତିର ବିବାଦର ଅନ୍ତ ହୋଇଛି। ଏହି ସମିତିରେ ସଭାପତି ଭାବେ ଭାଗବତ ଖିଲାର ଲଗାତାର ଦୁଇ ଥର ନିର୍ବାଚିତ ହୋଇ ସମିତିର ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଆସୁଛନ୍ତି।

ଏଣୁ ଶ୍ରୀ ଖିଲାରଙ୍କ ମତ ଅନୁଯାୟୀ ତାଙ୍କର ସେବାକାର୍ଯ୍ୟରେ ଅସହ୍ୟ ହୋଇ ଆକ୍ରୋଶ ମୂଳକ ଭାବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସ୍ଥାନୀୟ ନେତାଙ୍କ ଚାପରେ ତା୨୮/୦୧/୨୦୨୬ ରିଖ ଚିଠି ସଂଖ୍ୟା ୩୧୦ ମୂଳେ ବାଲେଶ୍ୱର ସେବା ସମବାୟ ସମିତି ସମୂହର ଉପନିବନ୍ଧକ ପରିଚାଳନା କମିଟି ଏବଂ ସଭାପତିଙ୍କୁ ବହିଷ୍କୃତ ଆଦେଶ ଦେଇଥିଲେ। ଏହା ବିରୋଧରେ ସଭାପତି ଶ୍ରୀ ଖିଲାର ଏବଂ ପରିଚାଳନା କମିଟି ସଦସ୍ୟମାନେ ବାଲେଶ୍ୱର ଏବଂ ପରେ ପରେ ଭୁବନେଶ୍ୱର ସ୍ଥିତ ସମବାୟ ନ୍ୟାୟାଧିକରଣ ନିକଟରେ ଆବେଦନ କରିଥିଲେ। ନ୍ୟାୟାଧିକରଣ ବିଚାର କରି ତା ୧୨/୫/୨୬ ଆବେଦନ ଆଦେଶ ସଂଖ୍ୟା ୦୯ ମୂଳେ ଶ୍ରୀ ଖିଲାରଙ୍କ ବହିଷ୍କୃତ ଆଦେଶକୁ ରଦ୍ଦ କରି କାର୍ଯ୍ୟରେ ଯୋଗଦାନ କରିବା ଏବଂ ସମସ୍ତ ପ୍ରତିପକ୍ଷଙ୍କୁ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏନେଇ ଶ୍ରୀ ଖିଲାର ଏବଂ ପରିଚାଳନା ସଦସ୍ୟ ସମୂହ ତା ୧୮/୫ ରିଖ ରେ ଈଶ୍ୱରପୁର ସେବା ସମବାୟ ସମିତି କାର୍ଯ୍ୟାଳୟର ଭାରପ୍ରାପ୍ତ ସମ୍ପାଦକ ଅଶୋକ ଜେନା ଙ୍କୁ ନ୍ୟାୟାଧିକରଣଙ୍କ ଆଦେଶକୁ ବିଧିବଦ୍ଧ ଭାବେ ଦେଇ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହି ସମୟରେ ପରିଚାଳନା ସଦସ୍ୟ, ଚାଷୀ କମିଟି ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ଗୋବର୍ଦ୍ଧନପୁରରେ କଂଗ୍ରେସର ବିଶାଳ କର୍ମୀ ସମ୍ମିଳନୀ



ଯାଜପୁର,୧୯।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତର ମାନପୁରଠାରେ କଂଗ୍ରେସ ଦଳ ପକ୍ଷରୁ ଏକ ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସଭାରେ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ବାଳ ସଭାପତିତ୍ୱ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଯୋଗଦେଇ କର୍ମୀଙ୍କ ମଧ୍ୟରେ ନୂତନ ଜୋସ ଭରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ଆଗାମୀ ଦିନରେ ଅଞ୍ଚଳରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ହେବ। ଜନସାଧାରଣଙ୍କ ମୌଳିକ ସମସ୍ୟା ଉପରେ ସ୍ୱର ଉତ୍ତୋଳନ କରିବା ସହ ଲୋକଙ୍କ ସୁଖଦୁଃଖର ସାଥୀ ହେବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ସଦାସର୍ବଦା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିଆସିଛି ଏବଂ ଆଗକୁ ଏହି ଲଢ଼େଇକୁ ଆହୁରି ଜୋରଦାର କରାଯିବ ବୋଲି ଶ୍ରୀ ରାଉତ ପ୍ରକାଶ କରିଥିଲେ।

ସମ୍ମିଳନୀରେ ସୁକିନ୍ଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଂଗ୍ରେସର ବିକାଶମୂଳକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ନିର୍ବାଚନୀ ରଣନୀତି ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଶତାୟୁ ମହିଳାଙ୍କ ପରଲୋକ



ମାର୍ଶାଘାଇ,୧୯।୫ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ଅନ୍ତର୍ଗତ ଦଶିପୁର ଗ୍ରାମର ବୃଦ୍ଧା ବସି ବେୱାଙ୍କ ୧୦୦ ବର୍ଷରେ ସୋମବାର ଦିନ ଦେହାନ୍ତ ହୋଇଯାଇଛି। ବସି ବେୱା ଜଣେ ଧର୍ମପରାୟଣା ବୃଦ୍ଧା ଥିଲେ। ତାଙ୍କ ନିଧନରେ ପଞ୍ଚାୟତରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଛି। ବଡ ପୁତ୍ର ରାଜ କିଶୋର ଦାଶ, ମୁଖାଗ୍ନି ଦେଇଥିବା ବେଳେ ପାଖରେ ପୁତ୍ର ରବିନ୍ଦ୍ର ଦାଶ, କବିନ୍ଦ୍ର ଦାଶ, ୩ ଝିଅ ବିଦ୍ୟୁତ ପ୍ରଭା,ଲିଲିବାଳା ଚିତ୍ରରେଖାଙ୍କ ସହିତ ନାତି ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ କାନ୍ତ ଦାଶ, ସୁବ୍ରତ ଦାଶ,ସୁନିଲ ଦାଶ, ସୌମ୍ୟା ଶୋଭନ ରଥ, ଦେବାଶିଷ ବ୍ରହ୍ମା, ସଂଗ୍ରାମ ଦାଶ, ଦୁର୍ଗା ପଦ ଦାଶ,ତାରାପଦ ଦାଶ, ଅରବିନ୍ଦ ଦାଶ,ଙ୍କ ସମେତ ସମସ୍ତ ନାତି ଅଣନାତି ଅଭିଷେକ ଦାଶ,ଜ୍ୱାଇଁ ରାଧା ରମଣ କର, ପ୍ରମୋଦ ରଥ,ଶରତ ବ୍ରହ୍ମା ଏବଂ ପରିବାର ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି।

## ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ



ହିଞ୍ଜିଳିକାଟୁ,୧୯।୫ (ସଂଚାର ବ୍ୟୁରୋ): ସ୍ୱଚ୍ଛ ଭାରତ ଗ୍ରାମୀଣ ଅଭିଯାନ ଅଧୀନରେ ଆୟୋଜିତ ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ – ମିଶନ ଜିରୋ ପ୍ଲାଷ୍ଟିକ ଭିଜିବିଲିଟି କାର୍ଯ୍ୟକ୍ରମ ଆଜି ହିଞ୍ଜିଳି ବ୍ଲକ ବଡ଼ଖଣ୍ଡି ଗ୍ରାମପଂଚାୟତ ଅନ୍ତର୍ଗତ ସମରଝୋଳ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଯୋଗଦେଇ ସ୍ୱଚ୍ଛତାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ସହ ପ୍ଲାଷ୍ଟିକମୁକ୍ତ ଗଞ୍ଜାମ ଗଠନ ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅଭିଯାନ ଆରମ୍ଭ କରାଯାଇ ସ୍ଥାନୀୟ ଲୋକଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି ଜନସଚେତନତା କାର୍ଯ୍ୟକ୍ରମରେ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ଚନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳାଇ ସମେତ ଅଙ୍ଗନବାଡି କର୍ମୀ,ବ୍ୟବସାୟ ସଂଘ,ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




କେନ୍ଦ୍ରାପଡା,୧୯।୫ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ଏହି ଅଭିଯୋଗ ଶୁଣାଣିରେ ମୋଟ ୫୪ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରାଯାଇଥିଲା।ସେଥିମଧ୍ୟରୁ ବ୍ୟକ୍ତିଗତ ୪୪ ଟି ସାମୁହିକ ୧୦ ଟି ରହିଥିଲା | ୨ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। ରାଜସ୍ୱ, ସାମାଜିକ ସୁରକ୍ଷା, ଗ୍ରାମୀଣ ଆବାସ, ସରକାରୀ କଲ୍ୟାଣମୂଳକ ଯୋଜନା ଓ ଅନ୍ୟାନ୍ୟ ନାଗରିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଉପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ।

ଏହି ଅବସରରେ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ (ସିଏମଆରଏଫ) ୫,୦୦୦ ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଥିଲା।

ପୂର୍ବ ଜନ ଅଭିଯୋଗ ଶୁଣାଣିର ଅଗ୍ରଗତି ସମୀକ୍ଷା କରାଯାଇଥିବା ବେଳେ ୧୬.୦୨.୨୦୨୬ ତାରିଖରେ ଅନୁଷ୍ଠିତ ଶୁଣାଣିରେ ଗ୍ରହଣ କରାଯାଇଥିବା ୬୯ଟି ଅଭିଯୋଗ ମଧ୍ୟରୁ ୬୧ଟି ଅଭିଯୋଗର ସମାଧାନ ହୋଇଥିବା ସୂଚନା ପ୍ରଦାନ କରାଯାଇଛି । ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା,ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ବିଡିଓ ନମିତା ବାରିକ, ତହସିଲଦାର ସରୋଜ କୁମାର ନାୟକ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପାଇଁ ଜିଲ୍ଲାସ୍ତରୀୟ ବୈଠକ



ଯାଜପୁର,୧୯।୫ (ସଂଚାର ବ୍ୟୁରୋ): ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ଲାଗୁ କରାଯାଇଛି। ତେଣୁ ଯାଜପୁର ଜିଲ୍ଲାରେ ଏସଆଇଆର୍ ଆରମ୍ଭ ହେବ। ସେଥିପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏସଆଇଆର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା। ଏଥିରେ ମୃତ ବ୍ୟକ୍ତିଙ୍କ ନାମ ଏବଂ ଡୁପ୍ଲିକେଟ ନାମଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ହଟାଯିବ। ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ। ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ବୃଦ୍ଧି କରିବା ପାଇଁ ଏସଆଇଆର ଲାଗୁ କରାଯାଉଛି।

ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ନୂଆ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତି ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବୁଥ ସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳଙ୍କୁ ଅନୁରୋଧ କରାଯାଇଛି।

ଜିଲ୍ଲାରେ ଜୁଲାଇ ୧ ତାରିଖକୁ କ୍ୱାଲିଫାଇଙ୍ଗ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଜୁନ୍ ୨୮ ସୁଦ୍ଧା ପୋଲିଂ ଷ୍ଟେସନଗୁଡିକର ରାସନାଲାଇଜେଶନ କରାଯିବ। ମଇ ୩୦ରୁ ଜୁନ୍ ୨୮ ଯାଏଁ ବିଏଲଓଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ଜୁଲାଇ ୫ରେ ଡ୍ରାଫ୍ଟ ମତଦାତା ତାଲିକା ପ୍ରକାଶିତ ହେବ ଏବଂ ଜୁଲାଇ ୫ରୁ ଅଗଷ୍ଟ ୪ ଯାଏଁ ଜନସାଧାରଣ ଆପତ୍ତି ଆବେଦନ କରିପାରିବେ। ସେପ୍ଟେମ୍ବର ୬ ତାରିଖରେ ଫାଇନାଲ ମତଦାତା ତାଲିକା ପ୍ରକାଶିତ ହେବ।




ସଂଚାର SANCHAR ବୁଧବାର ୨୦ ମେ ୨୦୨୬



# ବ୍ରେକଫାଷ୍ଟ ଦିନସାରା ଆପଣଙ୍କୁ ରଖିବ ଆକ୍ଟିଭ



ଯଦି ଆପଣ ସକାଳେ ଏକ ହେଲ୍ଦି ଏବଂ ପୁଷ୍ଟିକର ବ୍ରେକଫାଷ୍ଟ କରନ୍ତି, ତେବେ ରୋଗ ଆପଣଙ୍କଠାରୁ ଦୂରରେ ରହିବ ଏବଂ ଆପଣ ମଧ୍ୟ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ। ପ୍ରକୃତରେ ବ୍ରେକଫାଷ୍ଟ ହେଉଛି ଦିନର ପ୍ରଥମ ଭୋଜନ, ତେଣୁ ଏହି ସମୟରେ ସର୍ବଦା ହେଲ୍ଦି ଖାଦ୍ୟ ଖାଇବା ଉଚିତ୍। ଖାଲି ପେଟରେ ସକାଳେ ପ୍ରଥମେ ପାଣି ପିଅନ୍ତୁ। ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରରୁ ଅପରିଷ୍କାର ବିଷାକ୍ତ ପଦାର୍ଥ ସହଜରେ ବାହାରିଯାଇଥାଏ। ଏହା ପରେ, ଶରୀରକୁ ସୁସ୍ଥ ରଖିବା ପାଇଁ ଏକ ପୁଷ୍ଟିକର ବ୍ରେକଫାଷ୍ଟ ଖାଆନ୍ତୁ। ଦିନଟି ଭାରି ଭୋଜନ ସହିତ ନୁହେଁ ବରଂ ହାଲୁକା ଜଳଖିଆ ସହିତ ଆରମ୍ଭ ହେବା ଉଚିତ୍। ଏହା ସହିତ, ଆପଣ ଦିନସାରା ସକ୍ରିୟ ରୁହନ୍ତି ଏବଂ ଆପଣ ଅଳସୁଆ ଅନୁଭବ କରନ୍ତି ନାହିଁ। ଦିନସାରା ଏନର୍ଜିରେ ପରିପୂର୍ଣ୍ଣ ରହିବାକୁ ସକାଳୁ ଉଠିବା ପରେ କେଉଁ ଖାଦ୍ୟକୁ ଆପଣ ନିଜ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ୍? ଆସନ୍ତୁ ଜାଣିବା ଏହା ବିଷୟରେ...

**ବାଦାମ:** ସକାଳେ ଭିଜାଯାଇଥିବା ବାଦାମ ଖାଇବା କେବଳ ଆପଣଙ୍କ ମସ୍ତିଷ୍କକୁ ତୀକ୍ଷ୍ଣ କରେ ନାହିଁ ବରଂ ଆପଣଙ୍କ ଶରୀର ପାଇଁ ଅନେକ ଲାଭ ମଧ ଦେଇଥାଏ। ଅନେକ ଜରୁରୀ ଭିଟାମିନ୍, ପ୍ରୋଟିନ୍ ଏବଂ ମିନେରାଲ୍ସ ବାଦାମରେ ମିଳିଥାଏ ଯାହା ଆପଣଙ୍କୁ ସୁସ୍ଥ ରଖେ। ଏପରି ପରିସ୍ଥିତିରେ, ଯଦି ଆପଣ ଦିନଟି ଭଲ ଭାବରେ ଆରମ୍ଭ କରିବାକୁ ଏବଂ ସୁସ୍ଥ ରହିବାକୁ ଚାହାଁନ୍ତି, ତେବେ ସକାଳେ ବାଦାମ ଖାଆନ୍ତୁ। ବାଦାମକୁ ରାତାରାତି ଭିଜାଇବା ଦ୍ୱାରା ଏହାର ପୁଷ୍ଟିକର ମୂଲ୍ୟ ଆହୁରି ବଢିଥାଏ। ଏହା ବ୍ୟତୀତ ସକାଳେ ବାଦାମ ଖାଇବା କ୍ଷୁଧାକୁ ରୋକିଥାଏ ଯାହା ମୋଟାପଣକୁ ମଧ ନିୟନ୍ତ୍ରଣ କରିଥାଏ।

**ଖଜୁରୀ:** ଖଜୁରୀକୁ ଗୁଣର ଖଣି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଏନର୍ଜି ସହିତ ଦିନ ଆରମ୍ଭ କରିବାକୁ ଚାହାଁନ୍ତି ତେବେ ଖଜୁରୀ ଏକ ଭଲ ଅପ୍ସନ। ଖଜୁରୀରେ ଥିବା ପୁଷ୍ଟିକର ଫାଇବର ଆପଣଙ୍କୁ କେବଳ ଇନଷ୍ଟାଣ୍ଟ ଏନର୍ଜି ପ୍ରଦାନ କରେ ନାହିଁ ବରଂ ଆପଣଙ୍କ ହଜମ ପ୍ରକ୍ରିୟାକୁ ମଧ ମଜବୁତ କରିଥାଏ ଏବଂ କୋଷ୍ଠକାଠିନ୍ୟ ଏବଂ ଏସିଡିଟି ଦୂର କରିଥାଏ।

**ଚିଆ ସିଡ୍ସ:** ଛୋଟ ଦେଖାଯାଉଥିବା ଚିଆ ସିଡ୍ସରେ ପ୍ରଚୁର ପରିମାଣର ପ୍ରୋଟିନ୍ ଥାଏ। ଚିଆ ସିଡ୍ସ ଶରୀର ପାଇଁ ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍, ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ଭିଟାମିନ୍ ବିରେ ପରିପୂର୍ଣ୍ଣ। ଗୋଟିଏ ଚାମଚ ଚିଆ ସିଡ୍ସକୁ ରାତିସାରା ପାଣିରେ ଭିଜାଇ ସକାଳେ ଖାଆନ୍ତୁ। ଏହାକୁ ସ୍ମୁଦୀ, ତାଜା ଫଳ ଏବଂ ଜଳଖିଆରେ ମିଶାଇ ମଧ ଖାଇ ପାରିବେ।

**ଅମୃତଭଣ୍ଡା:** ସକାଳେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ବହୁତ ଭଲ। ଏଥିରେ କ୍ଲିଂଜିଂ ଗୁଣ ଅଛି ଏବଂ ପେଟ ସଫା କରିବାରେ ସାହାଯ୍ୟ କରେ। ଚର୍ମ ପାଇଁ ଅମୃତଭଣ୍ଡା ମଧ ବହୁତ ଭଲ ବୋଲି ବିବେଚନା କରାଯାଏ। ଅମୃତଭଣ୍ଡା ଖାଇବା ପରେ ଅତି କମରେ ଏକ ଘଣ୍ଟା ପର୍ଯ୍ୟନ୍ତ କିଛି ଖାଇବା ଠାରୁ ଦୂରେଇ ରୁହନ୍ତୁ। ଖାଲି ପେଟରେ ଅମୃତଭଣ୍ଡା ଖାଇବା ମଧ ଖରାପ କୋଲେଷ୍ଟ୍ରଲ୍ର ସମସ୍ୟା ଦୂର କରିଥାଏ।



# ସ୍କିନ୍ ସମସ୍ୟାରୁ ମୁକ୍ତି ଚାହାଁନ୍ତି କି?

ଖରାଦିନେ ଅଧିକ ଉତ୍ତାପ ଏବଂ ଝାଳ ହେତୁ ଆମ ସ୍କିନ ଶୁଷ୍କ ଏବଂ ଖରାପ ଦେଖାଯିବା ଆରମ୍ଭ କରେ। ଏପରି ପରିସ୍ଥିତିରେ, ବିଭିନ୍ନ ସ୍କିନ କେୟାର ଏବଂ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବା ପରେ ମଧ୍ୟ ଚେହେରାରେ କୌଣସି ଗ୍ଲୋ କିମ୍ବା ଚମକ ଦେଖାଯାଏ ନାହିଁ। କିନ୍ତୁ ଉଭୟ ପୁରୁଷ ଏବଂ ମହିଳା ନିଜ ସ୍କିନର ଚମକ ବଜାୟ ରଖିବାକୁ ଏବଂ ପ୍ରତ୍ୟେକ ଋତୁରେ ଏହାକୁ ସତେଜ ରଖିବାକୁ ଚାହାଁନ୍ତି। ଏହା ଆପଣଙ୍କୁ ଭଲ ମଧ୍ୟ ଅନୁଭବ କରାଇଥାଏ। କିନ୍ତୁ ଏହି ଋତୁରେ, ସୂର୍ଯ୍ୟ କିରଣ, ଉତ୍ତାପ ଏବଂ ଝାଳ ଯୋଗୁଁ ଅନେକ ସ୍କିନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ। ଖରାଦିନେ ସ୍କିନକୁ ଥଣ୍ଡା କରିବା ପାଇଁ ମୁହଁରେ ଥଣ୍ଡା ଜିନିଷ ଲଗାଯାଏ। ଯେପରିକି କାକୁଡି, ଦହି, ଆଲୋଭେରା ଏବଂ ଗୋଲାପ ଜଳ। ଲୋକମାନେ ସେମାନଙ୍କୁ ବିଭିନ୍ନ ଉପାୟରେ ବ୍ୟବହାର କରନ୍ତି। କେହି କେହି ସେମାନଙ୍କୁ ମିଶ୍ରଣ କରି ଏକ ଫେସ୍ ପ୍ୟାକ୍ ରେ ପ୍ରୟୋଗ କରନ୍ତି। କିନ୍ତୁ ଅଧିକାଂଶ ଲୋକ ଗୋଲାପ ଜଳକୁ ଟୋନର ଭାବରେ ବ୍ୟବହାର କରିବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ ଏହାର ଜେଲ୍ ତିଆରି କରି ଆପଣଙ୍କ ଚେହେରାରେ ଲଗାଇ ପାରିବେ। ଘରେ ତିଆରି ପ୍ରାକୃତିକ ଗୋଲାପ ଫେସ୍ ଜେଲ୍ ସ୍କିନର ହଜିଯାଇଥିବା ଚମକକୁ ଫେରାଇ ଆଣିବା ଏବଂ ଚେହେରାକୁ ସତେଜ ଅନୁଭବ କରିବାରେ ସହାୟକ ହୋଇପାରେ। ସ୍କିନକୁ ହାଇଡ୍ରେଟ୍ ଏବଂ ନରମ ରଖିବାରେ ଏହା ଲାଭଦାୟକ ପ୍ରମାଣିତ ହୋଇପାରେ। ଏହାକୁ ପ୍ରସ୍ତୁତ କରିବା ପାଇଁ ଆପଣଙ୍କୁ ଗୋଲାପ ଫୁଲ, ବାଦାମ ତେଲ, ଗ୍ଲସେରିନ, ଭିଟାମିନ୍ ଇ କ୍ୟାପସୁଲ ଏବଂ ଆଲୋଭେରା ଜେଲ ଆବଶ୍ୟକ ହେବ। ଆପଣ ଘରେ ଗୋଲାପ ଜେଲ ତିଆରି କରି ଏହାକୁ ବ୍ୟବହାର କରିପାରିବେ। ଏହାକୁ ପ୍ରସ୍ତୁତ କରିବା ପାଇଁ, ଆପଣଙ୍କ ଆବଶ୍ୟକତା ଅନୁଯାୟୀ ଗୋଲାପ ଫୁଲକୁ ଭଲ ଭାବରେ ଧୋଇବା ପରେ ଏହାକୁ ଏକ ବ୍ଲେଣ୍ଡରରେ ରଖନ୍ତୁ ଏବଂ ଏହାକୁ ଭଲ ଭାବରେ ବ୍ଲେଣ୍ଡ କରିଦିଅନ୍ତୁ। ଏହା ପରେ କିଛି ବୁନ୍ଦା ବାଦାମ ତେଲ ମିଶାଇ ଏହାକୁ ଏକ ନରମ ପେଷ୍ଟ ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ଏକ ସୂକ୍ଷ୍ମ ଛଣା ସାହାଯ୍ୟରେ ଛାଣି ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ଗୋଲାପ ଫୁଲର ପେଷ୍ଟ ପକାନ୍ତୁ, ବର୍ତ୍ତମାନ ଏଥିରେ ଗ୍ଲସେରିନ୍ ଏବଂ ଭିଟାମିନ୍ ଇ କ୍ୟାପସୁଲ ମିଶାଇ ଭଲ ଭାବରେ ମିଶାନ୍ତୁ, ତା'ପରେ ସେଥିରେ ଆଲୋଭେରା ଜେଲ୍ ମିଶାନ୍ତୁ ଏବଂ ପେଷ୍ଟଟି ନରମ ଜେଲ୍ ଫର୍ମ ନହେବା ପର୍ଯ୍ୟନ୍ତ ଏହାକୁ ମିଶାନ୍ତୁ। ଏହାପରେ ଆପଣଙ୍କ ଘର ତିଆରି ଗୋଲାପ ଫେସ୍ ଜେଲ୍ ପ୍ରସ୍ତୁତ ହୋଇଯିବ। ବର୍ତ୍ତମାନ ଏହାକୁ ଏକ ଟାଇଟ୍ ପାତ୍ରରେ ରଖନ୍ତୁ ଏବଂ ଏହାକୁ ବ୍ୟବହାର କରନ୍ତୁ। ମନେ ରଖନ୍ତୁ ଏହି ଘରୋଇ ପ୍ରାକୃତିକ ଗୋଲାପ ଫେସ୍ ଜେଲ୍ ୪ ରୁ ୫ ଦିନ ପର୍ଯ୍ୟନ୍ତ ହିଁ ବ୍ୟବହାର କରନ୍ତୁ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଜେଲ୍ ବ୍ୟବହାର କରନ୍ତୁ ନାହିଁ।

# ଫେସ୍ ଡ୍ରାଏ ହେଉଛି କି?

ଗ୍ରୀଷ୍ମଋତୁରେ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇଥାଏ। ଯେମିତିକି ଫେସ୍ ଡ୍ରାଏ ହୋଇଯାଏ, ସ୍କିନ୍ ଖରାପ ଦେଖାଯିବା ସହ ଗୋଡ ମଧ୍ୟ ଫାଟିଥାଏ। ଫେସ୍ ଡ୍ରାଏକୁ ନେଇ ସମସ୍ତେ ଚିନ୍ତାରେ ରହିଥାନ୍ତି। ଏହାସହ ଫେସରେ ଅନେକ ପ୍ରକାର ଜିନିଷ ମଧ୍ୟ ବ୍ୟବହାର କରିଥାନ୍ତି। କାରଣ ଆମ ଶରୀରରେ ଫେସ ହିଁ ମୁଖ୍ୟ ଅଂଶ ହୋଇଥାଏ। ସମସ୍ତେ ଚାହିଁଥାନ୍ତି ଯେ ଫେସ କିପରି ଗ୍ଲୋ କରିବ। ହେଲେ ଶୀତଋତରେ ଫେସ୍ ଆଦୌ ଗ୍ଲୋ କରି ନଥାଏ ବରଂ ଅଧିକ ଖରାପ ଦେଖାଯାଇଥାଏ। ଖାସ୍ କରି ଝିଅମାନେ ଅଧିକ ଟେନସନରେ ପଡିଯାଆନ୍ତି। କାରଣ ସେ ପ୍ରାୟତଃ ସବୁ ସମୟରେ ମେକପ୍ ନେଇଥାନ୍ତି ହେଲେ ଶୀତଋତୁରେ ମେକପ୍ ନେବା ବହୁତ କଷ୍ଟ ହୋଇଯାଇଥାଏ। ଏହି ଋତୁରେ ଫେସ ଡ୍ରାଏ ହୋଇଥାଏ ସେଥିପାଇଁ ମେକଅପ୍ ନେଲେ ସୁନ୍ଦର ଦେଖାଯିବା ବଦଳରେ ଖରାପ ଦେଖାଯାଇଥାନ୍ତି। ଶୀତଋତୁରେ ଅନେକ ପ୍ରକାରର ଲୋସନ ଏବଂ କ୍ରିମ୍ ବ୍ୟବହାର କରିଥାନ୍ତି ଏବଂ ସେହି ଲୋସନ କିମ୍ବା କ୍ରିମ୍ ୧-୨ ଘଣ୍ଟା ଭିତରେ ସୁଖିଯାଏ। ଏହିଭଳି ଅନେକ ପ୍ରଡକ୍ଟ ବ୍ୟବହାର କେଲେ ମଧ୍ୟ କୌଣସି ରେଜଲ୍ଟ ମିଳି ନଥାଏ। ଯାହାକୁ ନେଇ ବହୁତ ଟେନସନ୍ ବଢ଼ିଯାଏ। ହେଲେ ଆଜି ଆମେ ଆପଣଙ୍କୁ ଏପରି କିଛି ଟିପ୍ସ ବିଷୟରେ କହିବୁ ଯାହାକୁ ବ୍ୟବହାର କଲେ ଶୀତଋତୁରେ ଫେସ ଗ୍ଲୋ କରିବା ସହ ଅନେକ ପ୍ରକାର ଫାଇଦା ମଧ୍ୟ ମିଳିବ। ତେବେ ଆସନ୍ତୁ ଜାଣିବା ସେହି ଟିପ୍ସ ବିଷୟରେ। ଏହି ଟିପ୍ସର ନାମ ହେଉଛି 'ନଡିଆ ତେଲ'। ଯଦି ନଡିଆ ତେଲକୁ ଫେସରେ ମସାଜ୍ କରାଯାଏ ତେବେ ଡ୍ରାଏ ନେସ ଦୂର ହୋଇଯାଇଥାଏ। ଖାସ୍ କରି ଶୀତଋତରେ ଫେସରେ ନଡିଆ ତେଲ ମସାଜ୍ କରିବା ନିହାତି ଆବଶ୍ୟକ। ଏହି ନଡିଆ ତେଲ ଅନେକ ଲୋସନଠାରୁ ବେଟର ହୋଇଥାଏ। କାରଣ ଲୋସନ ଲଗାଇଲେ ସେ ୧-୨ ଘଣ୍ଟା ମଧ୍ୟରେ ସୁଖିଯାଇଥାଏ ହେଲେ ନଡିଆ ତେଲ ଦିନସାରା ଫେସକୁ ଚମକାଇଥାଏ। ଏହାସହ ମେକପ୍ ହଟାଇବା ପାଇଁ ମଧ୍ୟ ନଡିଆ ତେଲ ବ୍ୟବହାର କରାଯାଇଥାଏ। ନଡିଆ ତେଲ ଲଗାଇବା ଦ୍ୱାରା ସ୍କିନ୍ ନରମ ହେବା ସହ ଚମକ ମଧ୍ୟ ଆଣିଥାଏ। ଏହା ସହ ଏହି ତେଲକୁ ବ୍ୟବହାର କରିବା ଫଳରେ ଫେସର ଦାଗ ଏବଂ ପିମ୍ପଲ ଦୂର ହୋଇଥାଏ। ନଡିଆ ତେଲ ତ୍ୱଚାରେ ଲଗାଇବା ଫଳରେ କୋଲେଜନ୍ର ଉତ୍ପାଦନ ସୃଷ୍ଟି ହୋଇଥାଏ, ଯାହା ଫଳରେ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଦୂର ହୋଇଯାଇଥାଏ। ଏହା ସହ ଆପଣ ବହୁତ ୟଙ୍ଗ ମଧ୍ୟ ଦେଖାଯିବେ। ଆପଣଙ୍କର ସୁନ୍ଦରତା ଆହୁରି ଦ୍ୱିଗୁଣ ବଢ଼ିଯିବ। ଏହା ସହ ନଡିଆ ତେଲ ଲଗାଇବା ଫଳରେ ଆଲର୍ଜି ଦୂର ହୋଇଥାଏ। ତେବେ ଆପଣ ଯଦି ଶୀତଋତରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତାହାଲେ ନିୟମିତ ଭାବେ ନଡିଆ ତେଲ ଫେସରେ ମସାଜ କରନ୍ତୁ। ଆପଣଙ୍କ ଫେସ ଗ୍ଲୋ କରିବା ସହ ଅନେକ ଫାଇଦା ମଧ୍ୟ ମିଳିବ।



# ପିଲା ପାଟିରେ ଆଙ୍ଗୁଠି ପୂରାଇବା ହାନିକାରକ

ଆରେ ପାଟିରେ ଆଙ୍ଗୁଠି କାହିଁକି ପୁରାଉଛୁ? ରୋଗ ହେବ....ହାତରେ କେତେ ଧୂଳି ଲାଗିଛି ଦେଖିଲୁ। ଏମିତି କେତେ କଟକଣାରେ ବାପା, ମା' ତାଙ୍କ ପିଲାଙ୍କୁ ତାଗିଦ କୁରୁଥିବାର ଦେଖିଥିବେ। ବାରମ୍ବାର ହାତ ଧୋଉଥିବେ। ସ୍ୱଚ୍ଛତା ଉପରେ ବୁଝାଉଥିବାର ମଧ୍ୟ ଦେଖାଯାଏ। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜନ୍ମରୁ ୨ ବର୍ଷର ଛୁଆଙ୍କ ପାଇଁ ଏହା ଉପକାରୀ ବୋଲି କୁହାଯାଇଥାଏ।



**କ'ଣ ରହିଛି ଉପକାରିତା:** ଯେତେବେଳେ ପିଲାମାନେ ପାଟିରେ ଆଙ୍ଗୁଠି ପୁରାଇଥାନ୍ତି, ଏହା ସେମାନଙ୍କ ଆତ୍ମଶାନ୍ତି ଦେଇଥାଏ ବୋଲି କହିଛନ୍ତି। ଯେତେବେଳେ ସେମାନଙ୍କୁ ବିରକ୍ତି ଆସିଥାଏ ସେମାନେ ଆଙ୍ଗୁଠି ଚୋଷିବାଦ୍ୱାରା ଶାନ୍ତି ମିଳିଥାଏ। ଏହା ଏକ ପ୍ରାକୃତିକ ଉପାୟ ଯାହା ଦ୍ୱାରା ପିଲାଟି ନିଜକୁ ସାନ୍ତ୍ୱନା ଦେଇଥାଏ। ଯେତେବେଳେ ପିଲାମାନଙ୍କର ନୂଆ ନୂଆ ଦାନ୍ତ ଉଠେ, ସେମାନେ ଅସହଜ ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ସେଥିରୁ ଆରାମ ପାଇବା ପାଇଁ ସେମାନେ ପାଟିରେ ବାରମ୍ବାର ଆଙ୍ଗୁଠି ପୂରାନ୍ତି। ଏହା ସେମାନଙ୍କୁ ବହୁତ ଆରାମଦାୟକ ଅନୁଭବ କରାଏ। କିଛି ଗବେଷଣା ଅନୁଯାୟୀ, ପିଲାମାନଙ୍କ ପାଟିରେ ଆଙ୍ଗୁଠି ରଖିବା ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ପାଇଁ ସହାୟକ ହୋଇଥାଏ କାରଣ ଏହା ଶରୀରକୁ ହାଲୁକା ଜୀବାଣୁ ସହିତ ମୁକାବିଲା କରିବା ଶିଖିବାରେ ସାହାଯ୍ୟ କରେ। ପିଲାମାନେ କ୍ଷୀର ପିଇବା ପରେ ନିଦ୍ରା ଅନୁଭବ କରନ୍ତି, ସେମାନେ ଜୋରରେ ଆଙ୍ଗୁଳି ଚୋବାଇବା ଆରମ୍ଭ କରନ୍ତି। ଏପରି ପରିସ୍ଥିତିରେ, ବୁଝିଯିବା ଯେ ପିଲାଟି ନିଦ୍ରା ଅନୁଭବ କରୁଛି। ଯଦି ପିଲାଟି ପାଟିରେ ଆଙ୍ଗୁଠି ପୁରାଇ ହସୁଛି, ତେବେ ବୁଝିବାକୁ ହୁଏ ଯେ ସେ ନିଜ ଖୁସି ବ୍ୟକ୍ତ କରୁଛନ୍ତି। ଏପରି କିଛି ଛୋଟ ଛୋଟ କଥାକୁ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ।

**ଏହି ଅଭ୍ୟାସ କେବେଠାରୁ ବନ୍ଦ କରିବା:** କିଛି ଜିନିଷ ଛୋଟ ବୟସରେ ଭଲ ଲାଗିଥାଏ ଓ କିଛି ସ୍ୱାସ୍ଥ୍ୟ ପାଇଁ ଉପଯୋଗ ମନେ ହୁଏ। କିନ୍ତୁ ଧୀରେ ଧୀରେ ଏହି ଅଭ୍ୟାସ ବଡ଼କାଳେ ରୋଗର କାରଣ ସାଜେ। ଯଦି ଆପଣଙ୍କ ପିଲା ୩ରୁ ୪ ବର୍ଷର ହୋଇଯାଏ ଏବଂ ସେ ଲଗାତାର ନିଜ ଆଙ୍ଗୁଠି ଚୋଷୁଛି, ତେବେ ଏହା ତାଙ୍କ ଦାନ୍ତର ବିକାଶକୁ ପ୍ରଭାବିତ କରିପାରେ ବୋଲି ମତ ରହିଛି। ବାରମ୍ବାର ଆଙ୍ଗୁଠି ଚୋବାଇଲେ ଚର୍ମ ସଂକ୍ରମଣ କିମ୍ବା ଜୀବାଣୁ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ।

# କମୁଛି ପୁରୁଷଙ୍କ ଶୁକ୍ରାଣୁ କମୁଛି ପ୍ରଜନନ କ୍ଷମତା



ନୂଆଦିଲ୍ଲୀ: ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ସନ୍ତାନ ଜନ୍ମ ଏକ ପ୍ରାଥମିକ ଅଧିକାର। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଓଡ଼ିଶାରେ ଦମ୍ପତିଙ୍କ ଯେଉଁଭଳି ପ୍ରଜନନ କ୍ଷମତା ହ୍ରାସ ପାଉଛି ଅନେକଙ୍କ ଅଭିଭାବକ ହେବାର ସ୍ୱପ୍ନକୁ ଧୁଳିସାତ୍ କରୁଛି। ୧୯୯୨-୯୩ (ଏନ୍ଏଫ୍ଏଚ୍ଏସ୍-୧)ରେ ପ୍ରଜନନ ହାର ୨.୯% ଥିଲା। ୨୦୧୯-୨୧ (ଏନ୍ଏଫ୍ଏଚ୍ଏସ୍-୫)ରେ ଏହା ୧.୮%ରେ ପହଞ୍ଚିଛି। ୧୯୯୮-୯୯ରେ ୨.୫%, ୨୦୦୫-୦୬ରେ ୨.୪%, ୨୦୧୫-୧୬ରେ ୨.୧% ଥିଲା। ଭାରତ ଏବେ ୬ଷ୍ଠ ପର୍ଯ୍ୟାୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍-୬) କରିବାକୁ ଯାଉଛି। ପ୍ରଥମଥର ପାଇଁ ମୁମ୍ବାଇର ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପପୁଲେସନ୍ ସାଇନ୍ସେସ୍ ହିଁ ଏହି ସର୍ଭେ ଆୟୋଜନ କରୁଛି। ଏନ୍ଏଫ୍ଏଚ୍ଏସ୍-୬ ପ୍ରଜନନ, ଶିଶୁ ଓ ଶିଶୁ ମୃତ୍ୟୁହାର ତଥା ଅନ୍ୟାନ୍ୟ ପରିବାର କଲ୍ୟାଣ ଓ ସ୍ୱାସ୍ଥ୍ୟନିୟାମକ ଭଳି ପ୍ରମୁଖ ସୂଚକାଙ୍କ ପାଇଁ ଜାତୀୟ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଓ ଜିଲ୍ଲାସ୍ତରୀୟ ଆକଳନ ରିପୋର୍ଟ ପ୍ରଦାନ କରିବ। ତେବେ ବର୍ତ୍ତମାନ ଯେଉଁଭଳି ଅବସ୍ଥା ରହିଛି ଆଗାମୀ ଦିନରେ ପ୍ରଜନନ କ୍ଷମତା ହ୍ରାସ ପାଇବାର ଆଶଙ୍କା କମିଯିବ ବୋଲି କିଛି କହିହେବ ନାହିଁ। ଏଥିପାଇଁ କେବଳ ମହିଳାଙ୍କ ବିଳମ୍ବରେ ବିବାହ, ଦୀର୍ଘ ଦିନ ଧରି ପ୍ରୋଟେକ୍ସନ୍ର ବ୍ୟବହାର ନୁହେଁ ବରଂ ପୁରୁଷଙ୍କ ଶୁକ୍ରାଣୁ ହ୍ରାସ ମଧ୍ୟ ସମାନ ପରିମାଣରେ ଦାୟୀ। ଏକ ରିପୋର୍ଟ ଅନୁଯାୟୀ, ମୋଟ୍ ପ୍ରଜନନ ହାର (ଟିଏଫ୍ଆର୍) ପ୍ରତି ମହିଳା ୨.୦ ସନ୍ତାନକୁ ହ୍ରାସ ପାଇଛି, ଯାହା ପ୍ରଜନନର ବଦଳସ୍ତର (ପ୍ରତି ମହିଳା ୨.୧ ସନ୍ତାନ)ରେ ରହିଛି। ସେହିପରି ପ୍ରତି ୧୦୦୦ ପୁରୁଷରେ ୧୦୨୦ ମହିଳାଙ୍କ ଲିଙ୍ଗ ଅନୁପାତ ୧୮୮୧ ପରଠାରୁ ସର୍ବାଧିକ ରେକର୍ଡ ହୋଇଛି, କିନ୍ତୁ ଜନ୍ମ ସମୟରେ ପୁରୁଷଙ୍କ ପ୍ରତି ଲିଙ୍ଗ ଅନୁପାତ ବିକୃତ ରହିଛି। କିଛି ରାଜ୍ୟରେ, ଏନ୍ଏଫ୍ଏଚ୍ଏସ୍-୪ ତୁଳନାରେ ଶିଶୁଙ୍କ ଶରୀରରେ ଷ୍ଟଣ୍ଟିଙ୍ଗ୍, ଅବକ୍ଷୟ ଓ କମ୍ ଓଜନ ସ୍ଥିତି ଆହୁରି ଖରାପ ହୋଇଛି। ବାଲ୍ୟ ବିବାହର ଜାତୀୟ ହାର ହ୍ରାସ ପାଇଛି, ଯଦିଓ ତ୍ରିପୁରା, ପଶ୍ଚିମବଙ୍ଗ, ମଣିପୁର ଓ ପଞ୍ଜାବ ଭଳି ରାଜ୍ୟରେ ଏହା ବୃଦ୍ଧି ପାଇଛି। ଏନ୍ଏଫ୍ଏଚ୍ଏସ୍-୫ ଶିଶୁ ଟୀକାକରଣ, ସୂକ୍ଷ୍ମ ପୋଷକ ତତ୍ତ୍ୱ ଅଭାବ, ଋତୁସ୍ରାବକାଳୀନ ସ୍ୱଚ୍ଛତା, ମଦ୍ୟପାନ, ତମାଖୁ ବ୍ୟବହାର, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ଅଣ-ସଂକ୍ରାମକ ରୋଗ ବିଷୟରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲା।

ଏକ ରିପୋର୍ଟ ଆଧାରରେ, ୭୦ ବର୍ଷ ମଧ୍ୟରେ ପୁରୁଷଙ୍କ ଶୁକ୍ରାଣୁ ୫୦ ପ୍ରତିଶତ ହ୍ରାସ ପାଇଛି। ପରିବେଶ ଓ ଜୀବନଶୈଳୀ ପରିବର୍ତ୍ତନ ସାଙ୍ଗକୁ ଅତ୍ୟଧିକ ଫାଷ୍ଟଫୁଡ୍ ଖାଇବା, ନିଶାଦ୍ରବ୍ୟ ସେବନ, ଆବଶ୍ୟକ ପରିମାଣର ଶୋଇବାର ଅଭାବ, କମ୍ପ୍ୟୁଟର୍ ଓ ମୋବାଇଲ୍ର ମାତ୍ରାଧିକ ବ୍ୟବହାର ଯୋଗୁଁ ଏଭଳି ହେଉଛି। ଓଡ଼ିଶା ପରିପ୍ରେକ୍ଷୀରେ ନିଶା ସହିତ ମଧୁମେହ ଓ ମାତ୍ରାଧିକ ଚିନ୍ତା ପୁରୁଷଙ୍କ ଶୁକ୍ରାଣୁ ସଂଖ୍ୟାକୁ କମାଇବାରେ ଲାଗିଛି। ଯାହାର ସିଧାସଳଖ ପ୍ରଭାବ ପ୍ରଜନନ କ୍ଷମତା ଉପରେ ପଡୁଛି।

# ଡେପାପଡ଼ାରେ ବିଶୁଦ୍ଧ ପାନୀୟ ଜଳ ସାତ ସପନ



ଫିରିଙ୍ଗିଆ,୧୯।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ୪ ନମ୍ବର ୱାର୍ଡର ଡେପାପଡ଼ା ଓ ତିଡ଼ିକନା ସାହିରେ ଦେଖିବାକୁ ମିଳିଛି ପାନୀୟ ଜଳର ଉତ୍କଟ ସମସ୍ୟା। ଉକ୍ତ ଦୁଇଟ ସାହିରେ ଦୀର୍ଘ ବର୍ଷ ଧରି ୨୫ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ପ୍ରକାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରା ଯାଇନଥିବା ଅଭିଯୋଗ କରିଛନ୍ତି ସାହିର ଜନସାଧାରଣ। ହେଲେ ଏଠି କିଛି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ସ୍ଥାନରେ ପହଞ୍ଚିବାର ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ ନିରବ ଦ୍ରଷ୍ଟା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଯାହା ଫଳରେ ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଦୂଷିତ ଚୂଆ ପାଣି ଉପରେ ନିର୍ଭର କରୁଛନ୍ତି।ସେହି ଚୂଆ ପାଣିକୁ ବ୍ୟବହାର କରି ଅନେକ ଶିଶୁ ଓ ବୟସ୍କ ଲୋକ ରୋଗାଗ୍ରସ୍ତ ହେବା ସହ ଅମୂଲ୍ୟ ଜୀବନ ହରାଉଛନ୍ତି।ହେଲେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରୟାସ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସମସ୍ୟା ଘେରରେ ଲୁଇସିଂ ପଞ୍ଚାୟତ ରାଇଗୁଡ଼ା ଗ୍ରାମ ର ଡେପାପଡ଼ା ଓ ତିଡ଼ିକନା ସାହିର ଜନସାଧାରଣ। ଏଠାରେ ନା' ଭଲ ରାସ୍ତାଟିଏ ଅଛି ନା' ବିଶୁଦ୍ଧ ପାନୀୟ ଜଳର ଯୋଗାଣ ? ଲୋକେ ନଜର ଜୀବନ ବଞ୍ଚାଇବା ପାଇଁ ଦୀର୍ଘ ବର୍ଷ ଧରି ବାଧ୍ୟ ହୋଇ ଦୂଷିତ ଚୂଆ ପାଣି ଓ ନାଳ ପାଣି ଉପରେ ନିର୍ଭର କରି ଆସୁଛନ୍ତି।ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶର ଚିତ୍ର ଏଭଳି କି ଆଜ୍ଞା! ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଗାଁ ର ଅନିରୋଧ ରଣା, କାର୍ତ୍ତିକ କହଁର, ପ୍ରମିଳା କହଁର, ଯୁବତୀ ରଣା, ହସ୍ତିନୀ ଦିଗାଲ, ସନ୍ତୋଜିନୀ କହଁର, ଭୂମିକା ଦିଗାଲ, ପ୍ରଭାତ କହଁର, ରଶ୍ମିତା ଦିଗାଲ, ଶର୍ମିତା କହଁର ସମେତ ପୂର୍ବତନ ୱାର୍ଡ ମେମ୍ବର କାଜଲ ଦିଗାଲ ଏହି ଦୁଇଟି ସାହିରେ ଦୁଇଟି ନୂତନ ନଳକୂପ ଖନନ ନିମନ୍ତେ ଦାବି କରିଛନ୍ତି। ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ।ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ବିଭାଗୀୟ ଅଧିକାରୀ କନିଷ୍କ ଯନ୍ତ୍ରୀ ଅଜିତ୍ ବେହେରା ଙ୍କୁ ପଚାରିବାରୁ ଶିଘ୍ର ତଦନ୍ତ କରାଯିବ ଓ ସମସ୍ୟାର ସମାଧାନ କରିବା ପାଇଁ କହିଛନ୍ତି।

## ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

# ୧୨ଟାରୁ ୩ଟା ଯାଏ ଖାଁଖାଁ ଲାଗୁଛି ସହରାଞ୍ଚଳ



ଧାମନଗର,୧୯।୫(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଓ ସହରାଞ୍ଚଳରେ ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୩ଟା ଯାଏ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଛି।୪ଦିନ ହେଲା ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ, ଖାଁଖାଁ ଲାଗୁଛି ସହର ବଜାରଦିନ ୧୨ଟା ପରେ ଦୋକାନ ବଜାର ବନ୍ଦ ସାଙ୍ଗକୁ ରାସ୍ତାଘାଟ ଶୂନ ଶାନ ଦେଖିବାକୁ ମିଳିଥିବା ବେଳେ ମଧ୍ୟାହ୍ନ ସମୟରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ସାଧାରଣ ଜନସାଧାରଣ ନିମନ୍ତେ ଧାମନଗର ଏନ୍ଏସିସିପକ୍ଷରୁ ବିଭିନ୍ନ ଛକ ନିକଟରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ହେଲେ ଗରମ ଗୁଳୁଗୁଳି ଯୋଗୁଁ ଦିନ ମଜୁରିଆ, ରିକ୍ସାଚାଳକ, ନିର୍ମାଣ ଶ୍ରମିକ ଓ ରାସ୍ତାପାଖ ବ୍ୟବସାୟୀ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ଅନେକ ସ୍ଥାନରେ ଲୋକମାନେ ଘରୁ ବାହାରୁନଥିବାରୁ ବଜାର ଓ ବ୍ୟବସାୟରେ ମଧ୍ୟ ପ୍ରଭାବ ପଡ଼ିଛି। ସହରାଞ୍ଚଳ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜ୍ୱର, ଡିହାଇଡ୍ରେସନ ଓ ଅସୁସ୍ଥତା ଆଶଙ୍କାଘାତ ଘଟଣା ବଢ଼ିବାରେ ଲାଗିଛି। ଅତ୍ୟଧିକ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ ଏଭଳି ପରିସ୍ଥିତିରେ ବିଦ୍ୟୁତ କାଟକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ତେବେ ଅତ୍ୟଧିକ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ଏବଂ ଆଶଙ୍କାଘାତ ଘଟଣାକୁ ଦୃଷ୍ଟିରେ ରଖି ପ୍ରଶାସନ ସଚେତନତା ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ଲାଞ୍ଜିଗଡ଼,୧୯।୫(ସଂଚାର ବ୍ୟୁରୋ): ଆଜି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ ସେଠୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବ୍ଲକ ସାମାଜିକ ସମୀକ୍ଷକ ବିମଳ ବାଗଙ୍କ ଉପସ୍ଥିତିରେ ଭିଆରପିମାନେ ଆର୍ଥିକ ବର୍ଷ ୨୦୨୫-୨୬ର ୧ଏପ୍ରିଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ଏବଂ ସମଗ୍ର ଶିକ୍ଷା ଅଭିଯାନ ୨୦୨୪-୨୫ ଓ ୨୦୨୫-୨୬ ର ସମୀକ୍ଷା କରାଯାଇଥିବା ସମସ୍ତ ତଥ୍ୟ ଗୁଡ଼ିକ ଉପସ୍ଥାପନ କରିଥିବାବେଳେ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, ଆଇଟିଡିଏ, କେକେଡିଏ, ପ୍ରଦାନ, ସେବଜଗତ ସଂସ୍ଥା ତଥା ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ସେଗୁଡିକ ସହିତ ମେଳ କରିଥିଲେ।

# ଜିଲ୍ଲାରେ ଏସଆଇଆର୍ ପାଇଁ ରାଜନୈତିକ ଦଳ ସହ ବୈଠକ

ଝାରସୁଗୁଡ଼ା,୧୯।୫(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏସ୍ଆଇଆର୍ ୨୦୨୬ ପାଇଁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବ୍ରଜରାଜ ନଗର) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ( ଝାରସୁଗୁଡ଼ା) ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)-୨୦୨୬ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

## ଭଏଁସା ପ୍ୟାକ୍ସରେ ଚଢ଼ାଉ

# ମଣ୍ଡି ଆରମ୍ଭ ହେବା ପୂର୍ବରୁ ଗୋଦାମ ଗୃହରେ ଧାନ ୧୦୭ ବସ୍ତା



ପାଟଣାଗଡ,୧୯।୫(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଏଁସା ପ୍ରାଥମିକ କୃଷି ସମବାୟ ସମିତିରେ ମଣ୍ଡି ଆରମ୍ଭ ହେବା ପୂର୍ବରୁ ଗୋଦାମ ଗୃହରେ ଧାନ ଗଚ୍ଛିତ ରଖାଯାଇଥିବା ଅଭିଯୋଗରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ଯୁବ ଚାଷୀ ଏହି ଘଟଣା ସମ୍ପର୍କରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ଉପଜିଲାପାଳ ମେହେର ଏଆରସିଏସ୍‌ଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏଆରସିଏସ୍ ରଥ ହେମ୍ବ୍ରମ ଓ ପୋଲିସ୍ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମିଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ହଲଧର ନିଆଲଙ୍କ ଉପସ୍ଥିତିରେ ଗୋଦାମ ଗୃହରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗୋଦାମ ଭିତରେ ମୋଟ ୧୦୭ ବସ୍ତା ଧାନ ଗଚ୍ଛିତ ରହିଥିବା ଚିହ୍ନଟ କରାଯାଇଥିଲା। ପରେ ଏଆରସିଏସ୍ ପକ୍ଷରୁ ସେହି ଧାନ ବସ୍ତାଗୁଡ଼ିକୁ ଗୋଦାମରୁ ଉଠାଇ ନେବାକୁ ସମ୍ପୃକ୍ତ ଚାଷୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି, ତଦନ୍ତକାରୀ ଦଳ ଧାନକୁ ଜବତ (ସିଜ୍) କରିବା ପ୍ରତି ନେଇନଥିବାରୁ ଏବଂ କେବଳ ଉଠାଇ ନେବାକୁ ନିର୍ଦ୍ଦେଶ ଦେଇଥିବାରୁ ଅଭିଯୋଗକାରୀ ଚାଷୀ ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ତାଲିମ କାର୍ଯ୍ୟକ୍ରମ

# ବିଭିନ୍ନ ରାଜନୈତିକ ଦଳମାନଙ୍କୁ ନେଇ ବୈଠକ

ସୁବର୍ଣ୍ଣପୁର,୧୯।୫(ସଂଚାର ବ୍ୟୁରୋ): ସ୍ୱବତନ୍ତ୍ର ସଘନ ସଂଶୋଧନ (ଏସ. ଆଇ.ଆର) ନିମନ୍ତେ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଭାବେ ପୂର୍ବ ପ୍ରସ୍ତୁତି ହୋଇଥିବା ଆଜି ଡଃ ସୌମ୍ୟା ରୂପା ରଥ, ଓ. ପ୍ର. ସେ. ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ଜଣାଇଛନ୍ତି। ଦୀର୍ଘ ଦୁଇରୁ ଅଢେଇ ମାସ ଧରି ଚାଲିବାକୁଥିବା ଏହି ପ୍ରକ୍ରିୟାରେ ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ନିୟମାବଳୀ ଅନୁସାରେ ଏସଆଇଆର କରାଯାଉଛି। ସଠିକ ଭୋଟର ତାଲିକା ତିଆରି କରିବା କ୍ଷେତ୍ରରେ ଏସଆରଆର ଗୋଟିଏ ସୋପାନ। ୨୦୦୨ ପରେ ଦୀର୍ଘ ୨୩ ବର୍ଷ ମଧ୍ୟରେ ପୁଣିଥରେ ଏସଆଇଆର ହେବାକୁ ଯାଉଛି। ଏହି ଏସଆଇଆରରେ ୨୦୦୨ ମସିହା ଭୋଟର ତାଲିକା ସହ ୨୦୨୫ ଭୋଟର ତାଲିକାରୁ ମେଳ(ମ୍ୟାପିଂ) କରାଯିବ। ଯେଉଁ ଭୋଟର ମାନଙ୍କ ନିଜ ନାମ କିମ୍ବା ବାପା, ଜେଜେ ବାପାଙ୍କ ନାମ ୨୦୦୨ ଭୋଟର ତାଲିକାରେ ଥିବ ସେମାନଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। ଯେଉଁ ଭୋଟର ମାନଙ୍କ ନିଜ ନାମ କିମ୍ବା ବାପା, ଜେଜେ ବାପାଙ୍କ ନାମ ନ ଥିବ ସେମାନେ ନିର୍ବାଚନ କମିଶନଙ୍କ ନିୟମାନୁଯାୟୀ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରିବେ। ବର୍ତ୍ତମାନ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ମୋଟ ୨, ୫୩, ୭୨୪ ଜଣ ଭୋଟର ଥିବା ସ୍ଥଳେ ୨, ୩୯, ୭୫୨ଜଣଙ୍କ ମ୍ୟାପିଂ ଅର୍ଥାତ ୯୪.୫ % ହୋଇଛି। ଅବଶିଷ୍ଟ ୧୩, ୯୭୨ ଜଣ ଭୋଟରଙ୍କ ଭୋଟର ତାଲିକାରେ ନାମ ରହିବା ନିମନ୍ତେ ଆବଶ୍ୟକ ଜରୁରୀ ୧୧ ଗୋଟି ବିଭିନ୍ନ ଦସ୍ତାବିଜ ଦାଖଲ କରିବାକୁ ହେବ ଓ ଏଥି ନିମନ୍ତେ ସ୍ତରରେ ଆବଶ୍ୟକ ଶୁଣାଣି ହେବ। ଉପରୋକ୍ତ କାର୍ଯ୍ୟକୁ କ୍ଷେତ୍ର ସ୍ତରରେ ସୁପରିଚାଳନା ନିମନ୍ତେ ୩୧୯ ବୁଥ ପାଇଁ ୩୧୯ ଜଣ ବୁଥ ସ୍ତରୀୟ ଅଧିକାରୀ ଏବଂ ୩୨ ଜଣ ବୁଥ ସ୍ତରୀୟ ଅଧିକାରୀ ନିରୀକ୍ଷିକ ନିୟୋଜିତ ଅଛନ୍ତି, ଏମାନଙ୍କୁ ପୂର୍ବରୁ ଏହି କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି।

# କାଳବୈଶାଖୀରେ ଉଡ଼ିଗଲା ଛପର

## ପଡ଼ୋଶୀ ଘରେ ଆଶ୍ରୟ ନେଲେ ପରିବାର



କଲ୍ୟାଣସିଂହପୁର,୧୯।୫(ସଂଚାର ବ୍ୟୁରୋ): କାଳବୈଶାଖୀର ପ୍ରଭାବରେ କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପ୍ରମିଳା ନାୟକଙ୍କ ଘରର ଛପର ସମ୍ପୂର୍ଣ୍ଣ ଭାବେ ଉଡ଼ିଯାଇଥିବାରୁ ସେମାନଙ୍କ ପରିବାର ପଡ଼ୋଶୀ ଘରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଶିକରପାଇ ଅଞ୍ଚଳରେ ହଠାତ୍ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ବହିଥିଲା ଓ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଲକ୍ଷ୍ମୀନଗର ଗ୍ରାମର ପ୍ରମିଳା ନାୟକଙ୍କ ଘରର ଆଜବେଷ୍ଟସ୍ ଉଡ଼ିଯାଇଥିଲା। ଘଟଣା ସମୟରେ ପରିବାରସଦସ୍ୟମାନେ ଘରଭିତରେ ଥିଲେ, କିନ୍ତୁ ଭାଗ୍ୟବଶତଃ ସମସ୍ତେ ଅଳ୍ପକେ ବର୍ତ୍ତିଯାଇଥିଲେ। ତେବେ ଛପର ଉଡ଼ିଯିବାରୁ ଘରଭିତରେ ଥିବା ଦୈନିକ ବ୍ୟବହାରର ସାମଗ୍ରୀ ବର୍ଷାଜଳରେ ଭିଜି ନଷ୍ଟ ହୋଇଯାଇଛି। ପ୍ରମିଳାଙ୍କ ପରିବାର ଦିନମଜୁରିଆ ହୋଇଥିବାରୁ ଏଭଳି ବିପଦ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ସେମାନେ ପଡ଼ୋଶୀଙ୍କ ଘରେ ମୁଣ୍ଡ ଗୁଞ୍ଜି ରହୁଛନ୍ତି ଓ ଚିନ୍ତାରେ ଅଛନ୍ତି। ସ୍ଥାନୀୟ ଲୋକମାନେ ତୁରନ୍ତ କ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ସହିତ ପକ୍କା ଘର ଯୋଗାଇଦେବାକୁ ଦାବି କରୁଛନ୍ତି।

# ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ

ଭୁବନ,୧୯।୫(ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନ ଶାଖା ତରଫରୁ ମହିଳା ମହାବିଦ୍ୟାଳୟରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ସମେତ ଏନ୍ ଏ ସି ର ଶ୍ରେଷ୍ଠ ୩୦ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରମାଦେବୀ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ସୁପରଭାଇଜର ଡଃ. ମମତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀ ମାନେ ପାଠପଢ଼ା ସହିତ ସାମାଜିକ ଜୀବନରେ ଧ୍ୟାନ ଦେବା ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଭିପି ର ପୂର୍ବତନ ରାଜ୍ୟ ସଭାପତି ଦିଲୀପ କୁମାର ଦାସ ଯୋଗଦେଇ ଛାତ୍ର ଛାତ୍ରୀମାନେ ରାଷ୍ଟ୍ରହୀତ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜ କୁମାର ମିଶ୍ର, ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ ଯୋଗଦେଇ ଏବିଭିପି ର ନୀତି, ଆଦର୍ଶ ଓ ବିଚାରଧାରା ସମ୍ପର୍କରେ ଆଲୋକପାତ କରିଥିଲେ।

# ବିରୁହାଠାରେ ଅଖଣ୍ଡଳମଣି ଏଫ୍‌ପିସିଏଲ୍ ପକ୍ଷରୁ ବ୍ଲକସ୍ତରୀୟ ମୁଗମଣ୍ଡି ଉଦ୍‌ଘାଟନ



ଧାମନଗର,୧୯।୫(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ ବିରୁହା ଠାରେ ବ୍ଲକସ୍ତରୀୟ ମୁଗମଣ୍ଡି ଉଦଘାଟନ ହୋଇଯାଇଛି। ସୋମବାର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କମ୍ପାନୀର ସିଇଓ ସୁବ୍ରତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କମ୍ପାନୀର ଡାଇରେକ୍ଟର ବିକ୍ରମ କେଶରୀ ବସନ୍ତିଆଙ୍କ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ଯୋଗ ଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ଏଥିରେ ଜିଲ୍ଲା କୃଷି ଅଧିକାରିଣୀ ପ୍ରିତିରେଖା ମହାଳିକ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀଣୀ ଅନୁରାଧା ପଣ୍ଡା, ନାଫେଡ୍ ମାର୍କେଟିଂ ହେଡ୍ ଗୋବିନ୍ଦ ମୁର୍ମୁ, ମାର୍କଫେଡ୍ ସେକ୍ରେଟାରୀ ବିଜେନ୍ଦ୍ର କୁମାର ମହାନ୍ତି, ଡିଡିଏମ୍ ନାବାର୍ଡ ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଏହି କେନ୍ଦ୍ରରେ ମୁଗ, ବିରି, ହରଡ, ମସୁର ଭଳି ବିଭିନ୍ନ ଡାଲି ଜାତୀୟ ଫସଲ ସହ ସୋରିଷ, ସୂର୍ଯ୍ୟମୁଖୀ, ବାଦାମ ଓ ଚୀନାବାଦାମ ଭଳି ତେଲ ଜାତୀୟ ଫସଲ ଗୁଣାତ୍ମକ ବୀଜ ଉତ୍ପାଦନ ମାଧ୍ୟମରେ କିପରି କୃଷକଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗୀ ସଂସ୍ଥା ନାବାର୍ଡ, ନାଫେଡ୍ ଓ ମାର୍କଫେଡ୍ ମାଧ୍ୟମରେ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ଚାଷୀମାନେ ସଠିକ ମୂଲ୍ୟ ପାଇବେ ବୋଲି ସୂଚନା ଦେଇଥିଲେ। ବିଶେଷ କରି ଅଞ୍ଚଳର ଚାଷୀମାନେ ପଞ୍ଜିକରଣ କରି ନିଜ ଉତ୍ପାଦିତ ରବି ଫସଲ ଆଣି ସଂଗ୍ରହ କେନ୍ଦ୍ରରେ ଦେଇପାରିବେ। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଜିଲ୍ଲା ପାଇଁ ୬ ହଜାର ଟନ ଫସଲ କ୍ରୟ କରିବାକୁ ଲକ୍ଷ ଧାର୍ଯ୍ୟ ହୋଇଥିବା ବେଳେ ବ୍ଲକ ପାଇଁ ସଠିକ ଫିଗର୍ ମିଳିନାହିଁ।

# ମା' ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ଶେଷ ନଗର ଭ୍ରମଣ

କନ୍ଧମାଳ,୧୯।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଐତିହାସିକ ଯାତ୍ରା ଶ୍ରୀ ମା ନାରାୟଣୀଙ୍କ ସମେତ ପଞ୍ଚ ଦେବୀ ପଞ୍ଚଠାକୁରାଣୀ ଏବଂ ଏହିମାନଙ୍କ ସୁରକ୍ଷାରେ ମା କାଳୀଙ୍କ ଯାତ୍ରାର ଆଜି ଶେଷ ନଗରଭ୍ରମଣ ହେବ। ଯାତ୍ରାର ନଗର ଭ୍ରମଣ ଦିନ ନିର୍ଦ୍ଧାରଣ ଅନୁସାରେ, ଆଜି ଫୁଲବାଣୀ ଚାଇନା ବଜାରକୁ ଯାଇ ସେଠାରେ ଦେବୀ ମାନେ ପୂଜାର୍ଚ୍ଚନା ଗ୍ରହଣ କରି ନିଜ ଅସ୍ଥାୟୀ ମଣ୍ଡପକୁ ଫେରିବେ। ଆସନ୍ତା କାଲି ଯାତ୍ରାର ଶେଷ ଦିବସ ପରମ୍ପରା ଅନୁସାରେ କାଲି ପଞ୍ଚ ଦେବୀ ପଞ୍ଚ ଠାକୁରାଣୀ ନିଜ ନିଜ ମନ୍ଦିରକୁ ବାହୁଡ଼ିବେ। ଦୀର୍ଘ ଏକ ମାସ ଧରି ଚାଲିଥିବା ଏହି ଯାତ୍ରାର ଶେଷ ହେବ। ଦୀର୍ଘ ଏକ ମାସର ଯାତ୍ରା ସମାପନ କରି ପଞ୍ଚ ଠାକୁରାଣୀ ଏବଂ ମା ଦକ୍ଷିଣକାଳୀ ପ୍ରତ୍ୟାଗମନ କରିବେ ସ୍ୱ ମନ୍ଦିର। ପଞ୍ଚ ଠାକୁରାଣୀ ଗମ୍ଭୀରାରୁ ବାହାରି ଶ୍ରୀରାମ ନଗର ରାସ୍ତା ଦେଇ ମୁଖ୍ୟ ରାସ୍ତାକୁ ଯିବେ। ସେଠାରୁ ଡାହାଣ ପଟ ମୁଖ୍ୟ ରାସ୍ତାରେ ପି ଏଚ ଡି ଛକରୁ ଡାହାଣ ପଟ ରାସ୍ତାରେ ସର୍ବମଙ୍ଗଳା ପ୍ରେସକୁ ବାଟ ପୂଜା ପାଇଁ ଯିବେ। ସେଠାରୁ ବାମ ପଟ ରାସ୍ତାରେ ଶଙ୍କର ପାଣିଗ୍ରାହୀ ଘର ଛକ ଦେଇ ଚାଇନା ବଜାରକୁ ପରିଚାଳନା ପୂଜା ପାଇଁ ଯିବେ।

# ନକଲି ଦେଶୀ ମଦ ଜବତ

ମାଲକାନଗିରି,୧୯।୫(ସଂଚାର ବ୍ୟୁରୋ): କୁଡୁମୁଲୁଗୁମ୍ମା ସ୍ଥିତ ଦେଶୀ ମଦ ଭାଟି ନିକଟରେ ଗୋଟିଏ ଅଟୋ ରେଜିଷ୍ଟ୍ରେସନ ନମ୍ବର - ଓଡି୧୦ୱାଇ ୮୦୫୧ ଯୋଗେ ଗତକାଲି ରାତ୍ରରେ ବାଲିମେଳା ଭାଟିରୁ କୁଡୁମୁଲୁଗୁମ୍ମା ଦେଶୀ ଭାଟିରେ ଅନଲୋଡ କରିବାକୁ ଆସିଥିବା ବେଳେ କିଛି ସ୍ଥାନୀୟ ବାସିନ୍ଦା ଉକ୍ତ ବିଷୟରେ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ମୁତାବକ, ଓର୍କେଲ ଥାନାର ସେକେଣ୍ଡ ଅଫିସର ଅଜିତ ସିଂ ବରିହାଙ୍କ ସହିତ କୁଡୁମୁଲୁଗୁମ୍ମା ପୋଲିସ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ୍ ଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଟୋକୁ ଫାଣ୍ଡିକୁ ଆଣିବା ସହିତ ସମସ୍ତ ନକଲି ଦେଶୀ ମଦ ପ୍ୟାକେଟ ଗୁଡିକୁ ଜବତ କରିଥିଲେ। ୧୫ଟି ଜରିବସ୍ତା ମଧ୍ୟରେ ପାଖାପାଖି ୩୦୦୦ ପାଉଚ ଯାହା ମଧ୍ୟରେ ୬୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏହି ମଦ ପାଉଚ ଗୁଡିକରେ କୌଣସି ଲାଇସେନ୍ସ ପ୍ରାପ୍ତ ମଦର ସିଲ୍ କିମ୍ବା ଲୋଗୋ ନଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବରେ ନକଲି ମଦ ବୋଲି ବିବେଚନା କରାଯାଉଛି, ଯାହା ଲ୍ୟାବ୍ ପରିକ୍ଷଣ ପରେହିଁ ନକଲି କି ଅସଲି ଜଣାପଡ଼ିବ। ପୋଲିସ ବର୍ତ୍ତମାନ ସୁଦ୍ଧା ଅଟୋ ଡ୍ରାଇଭର ରୋହିତ ଖରା ଓ କୁଡୁମୁଲୁଗୁମ୍ମା ଦେଶୀମଦ ଭାଟିର ସେଲ୍ସ ମ୍ୟାନ ଅଶୋକ ପାଶୱାନ୍ ଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି,୧୯।୫(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ କାଲିମେଳା ୩୨୬ ଜାତୀୟ ରାଜପଥ ପୋଲିସ ଚେକ୍ ପୋଷ୍ଟ ନିକଟରେ ଥିବା ଏକ (ଲାଡି )କୁଡ଼ିଆ ଭିତରୁ ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ କାଲିମେଳା ହାଟପଦା ସାହିର ସପନ ପାଲ ବୋଲି ଜଣାପଡ଼ିଛି। ଆଜି ସକାଳୁ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖବର ପାଇ କାଲିମେଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥା ଦେଖିଲେ ଏହା ଏକ ହତ୍ୟାକାଣ୍ଡ ହୋଇ ଥାଇପାରେ ବୋଲି ସ୍ଥାନୀୟବାସିନ୍ଦାଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏଯାବତ୍ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ।

# ୨ କୋଟି ହଡ଼ପ ମାମଲା: ନିଲମ୍ବିତ ବିଡିଓଙ୍କ ସହିତ ଏଇଇ ମଧ୍ୟ ଜଡିତ



ବୈଶିଙ୍ଗା,୧୯।୫(ସଂଚାର ବ୍ୟୁରୋ): ନିକଟରେ ବେତନଟୀ ବ୍ଲକର ବିଡିଓ ସୁଶାନ୍ତ କୁମାର ସୁତାର ଚାନ୍ଦବାଲି ସବ ଟ୍ରେଜେରୀ ର ଆଠ କୋଟି ଟଙ୍କା ହେରଫେର ମାମଲା ରେ ନିଲମ୍ବିତ ହେବା ପରେ ତାଙ୍କୁ ବ୍ରହ୍ମପୁର ଆର ଡି ସି କାର୍ଯ୍ୟାଳୟ ରେ ଅଫିସ ଆଟାଚ୍ କରାଯାଇଛି। ମାମଲାର ବିଚାର ନ ସରିବା ଯାଏଁ ଶ୍ରୀ ସୁତାର କାର୍ଯ୍ୟାଳୟ ଛାଡି ବାହାରକୁ ଯାଇ ନ ପାରିବ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ଓ ମାତ୍ର ତାଙ୍କର ନିଲମ୍ବନ ଆଦେଶ ସରକାରୀ ଭାବେ ଇସ୍ୟୁ ହେବା ଏବଂ କାର୍ଯ୍ୟକାରୀ ହେବା ଭିତରେ ୧୧ ଦିନ ବିତି ଯାଇଥିଲା। ଏହି ସମୟ ମଧ୍ୟରେ ବେତନଟୀ ବ୍ଲକ ଆକାଉଣ୍ଟ ଥିବା ୟୁକୋ ବ୍ୟାଙ୍କରୁ ଦୁଇ କୋଟି ଛବିଶ ଲକ୍ଷ ଟଙ୍କା ହେରଫେର ହୋଇଥିବାର ଅଭିଯୋଗ ଆସିଥିଲା. ଏହି ଘଟଣାରେ ନିଲମ୍ବିତ ବିଡିଓ ଶ୍ରୀସୁତାର ଯେତିକି ପରିମାଣରେ ଦାୟୀ ସମ ପରିମାଣରେ ଏ ଇ ଇ ସୌମ୍ୟଶ୍ରୀ ଭୋଇ ମଧ୍ୟ ଦାୟୀ ବୋଲି ଅଭିଯୋଗ କରାଯାଇଛି ଓ କାରଣ ଶ୍ରୀମତୀ ଭୋଇ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ଏହି ବ୍ଲକରେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ବିରୁଦ୍ଧରେ ବହୁ ଆର୍ଥିକ ଅନିୟମିତତା ହୋଇ ଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ସମସ୍ତ କାର୍ଯ୍ୟ ତଦାରଖ ପରେ ବିଲ ପଇଠ କରାଯାଇଥାଏ। ତେଣୁ ଏହି ଦୁଇ କୋଟି ଛବିଶ ଲକ୍ଷ ଟଙ୍କା ହଡପ ମାମଲାରେ ସିଧାସଳଖ ଶ୍ରୀମତୀ ଭୋଇ ଜଡିତ ଥିବାର ଅଭିଯୋଗ ହେଉଛି। କ୍ରାଇମ ବ୍ରାଞ୍ଚ ଏହି ଟଙ୍କା ହଡପ ମାମଲାକୁ ଗୁରୁତ୍ୱ ଦେଲେ ପ୍ରକୃତ ତଥ୍ୟ ସାମନାକୁ ଆସିପାରନ୍ତା। ଏଥି ସହିତ ବିଡିଓ ଙ୍କ ସହିତ ଏ ଇ ଇ ଙ୍କୁ ଚାକିରୀରୁ ବହିଷ୍କାର କରିବାକୁ ଦାବୀ ହେଉଛି।

# ରେଳଷ୍ଟେସନରେ ୧୭ କେଜି ଗଞ୍ଜେଇ ଜବତ

ଝାରସୁଗୁଡା,୧୯।୫(ସଂଚାର ବ୍ୟୁରୋ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଝାରସୁଗୁଡା ରେଳଷ୍ଟେସନ ଅଞ୍ଚଳରେ ଚାଲିଥିବା ବିଶେଷ ଚଢ଼ଉ ସମୟରେ ୧୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ମହାରାଷ୍ଟ୍ର ରାଜ୍ୟର ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ଦଳ ପକ୍ଷରୁ ଝାରସୁଗୁଡା ରେଳଷ୍ଟେସନ ନିକଟରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ସନ୍ଦେହଜନକ ଭାବେ ଯାଉଥିବା ଦୁଇ ଜଣଙ୍କ ନିକଟରୁ ୧୭ କେଜି ଗଞ୍ଜେଇ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ନୀତେଶ ହୋମେଚାନ୍ଦ ମଞ୍ଜିଡ଼ ଓ ଶୁଭମ ଶ୍ୟାମ ପରଡେ।

# ବିଦ୍ୟାଳୟରେ ପାଞ୍ଚ ଛାତ୍ରୀ ଅସୁସ୍ଥ

## ମାନସିକ ଚାପ ଅତ୍ୟଧିକ ବୋଲି ଡାକ୍ତରଙ୍କ ପ୍ରକାଶ

ବୈଶିଙ୍ଗା,୧୯।୫(ସଂଚାର ବ୍ୟୁରୋ): ବୈଶିଙ୍ଗା ସ୍ଥିତ ପ୍ରିୟଂଶୀ ରାଧେ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତେବାସୀ ଛାତ୍ରୀ ମାନଙ୍କ ମଧ୍ୟରୁ ପାଞ୍ଚ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିବା ଘଟଣା ବୈଶିଙ୍ଗା ଡାକ୍ତରଖାନାରୁ ଜଣାପଡ଼ିଛି। ସ୍କୁଲ ଛୁଟି ପଡ଼ିଯାଇଥିଲେ ମଧ୍ୟ ସମସ୍ତ ଛାତ୍ର/ଛାତ୍ରୀ ଙ୍କୁ ହଷ୍ଟେଲ ରେ ରହି କୋଚିଂ କ୍ଲାସ୍ କରାଯାଉଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ହଠାତ ମଙ୍ଗଳବାର ୧୨.୩୦ ମିନିଟ ସମୟରେ ବୈଶିଙ୍ଗା ଡାକ୍ତରଖାନା ଆଣି ପ୍ରାଥମିକ ଚିକିତ୍ସା କରି ପୁଣି ହଷ୍ଟେଲକୁ ଫେରିଥିଲେ। ପୁଣି ସନ୍ଧ୍ୟା ସମୟରେ ଏହି ବିଦ୍ୟାଳୟର ପାଞ୍ଚ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିବା ଯୋଗୁଁ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ। ଡାକ୍ତର ସେମାନଙ୍କ ର ଚିକିତ୍ସା ସମୟରେ ଅତ୍ୟଧିକ ମାନସିକ ଚାପ ଥିବାର ପ୍ରକାଶ କରିଛନ୍ତି। ଘଟଣା ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିବାରେ କୌଣସି ସନ୍ତୋଷ ଜନକ ତଥ୍ୟ ମିଳି ନଥିଲା। ଏଥିରୁ ବିଦ୍ୟାଳୟ କର୍ମିକର୍ତ୍ତା ଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହିଛି। ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀ ମାନଙ୍କୁ ତାଙ୍କ ଅଭିଭାବକ ଙ୍କ ଜିମାରେ ଦିଆଯାଇଥିବା ଜଣାଯାଇଛି।

# ଭୁବନ ଥାନା ଆଇଆଇସିଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

ଭୁବନ,୧୯।୫(ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ଗୁଣ୍ଡା, ଅସାମାଜିକ ଓ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛି ଦିନ ପୂର୍ବେ ଯାଜପୁରରେ ମାଫିଆ ମାନେ ଜଣେ ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଉ ଦେଇ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିବା ବେଳେ ଆଜି ମଙ୍ଗଳବାର ସକାଳେ ଢେଙ୍କାନାଳ ଜିଲ୍ଲା ଭୁବନ ଆଇଆଇସିଙ୍କୁ ଆକ୍ରମଣ କରି ବାଲି ମାଫିଆମାନେ ଗୋଟିଏ ବାଲି ଟ୍ରାକ୍ଟର ଛଡ଼ାଇ ନେଇ ଯିବାରେ ସକ୍ଷମ ହୋଇଛନ୍ତି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଆଜି ମଙ୍ଗଳବାର ସକାଳ ପ୍ରାୟ ୭ ଘଟିକା ସମୟରେ ଭୁବନ ଥାନାଅଧିକାରିଣୀ ରେଣୁବାଳା ସାହୁ ଓ ତାଙ୍କ ଟିମ୍ ମହୁଲପାଳ ସାମିଲ କଣପାଳ ବେଆଇନ ବାଲି ଖାଦାନ ଉପରେ ଚଢ଼ାଉ କରିଥିଲେ।

# ଦୁର୍ଘଟଣାରେ ଦାଦାଙ୍କ ମୃତ୍ୟୁ, ପୁତୁରା ଗୁରୁତର



ମୋହନ,୧୯।୫(ସଂଚାର ବ୍ୟୁରୋ): ଭୋଜି ଖାଇବାକୁ ଯାଉଥିବା ବେଳେ ଦାଦା- ପୁତୁରାଙ୍କ ଦୁର୍ଘଟଣା ଘଟିଛି। ଏଥିରେ ଦାଦାଙ୍କ ମୃତ୍ୟୁ ଘଟିଥିବାବେଳେ ପୁତୁରା ଗୁରୁତର ହୋଇଛନ୍ତି। ଏଭଳି ହୃଦୟବିଦାରକ ଘଟଣା ଗଜପତି ଜିଲାରମୋହନା ଥାନା ଅନ୍ତର୍ଗତ ପଥରଗଡ଼ ନିକଟରେ ଘଟିଛି।ମୃତକଙ୍କ ହେଲେ ଚନ୍ଦ୍ରଗିରି ଢେପସାହିର ସନ୍ତୋଷ ପାଣି। ସେ ତାଙ୍କ ପୁତୁରା ପିଙ୍କୁ ପାଣିଙ୍କ ସହ ବାଇକ୍‌ରେ ଚନ୍ଦ୍ରଗିରିରୁ ଶିକୁଳିପଦର ଅଭିମୁଖେ ଏକ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ପଥରଗଡ଼ର ବୁଲାଣିଆ ରାସ୍ତାରେ ବାଇକ୍‌ଟି ହଠାତ୍ ଭାରସାମ୍ୟ ହରାଇ ପ୍ରାୟ ୪୦ ଫୁଟ୍ ତଳେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲା। ଫଳରେ ଦୁହେଁ ଗୁରୁତର ହୋଇଥିଲେ।ସ୍ଥାନୀୟ ଲୋକେ ତୁରନ୍ତ ଦୁହିଁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ସନ୍ତୋଷ ପାଣିଙ୍କ ଅବସ୍ଥା ଗୁରୁତର ହେବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁତୁରା ପିଙ୍କୁ ପାଣିଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ମୃତଦେହକୁ ଜବତ କରିଛି। ପରେମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିକୁ ପଠାଯାଇଛି। ଘଟଣା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।